

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୧୭ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 17 MAY 2025
Vol.No. 36 ■ No.130 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଦୁର୍ବଳ ହୋଇଗଲାଣି ଇଣ୍ଡିଆ ମେଣ୍ଟ: ପି ଚିଦାମ୍ବରମ

ନୂଆଦିଲ୍ଲୀ, ୧୬/୫ : ବରିଷ୍ଠ କଂଗ୍ରେସ ନେତା ଏବଂ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ 'ଇଣ୍ଡିଆ' ମେଣ୍ଟ ଉପରେ ଚିନ୍ତା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ବିରୋଧୀ ଦଳଗୁଡ଼ିକର ଏହି ମେଣ୍ଟ ଏବେ ବି ସମ୍ପୂର୍ଣ୍ଣ ଏକଜୁଟ ଅଛି କି ନାହିଁ ସେ ସମ୍ପୂର୍ଣ୍ଣ ନିଶ୍ଚିତ ନୁହଁନ୍ତି। ସଲମାନ ଖୁର୍ସିଦ ଏବଂ ମୃତ୍ୟୁଞ୍ଜୟ ସିଂହ ଯାଦବଙ୍କ ଦ୍ୱାରା ଲିଖିତ ପୁସ୍ତକ 'କଣ୍ଟେଷ୍ଟିଙ୍ଗ ଡେମୋକ୍ରାଟିକ୍ ଡେଫିସିଟ୍'ର ଉନ୍ମୋଚନ ଅବସରରେ ଚିଦାମ୍ବରମ ଏହା କହିଛନ୍ତି। ଏହା ବ୍ୟତୀତ, ସେ ଏହା ମଧ୍ୟ କହିଛନ୍ତି ଯେ ସେ ଅନୁଭବ କରୁଛନ୍ତି ଯେ ବିରୋଧୀ ମେଣ୍ଟ ଦୁର୍ବଳ ହୋଇଯାଇଛି। ରାଜ୍ୟସଭା ସାଂସଦ ପି. ଚିଦାମ୍ବରମ କହିଛନ୍ତି, 'ବିରୋଧୀ ଇଣ୍ଡିଆ ମେଣ୍ଟର ଭବିଷ୍ୟତ ସେତେଟା ଉଜ୍ଜ୍ୱଳ ନୁହେଁ। ଯେଉଁଭଳି ମୃତ୍ୟୁଞ୍ଜୟ ସିଂହ ଯାଦବ କହିଛନ୍ତି ଯେ ଏହି ମେଣ୍ଟ ଏବେ ବି



ଅକ୍ଷୁର୍ଣ୍ଣ ଅଛି, କିନ୍ତୁ ମୁଁ ଏ ବିଷୟରେ ନିଶ୍ଚିତ ନୁହେଁ। କେବଳ ସଲମାନ (ଖୁର୍ସିଦ) ହିଁ ଉତ୍ତର ଦେଇପାରିବେ କାରଣ ସେ ଇଣ୍ଡିଆ ମେଣ୍ଟ ପାଇଁ ଆଲୋଚନା ଦଳର ଅଂଶ ଥିଲେ। ଯଦି ଇଣ୍ଡିଆ ମେଣ୍ଟ ସମ୍ପୂର୍ଣ୍ଣ ଅକ୍ଷୁର୍ଣ୍ଣ ରହେ, ତେବେ ମୁଁ ବହୁତ ଖୁସି ହେବି। କିନ୍ତୁ ଏହା ଦୁର୍ବଳ ହୋଇଯାଇଥିବା ପରି ମନେ ହେଉଛି।' ଏହା ସହିତ, ସେ ଆଶା ମଧ୍ୟ ପ୍ରକାଶ କରିଛନ୍ତି ଯେ ଇଣ୍ଡିଆ ମେଣ୍ଟ 'ଏବେ ବି ବଞ୍ଚିପାରିବ, ଏବେ ବି ସମୟ ଅଛି'। ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ମତରେ, 'ଇଣ୍ଡିଆ' ମେଣ୍ଟ ଏମିତି ଏକ ଅତ୍ୟନ୍ତ ଶକ୍ତିଶାଳୀ ଯନ୍ତ୍ରପାତି ବିରୁଦ୍ଧରେ ଲଢୁଛି ଯାହା ସମସ୍ତ କ୍ଷେତ୍ରରେ ଲଢ଼ିବାକୁ ପଡିବ। ଚିଦାମ୍ବରମ କହିଥିଲେ, 'ମୋର ଅଭିଜ୍ଞତା ଏବଂ ଇତିହାସର ଅଧ୍ୟୟନ ଅନୁସାରେ, ଭାରତୀୟ ଜନତା ପାର୍ଟି (ବିଜେପି) ପରି କୌଣସି ରାଜନୈତିକ ଦଳ ଏତେ ଦୃଢ଼ ଭାବରେ ସଂଗଠିତ ନାହିଁ।' ଏହା କେବଳ ଏକ ରାଜନୈତିକ ଦଳ ନୁହେଁ। ଏହା ଗୋଟିଏ ମେସିନ୍ ପଛରେ ଆଉ ଏକ ମେସିନ୍ ଅଛି ଏବଂ ଦୁଇଟି ମେସିନ୍ ଭାରତର ସମସ୍ତ ମେସିନକୁ ନିୟନ୍ତ୍ରଣ କରୁଛି।

## ଜୁନ୍‌ରେ ଓଡ଼ିଶା ଆସିବେ ମୋଦି

### ବିଜେପି ସରକାରର ବର୍ଷ ପୂର୍ତ୍ତି ସମାରୋହରେ ହୋଇପାରନ୍ତି ସାମିଲ



ଭୁବନେଶ୍ୱର, ୧୬/୫ (ନି.ପ୍ର): ଆସନ୍ତା ମାସରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ରାଜ୍ୟରେ ବିଜେପି ସରକାରର ବର୍ଷ ପୂର୍ତ୍ତି ସମାରୋହରେ ଯୋଗଦେବାକୁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଗୃହମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅନ୍ୟ ସଦସ୍ୟ ଓଡ଼ିଶା ଆସିପାରନ୍ତି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବର୍ଷ ପୂର୍ତ୍ତିକୁ ଉତ୍ସବ ବଦଳରେ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ପାଳନ କରିବେ ରାଜ୍ୟ ସରକାର । ଜୁନ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ । ରିପୋର୍ଟ କାର୍ଡ ଧରି ରାଜ୍ୟର ଏକ କୋଟି ପରିବାରଙ୍କ ପାଖରେ ପହଞ୍ଚିବେ ସରକାର । ୨୦୨୪ ନିର୍ବାଚନ ବେଳେ ବିଜେପି ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ ବର୍ଷକ ମଧ୍ୟରେ ୧୧ଟି ପୂରଣ ସରିଲାଣି । ଆଗାମୀ ଏକ ବର୍ଷ ମଧ୍ୟରେ ବଳକା ୧୦ଟି ପ୍ରତିଶ୍ରୁତି ପୂରଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

## ୧୫ ବିଶ୍ୱବିଦ୍ୟାଳୟରେ ନାହାଁନ୍ତି କୁଳପତି: ୬୬ ପ୍ରତିଶତ ଅଧ୍ୟାପକ ପଦବୀ ଖାଲି

ଭୁବନେଶ୍ୱର, ୧୬/୫ (ନି.ପ୍ର): ରାଜ୍ୟରେ ୧୭ ବିଶ୍ୱବିଦ୍ୟାଳୟରୁ ୧୫ରେ ନାହାଁନ୍ତି କୁଳପତି। ୨ ହଜାର ୨୭ ଅଧ୍ୟାପକ ପଦରୁ ୧୩ ଶହ ୫୩ ଅଧ୍ୟାପକ ପଦ ଖାଲି। କୁଳପତି ନିଯୁକ୍ତିକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟରେ ନ୍ୟାୟିକ ଅସଙ୍ଗତି ଦୂର ପରେ ବି ସମସ୍ୟା ଯୋଉଠି ସେଇଠି। ତେବେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କହିବା କଥା, ଉଭୟ ନିଯୁକ୍ତି ପ୍ରକ୍ରିୟା ଯେତେ ଶୀଘ୍ର ସମ୍ଭବ ଆରମ୍ଭ ପାଇଁ ଉଦ୍ୟମ ଚାଲିଛି। କୁଳପତି ଓ ଅଧ୍ୟାପକ ମରୁଡ଼ି ସ୍ଥିତିରେ କେବେ ଆସିବ ସୁଧାର । ରାଜ୍ୟରେ କୁଳପତି ନିଯୁକ୍ତିକୁ ନେଇ ନ୍ୟାୟିକ ଅସଙ୍ଗତି ଦୂର ପରେ ବି ହଟୁନି ବିଶ୍ୱବିଦ୍ୟାଳୟ ସମସ୍ୟା।ଏବେ ବି ୧୭ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଏବେବି ୧୫ଟିରେ କୁଳପତି ପଦ ଖାଲି। ବିଭିନ୍ନ ବିଭାଗରେ ୨ ହଜାର ୨୭ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦବୀ ମଧ୍ୟରୁ ଖାଲିପଡିଛି ୧୩ ଶହ ୫୩ ଅଧ୍ୟାପକ ପଦବୀ। ଅଛନ୍ତି ମାତ୍ର ୬୭୪। ଅର୍ଥାତ୍ ୬୬ ପ୍ରତିଶତ ଅଧ୍ୟାପକ ପଦବି ଖାଲିପଡିଥିବା ବେଳେ ୮୫ ପ୍ରତିଶତରୁ ଅଧିକ କୁଳପତି ପଦ ଫାଙ୍କା। ଅତିଥି ଅଧ୍ୟାପକଙ୍କୁ ନେଇ ସଙ୍କଟ ଭିତରେ ଚାଲିଛି ବିଶ୍ୱବିଦ୍ୟାଳୟରେ ପାଠପଢା। ▶▶ପୃଷ୍ଠା ୭

## ଭୁଜ ଏୟାରବେସରୁ ପ୍ରତିରକ୍ଷାମନ୍ତ୍ରୀଙ୍କ ଚେତାବନୀ: ଟ୍ରେଲର ଦେଖିଲା ପାକିସ୍ତାନ, ବାକି ଅଛି ପୂରା ଫିଲ୍ମ

ନୂଆଦିଲ୍ଲୀ, ୧୬/୫ : ଅପରେସନ୍ ସିନ୍ଦୂର ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଭୁଜ ଏୟାରବେସ୍‌ରେ ପହଞ୍ଚିଥିଲେ । ଗତକାଲି ଜମ୍ମୁକାଶ୍ମୀରରେ ସେନାଙ୍କୁ ଭେଟି ସେନାର ପ୍ରଶଂସା କରିଥିବା ବେଳେ ଆଜି ଭୁଜ ଏୟାରବେସ୍‌ରେ ପହଞ୍ଚି ସେ ସେନା ଯବାନଙ୍କୁ ଭେଟିଛନ୍ତି । ଯବାନଙ୍କୁ ଭେଟିବା ସହ ରାଜନାଥ ସିଂହ ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଇଛନ୍ତି । କହିଛନ୍ତି, ଅପରେସନ୍ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ । ସମୟ ଆସିଲେ ସେ ପୂରା ପିକ୍ଚର୍ ରିଲିଜ୍ କରିବେ, ଏହା କହି ପାକିସ୍ତାନକୁ ବଡ଼ ବାର୍ତ୍ତା ଦେବା ସହ ଭାରତୀୟ



ବାୟୁସେନାର ଉଚ୍ଚ ପ୍ରଶଂସା କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭୁଜରେ କହିଛନ୍ତି, ' ଆମର ବାୟୁସେନା ପାକିସ୍ତାନର ପ୍ରତ୍ୟେକ କୋଣରେ ପ୍ରବେଶ କରିପାରିବାର କ୍ଷମତା ରଖେ । ଏହା କୌଣସି ବଡ଼ କଥା ନୁହେଁ, ଆଉ ଏହା ଏବେ ପ୍ରମାଣିତ ମଧ୍ୟ ହୋଇସାରିଛି । ଆଜି ଭାରତୀୟ ସେନାର କ୍ଷମତା ଏତେ ବଢିଯାଇଛି ଯେ, ଭାରତ ଚାହିଲେ ଯୁଦ୍ଧ ବିମାନଗୁଡ଼ିକ ସୀମା ପାର ନକରି ଏଇଠୁ ▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ

ଖଣ୍ଡପଡ଼ା, ୧୬/୫ (ନି.ପ୍ର): ଖଣ୍ଡପଡ଼ା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ଶେଷରେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ଆଜି ସନ୍ଧ୍ୟାରେ ଜୈନେକ ଠିକାଦାରଙ୍କ ବକେୟା ବିଲ କରାଇଦେବାକୁ କହି ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ ମାଡିବସିଛି। ଫଳରେ ଦୀର୍ଘଦିନ ଧରି ଖଣ୍ଡପଡ଼ା ସହରାଞ୍ଚଳରେ ରାଜ କରିଆସୁଥିବା ଅସାଧୁ ଅଫିସରଙ୍କୁ ବାନ୍ଧିବାରେ ସଫଳ ହୋଇଛି ଭିଜିଲାନ୍ସ ବିଭାଗ। ସହରାଞ୍ଚଳର ଠିକାଦାର ଜ୍ୟୋତିରଞ୍ଜନ ମିଶ୍ର ଦୀର୍ଘଦିନ ଧରି ବିଲ ପାଇଁ ଦୌଡିବା ସହିତ ଏ ଦିଗରେ ▶▶ପୃଷ୍ଠା ୭

## କାଳବୈଶାଖୀ ପ୍ରଭାବରେ ଭୟଙ୍କର ବଜ୍ରପାତ: ବିଲ ଭିତରେ ୩ ଜଣଙ୍କ ମୃତ୍ୟୁ

କୋରାପୁଟ, ୧୬/୫ (ନି.ପ୍ର): କାଳ ସାଜିଲା ବଜ୍ରପାତ । ଗୋଟିଏ ପଟେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି ହୋଇଥିବାବେଳେ ଅନ୍ୟପଟେ ତାଣ୍ଡବ ରଚିଲାଣି ବଜ୍ରପାତ । କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଞ୍ଚଳର ପର୍ଡିଗୁଡ଼ା ଗାଁରେ କାଳ ସାଜିଲା କାଳବୈଶାଖୀ । ବଜ୍ରାଘାତରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ସୂଚନା ରହିଛି । ଜେଜେମା, ନାତୁଣୀ ସହ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ବିଲରେ କାମ କରୁଥିବା ସମୟରେ ହଠାତ୍ ବଜ୍ରପାତ କାରଣରୁ ଏପରି ଅଘଟଣ ଘଟିଯାଇଛି । ବଜ୍ରଘାତରେ ଏକାଧିକ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୂଚନା ରହିଛି । ତେବେ ଭୁବନେଶ୍ୱର ଓ କଟକକୁ କାଳବୈଶାଖୀ ବର୍ଷା ନେଇ କିଛି ଘଣ୍ଟା ପାଇଁ ଆଲର୍ଟ ଜାରି ହୋଇଛି। ବିଜୁଳି ଓ ଘଡଘଡି ସହ ପ୍ରବଳ ବର୍ଷା ହେବାକୁ ଥିବାରୁ ସତର୍କ କରାଇଛି ପାଣିପାଗ ବିଭାଗ । କୋରାପୁଟ, କଟକ, ଖୋର୍ଦ୍ଧା, ନୟାଗଡ଼, ଯାଜପୁର, ବାଲେଶ୍ୱର ଓ ଗଞ୍ଜାମ ଆଦି ୭ ଜିଲ୍ଲାକୁ ୨ ଘଣ୍ଟା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି । ୬୦ରୁ ୭୦ କିମି ପବନ ସହ ବର୍ଷା ସମ୍ଭାବନା ଥିବାରୁ ସତର୍କ ରହିବାକୁ ପରାମର୍ଶ ଦେଇଛି ପାଣିପାଗ ବିଭାଗ ।

## ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଏବିଡିଓ ଅସିତ କୁମାର ପାତ୍ରଙ୍କୁ ବାନ୍ଧିଲା ଭିଜିଲାନ୍ସ

କଟକ/ଯାଜପୁର, ୧୬/୫ (ନି.ପ୍ର): ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକର ଏବିଡିଓ ଅସିତ କୁମାର ପାତ୍ରଙ୍କୁ ଭିଜିଲାନ୍ସ ଗିରଫ କରିଛି। ଓଡ଼ିଶା ଭିଜିଲାନ୍ସ ଗୁରୁବାର ସକାଳେ ଧର୍ମଶାଳା ବ୍ଲକର ଏବିଡିଓଙ୍କ ୭ଟି ସ୍ଥାନରେ ଚଢ଼ାଉ କରିଥିଲା। ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକର ଏବିଡିଓ ଅସିତ କୁମାର ପାତ୍ରଙ୍କୁ ଭିଜିଲାନ୍ସ ଗିରଫ କରିଛି।

## ୧୬ ଜଣ ଆଇଏଏସ୍ ଅଧିକାରୀଙ୍କୁ ପଦୋନ୍ନତି

ଭୁବନେଶ୍ୱର, ୧୬/୫ (ନି.ପ୍ର): ଲୋକସେବା ଭବନରେ ନିକଟରେ ନିଯୁକ୍ତ ହୋଇଥିବା ୧୬ ଜଣ ଯୁଗ୍ମ ସଚିବ, ଆଇଏଏସ୍ ଅଫିସରମାନଙ୍କୁ ଓଡ଼ିଶା ସରକାର ଅତିରିକ୍ତ ସଚିବ ପଦବିରେ ଅବସ୍ଥାପିତ କରିଛନ୍ତି। ଏନେଇ ଗତକାଲି (ମେ' ୧୫) ସାଧାରଣ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଧରମ ହାଂସଦା, ରୀନା ମହାପାତ୍ର, ଲିଲି କୁମାରୀ କୁଲୁ, ଅରାଧନା ଦାସଙ୍କୁ ପଦୋନ୍ନତି ମିଳିଛି। ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ନରହରି ସେଠୀ, ମଧୁମିତା ରଥ, ଦେବାଶିଷ ସିଂ, ପ୍ରତାପ ଚନ୍ଦ୍ର




ହୋତା, ନିବେଦିତା ମିଶ୍ର, ରେଗା ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନା ଦାସ ପଟ୍ଟନାୟକ, ଅଞ୍ଜନା ପଣ୍ଡା, ନିବେଦିତା ପୁଷ୍ଟି, ସ୍ୱୟଂ ପ୍ରଭା ମହାନ୍ତି, ସୁଦାମ ଚରଣ ମଣ୍ଡଳ ଏବଂ ଗିରିଶ ଚନ୍ଦ୍ର ସିଂହଙ୍କୁ ସରକାରଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଧରମ ହାଂସଦା, ରୀନା ମହାପାତ୍ର, ଲିଲି କୁମାରୀ କୁଲୁ, ଅରାଧନା ଦାସଙ୍କୁ ପଦୋନ୍ନତି ମିଳିଛି। ସେହିପରି ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ନରହରି ସେଠୀ, ମଧୁମିତା ରଥ, ଦେବାଶିଷ ସିଂ, ପ୍ରତାପ ଚନ୍ଦ୍ର ହୋତା, ନିବେଦିତା ମିଶ୍ର, ରେଗା ଗୀତାରାଣୀ ପଟ୍ଟନାୟକ, ଅର୍ଚ୍ଚନା ଦାସ ପଟ୍ଟନାୟକ, ଅଞ୍ଜନା ପଣ୍ଡା, ନିବେଦିତା ପୁଷ୍ଟି, ▶▶ପୃଷ୍ଠା ୭

## ପ୍ରେମ ପାଇଁ ମାଆକୁ ହତ୍ୟା: ଇନଷ୍ଟାଗ୍ରାମ ଚାଟ୍ ଧରାଇଦେଲା ଅପରାଧ

ପାରଳାଖେମୁଣ୍ଡି, ୧୬/୫ (ନି.ପ୍ର): ପ୍ରେମ ଆଗରେ ବଳିପଡ଼ିଲା ମା'ର ମମତା । ପ୍ରେମିକ ସହ ମିଶି ମା'କୁ ହତ୍ୟା କଲା ଅଷ୍ଟମ ଶ୍ରେଣୀର ଝିଅ । ଏଭଳି ଏକ ଘଟଣା ଘଟିଛି ପାରଳାଖେମୁଣ୍ଡି ସୁଣ୍ଡି ସାହି ଅଞ୍ଚଳରେ । ଏହି ଘଟଣାକୁ ନେଇ ଏବେ ଚାରିଆଡେ ଚର୍ଚ୍ଚା । ପାରଳାଖେମୁଣ୍ଡି ପୋଲିସ ମୃତକଙ୍କ ଝିଅ ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରି ସିନ୍ ରିକ୍ରିଏସନ୍ କରିଛି । ଏଥିସହ ଅଭିଯୁକ୍ତ ନାବାଳିକା ହୋଇଥିବାରୁ ତାକୁ ସୁଧାର ଗୃହକୁ ପଠାଇଛି। ଏପଟେ ହତ୍ୟା ଅଭିଯୋଗରେ ନାବାଳିକାର ପ୍ରେମିକ ଓ ତାର ସାଙ୍ଗକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରେମିକ ସହ ମିଶି ମାଆକୁ ହତ୍ୟା । ପୁରୀ ଯାଇ ମାଆର ଶେଷକୃତ୍ୟରେ ବି ସାମିଲ ହେଲା ଝିଅ । ▶▶ପୃଷ୍ଠା ୭

## ଭାରତ ସହ ଆଲୋଚନା ପାଇଁ ଆଗେଇ ଆସିଲେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ: କହିଲେ ସମାଧାନ ପାଇଁ ଜରୁରୀ ସିଧାସଳଖ କଥାବାର୍ତ୍ତା

ନୂଆଦିଲ୍ଲୀ, ୧୬/୫ : ପାକିସ୍ତାନ ଭାରତ ସହ ଆଲୋଚନା ପାଇଁ ନିଜ ଆଡୁ ପ୍ରସ୍ତାବ ଦେଇଛି । ପାକିସ୍ତାନର ଉପ ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଇଶାକ ଦାର ଭାରତ ସହ ଦ୍ୱିପାକ୍ଷିକ ସମସ୍ୟା ସମାଧାନ ପାଇଁ ବ୍ୟାପକ ଆଲୋଚନାର ଆହ୍ୱାନ ଦେଇଛନ୍ତି । ଗୋଟେପଟେ ଆଲୋଚନାର କଥା କହୁଛନ୍ତି ଅନ୍ୟପଟେ ଭାରତକୁ ଧମକ ଦେଉଛନ୍ତି ଇଶାକ ଦାର । ୧୯୬୦ ସିନ୍ଧୁ ଜଳ ଚୁକ୍ତି ନେଇ କଡ଼ା ଚେତାବନୀ ଦେଇ କହିଛନ୍ତି ,ପାକିସ୍ତାନର ଜଳ ପ୍ରବାହରେ କୌଣସି ବାଧା, ଯୁଦ୍ଧର କାର୍ଯ୍ୟ ବୋଲି କୁହାଯିବ । ଏପ୍ରିଲ ୨୨ରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଛି । ପାକିସ୍ତାନ ଉପ ପ୍ରଧାନମନ୍ତ୍ରୀ ଦାର



କହିଛନ୍ତି , ଭାରତ ସହ ଅସ୍ତ୍ରବିରତି ମେ ୧୮ ପର୍ଯ୍ୟନ୍ତ ବଢ଼ାଯାଇଛି, କିନ୍ତୁ ସମସ୍ତ ସମସ୍ୟାର ସମାଧାନ ପାଇଁ ରାଜନୈତିକ ଆଲୋଚନା ଆବଶ୍ୟକ । ଭାରତର ଅଭିଯୋଗକୁ ଖଣ୍ଡନ କରି ଦାର୍ କହିଛନ୍ତି , ପହଲଗାମ୍ ଆକ୍ରମଣ ସହ ପାକିସ୍ତାନର ସମ୍ପର୍କ ଅଭିଯୋଗ ପ୍ରମାଣହୀନ । ପାକିସ୍ତାନ ଚୀନ, ସାଉଦି ଆରବ, କାତାର ଓ ୟୁଏଇ ପରି ମିତ୍ର ରାଷ୍ଟ୍ରମାନଙ୍କୁ ଏ ବିଷୟରେ ଅବଗତ କରିଥିବା ଦାବି କରିଛନ୍ତି ଦାର୍ । ସିନ୍ଧୁ ଜଳ ଚୁକ୍ତି ପାକିସ୍ତାନର କୃଷି ଓ ଜଳବିଦ୍ୟୁତ ପାଇଁ ୮୦% ଜଳ ଯୋଗାଇଥାଏ । ଭାରତର ଚୁକ୍ତି ସ୍ଥଗିତ ନିଷ୍ପତ୍ତି ପାକିସ୍ତାନର କୃଷି ଓ ଅର୍ଥନୀତି ପାଇଁ ବଡ଼ ଆଶଙ୍କା ସୃଷ୍ଟି କରିଛି । ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ଓ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ମଧ୍ୟ ଭାରତର ପଦକ୍ଷେପକୁ ଯୁଦ୍ଧର ଘୋଷଣା ବୋଲି କହିଛନ୍ତି । ପାକିସ୍ତାନ ଏହି ମାମଲାକୁ ବିଶ୍ୱ ବ୍ୟାଙ୍କ, ଜାତିସଂଘ ଓ ଅନ୍ତର୍ଜାତୀୟ ନ୍ୟାୟାଳୟରେ ଉଠାଇବା ପାଇଁ ପ୍ରସ୍ତୁତି ଚଳାଇଛି । ଭାରତ ପକ୍ଷରୁ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରି କହିଛନ୍ତି , ଚୁକ୍ତି ସ୍ଥଗିତ ରଖାଯାଇଛି ଯେପର୍ଯ୍ୟନ୍ତ ପାକିସ୍ତାନ ସୀମାପାର ଆତଙ୍କବାଦକୁ ସମର୍ଥନ ବନ୍ଦ ନକରିଛି । ଭାରତୀୟ ଜଳଶକ୍ତି ମନ୍ତ୍ରୀ ସିଆର ପାଟିଲ ମଧ୍ୟ ଦାବି କରିଛନ୍ତି , ଭାରତ ସିନ୍ଧୁର ଜଳକୁ ନିଜ କୃଷି ଓ ଜଳବିଦ୍ୟୁତ ପାଇଁ ବ୍ୟବହାର କରିବ । ▶▶ପୃଷ୍ଠା ୭

## ଖୁବଶୀଘ୍ର ପୁଟିନଙ୍କୁ ଭେଟିବି : ଟ୍ରମ୍ପ

ନୂଆଦିଲ୍ଲୀ, ୧୬/୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁକ୍ରବାର ଦିନ କହିଛନ୍ତି ଯେ ସେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ସିଧାସଳଖ ଆଲୋଚନା କରିବାକୁ ଯାଉଛନ୍ତି। ଟ୍ରମ୍ପଙ୍କ ଏହି ବୟାନ ଏପରି ଏକ ସମୟରେ ଆସିଛି ଯେତେବେଳେ ପୁଟିନ ତୁର୍କୀର ଇସ୍ତାନବୁଲରେ ହେବାକୁ ଥିବା ରୁଷ-ୟୁକ୍ରେନ ଶାନ୍ତି ▶▶ପୃଷ୍ଠା ୭



# ୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ନୂତନ କାର୍ଯ୍ୟାଳୟ

କେନ୍ଦ୍ରାପଡା,୧୬/୫(ନି. ପ୍ର): କେନ୍ଦ୍ରାପଡା ପୌର ପରିଷଦର ୨୪ତମ ସାଧାରଣ ଅଧିବେଶନ ଗୁରୁବାର ପୌର ସଭାଗୃହ ରେ ଅନୁଷ୍ଠିତ ହୋଇଯାଇଛି । ପୌରାଧକ୍ଷା ସରିତା ସାହୁଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଅଧିବେଶନ ରେ ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୌର ପରିଷଦ ର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂପର୍କରେ ଆଲେଚନା ରେ ଅଂଶ ଗ୍ରହଣ କରିଥିଲେ । ପୌର ପରିଷଦର ନୂତନ ଭବନ ନିର୍ମାଣ ପାଇଁ ବିଧାୟକ ଶ୍ରୀ ବେହେରାଙ୍କ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ୭କୋଟି ୪୭ ଲକ୍ଷ ଟଙ୍କା ପୌରସଂସ୍ଥାକୁ ମିଳି ଥିବାରୁ ସରକାରଙ୍କୁ ଧନ୍ୟବାଦ ଦିଆଯିବା ସହ କୃତଜ୍ଞତା ଜ୍ଞାପନ କରାଯାଇ ଥିଲା । ପୌର କାର୍ଯ୍ୟାଳୟ ପରିସରରେ ଗ୍ରାଉଣ୍ଡ ଫ୍ଲୋରକୁ ଛାଡି ତିନି ମହଲା ବିଶିଷ୍ଟ ପୌର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟକୁ ଆଜିର ବୈଠକରେ ଅନୁମୋଦନ କରାଯାଇଛି । ଏହା ସହ ପୌରସଂସ୍ଥା ର ଆକାଉଟାଣ୍ଟ ଓ ଦୁଇ ଜଣ କନିଷ୍ଠ ଯନ୍ତ୍ରୀ ପଦବୀ ଖାଲି ଥିବାରୁ ଏହାକୁ ତୁରନ୍ତ ପୂରଣ ପାଇଁ ଦାବି ଉପସ୍ଥାପନ କରାଯିବା ସହ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଡେରାବିଶ ବ୍ଲକର କନିଷ୍ଠ ଯନ୍ତ୍ରୀ ସସ୍ମିତା ନାୟକ ସପ୍ତାହରେ ତିନି ଦିନ ପାଇଁ ପୌରସଂସ୍ଥାର କନିଷ୍ଠ ଯନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିବେ ବୋଲି ଜଣାପଡିଛି । ଅନ୍ୟ ଜଣେ ଯନ୍ତ୍ରୀ ଆସନ୍ତା ଜୁଲାଇ ମାସ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବେ ବୋଲି ଆଲୋଚନା କରାଯାଇ ଥିଲା । ଏହା ସହ ପୌରାଂଚଳ ମଧ୍ୟରେ ବିଦ୍ୟୁତ୍ ବିଭାଗର ସମସ୍ତ ଇଲେକ୍ଟ୍ରି ଖୁଣ୍ଟ ମାଧମରେ ଯାଇଥିବା ବିଦ୍ୟୁତ୍ ଯୋଗାଣ ତାର ଗୁଡିକୁ ହଟାଯାଇ କେବୁଲ ମଧମରେ ଭୂତଳ ସଂଯୋଗ କରାଯିବାକୁ ଅନୁମୋଦନ କରାଯାଇଛି । ରଥଯାତ୍ରା ପୂର୍ବରୁ ସମସ୍ତ ମୁଖ୍ୟ ସଡକକୁ ଆବଶ୍ୟକ ସ୍ଥଳେ ମରାମତି କରାଯିବା, ଡ୍ରେନେଚ ସିଷ୍ଟମକୁ ସଜଡା ଯିବା ସହ ଭାଙ୍ଗିରୁଜି ଯାଇଥିବା ସ୍ଲାବ ଗୁଡିକୁ ହଟାଯାଇ ନୂତନ ସ୍ଲାବ ପକାଇବାକୁ ବ୍ୟବସ୍ଥା କରାଯିବ । ଅଚଳ ହୋଇ ଯାଇଥିବା ଲାଇଟ ଗୁଡିକୁ ପରିବର୍ତନ କରାଯାଇ ନୂତନ ଲାଇଟ ଲଗାଯିବାକୁ ବ୍ୟବସ୍ଥା କରାଯାଇଛି । ଏହା ସହ ପାନୀୟ ଜଳ ଯୋଗାଣ ଉପରେ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ପୌରସଂସ୍ଥା ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡିକୁ ରଥଯାତ୍ରା ପୂର୍ବରୁ ସାରିବା ପାଇଁ ବୈଠକରେ ଅନୁମୋଦନ କରାଯାଇ ଥିଲା । ଆଜିର ବୈଠକରେ ବିଧାୟକ ଶ୍ରୀ ବେହେରାଙ୍କ ସହ ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲିମ ଖାନ, ଉପାଧକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, କାଉନସିଲର ନିରାକାର ସ୍ୱାଇଁ, ଫରଜନା ବେଗମ, ଉମେଶ ନାୟକଙ୍କ ସମେତ ଅନ୍ୟ କାଉନସିଲର ମାନେ ଉପସ୍ଥିତ ଥିଲେ ।

# ମୂଷାନଈ ଦଳ ସଫାରେ କୋଟି କୋଟି ଟଙ୍କା ହରିଲୁଟ : ଡ୍ରେନେଜ ଓ ଓବିସିସି ହାତ ଟେକି ବସିଛନ୍ତି

ପୁରୀ,୧୬/୫(ନି. ପ୍ର): ବିଶ୍ୱସ୍ତରୀୟ ସହର ହେବ ଶ୍ରୀକ୍ଷେତ୍ର। ଭାଟିକାନ ସିଟି ପରି ରାସ୍ତାଘାଟ ଓ ରଙ୍ଗୀନ ଆଲୋକରେ ପୁରୀ ସହର ଚକଚକ କରିବ । ବିଦେଶୀ ପର୍ଯ୍ୟଟକ ସମୁଦ୍ରକୂଳେ ଏୟାରପୋର୍ଟରେ ଅବତରଣ କରିବେ । ଏହିସବୁ ପ୍ରସଙ୍ଗ କାନକୁ, ଟିଭି ପାଇଁ ଓ ଖବରକାଗଜ ପାଇଁ ସୁନ୍ଦର ଜଣାପଡୁଥିଲେ ମଧ୍ୟ ପ୍ରକୃତପକ୍ଷେ ପୁରୀ ସହରର ସେତିକି ଉନ୍ନତି ହୋଇପାରିନାହିଁ । ଗାଁ ପରିମଳ ଧୋବା ତୁଠରୁ ପରି ସହରର ପରିମଳ ଅଠରନଳା ଦେଖି ପର୍ଯ୍ୟଟକ ଜାଣି ପାରୁଛନ୍ତି । ହରେକୃଷ୍ଣପୁର ଜେଲ ରୋଡ ରାସ୍ତା ୮୦ ଫୁଟିଆ ଥିବାବେଳେ ଅଠରନଳା ବ୍ରିଜଟି ୨୦ ଫୁଟିଆ । କୁମ୍ଭାରପଡା ଥାନା ପଛପଟେ ମୂଷାନଈ ଉପରେ ବଡ ବ୍ରିଜ ନିର୍ମାଣ ହୋଇପାରିନାହିଁ । ମୂଷାନଦୀର ହୁଳୁହୁଳିଆ ପୋଲ ଠାରୁ ଅଠରନଳା ବ୍ରିଜ ପର୍ଯ୍ୟନ୍ତ ଦଳ ସଫା କରିବା ନାମରେ କୋଟି କୋଟି ଟଙ୍କା ହରିଲୁଟ ହୋଇଥିବା ଅଂଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି । ଦଳକଢା, ଡ୍ରେନ ନିର୍ମାଣ, ଷ୍ଟିଲ ରେଲିଂ, ଡ୍ରେନ ଉପରେ ପାଦଚଲା ରାସ୍ତା ଓ ଗରୁଡ ମୂର୍ତି ନିକଟ ଉନ୍ନତିକରଣରେ ଯେତିକି ଟଙ୍କା ଖର୍ଚ୍ଚ ହୋଇଛି ତାହା ଗୋଟିଏ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିନାହିଁ । ଗରୁଡ ନିକଟରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି । ସେଠାରେ ପଡିଥିବା ଫ୍ଲେବର ଇଟା କଢାଯାଇ ଏବେ ଗ୍ରାନାଇଟ ପଡୁଛି। ଉପର ଚକଚକ୍ ଦେଖାଯାଉଥିଲେ ମଧ୍ୟ ନଦୀ ଶଯ୍ୟା ଦଳ ଘାସରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁନାହିଁ। ସାରୁ ଗଛ, ଗବ ଗଛ, ଲାଜକୁଳୀ ଲତା, ପୋକ ସୁଙ୍ଘା ଗଛ, ବିଛୁଆତି ଗଛ,ପାଣି ଘାସ, କଳିକତି ଦଳ, ଚିଙ୍ଗୁଡିଆ ଦଳ ଭର୍ତି ହୋଇଥିବାରୁ ଡ୍ରେନେଜ ବିଭାଗ କିମ୍ବା ଓବିସିସି ଏହାକୁ ସଫା ନକରି ପର୍ଯ୍ୟଟକ ପହଁରିବା ପାଇଁ ସୁଇମିଙ୍ଗପୁଲ ଖୋଳିବାରେ ଓବିସିସି ଲାଗି ପଡିଛି । ମୂଷାନଦୀର ଦୁଇପାର୍ଶ୍ୱ ସୁଦୃଢ ନଦୀବନ୍ଧ ନଥିବାରୁ ସେଠାରେ ବସ୍ତି ଗଢି ଉଠିଲାଣି । ନଦୀ ଭିତରେ ନଡିଆ ଗଛ, କଦଳୀ ଗଛ ଓ ଚାକୁଣ୍ଡା ଗଛ ଲଗାଇ ସ୍ଥାୟୀ ବାସଗୃହ କରି ରହିଲେଣି । ନଦୀବନ୍ଧ ପାର୍ଶ୍ୱରୁ ବସ୍ତି ଉଠାଇବା ପାଇଁ ବହୁଥର ଉଦ୍ୟମ କରି ପ୍ରଶାସନ ଫେଲ ମାରିଛି । ସହରର ଆବର୍ଜନା ପାଣି ସ୍ୱରେଜ ଓ ଡ୍ରେନେଜ ନାଳ ଦେଇ ମୂଷାନଦୀରେ ମିଶୁଛି । ଏହାର ଦୁର୍ଗନ୍ଧରେ ପର୍ଯ୍ୟଟକ ନାକରେ ରୁମାଲ ଦେଇ ଯାଆଆସ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନଦୀ ଶଯ୍ୟାରେ ଥିବା କଳିକତି ଦଳ ବର୍ଗ ଗୁଣନ ଅନୁପାତ ପରି ବଢି ଚାଲିଛି। ଦଳ କିଛି ଶୁଣୁନାହିଁ । ଔଷଧ ପଡିଲା ଦଳ ମଲା ନାହିଁ । ପଙ୍କରୁ ଦଳକଢା ଶ୍ରମିକ ଜାଲରେ ଦଳକାଢି ରାସ୍ତା ଉପରେ ଗଦା କଲେ ତାହା ମରିଲା ନାହିଁ । ପଙ୍କ କଢା ଜାହାଜ ମେସିନ ପଙ୍କ ଦଳ ପାଣି ଫେଂଟି ଦି ଫୁଟିଆ ପାଇପ ଯୋଗେ ଗୋଟେ କିଲୋମିଟର ଦୂରରେ ଗଦା କଲା । ଭାବିଲା ଆଉ ଦଳ ହେବ ନାହିଁ । କିନ୍ତୁ ବର୍ଷା ଦିନେ ଯେତିକି ଦଳ ଥିଲା ସେତିକି ପୂର୍ଣ ହୋଇଗଲା । ଦଳ ଠିକାଦାରଙ୍କ ପାଇଁ ଆଶୀର୍ବାଦ ପାଲଟିଛି । ଦଳ କାଢିବା ନାମରେ ବାରମ୍ବାର ବିଲ୍ କରାଯାଉଛି । ମୂଷାନଦୀର ବନ୍ଧ ନାହିଁ କି ପାଣି ନାହିଁ । ଉନ୍ନତିକରଣ ନାମରେ ଟଙ୍କା ଖର୍ଚ୍ଚ ହେଉଛି ଘାଇଁ ଘାଇଁ ବୋଲି ଜଣେ ସ୍ଥାନୀୟ ବାସିନ୍ଦା କହିଥିଲେ । ତୁମ୍ବାକୃତି ଅଧରହାଣ୍ଡି ପରି ସ୍ୱରେଜର ଟାଙ୍କି ଉପରକୁ ଚାହିଁ ରହିଥିବା ବେଳେ ତଳେ ଭସ ଭସ ପାଣି ଯାଉଛି । ମୂଷାନଈରେ ମୂଷା ଓ ମଶାଙ୍କ ପାର୍ଦୁଭାବ ବଢିଯାଇଛି । ସକାଳେ ଓ ସଂଧ୍ୟାରେ ସ୍ଥାନୀୟ ମହିଳା ମାନେ ନାକରେ ଲୁଗା ଦେଇ ପାଦଚଲା ରାସ୍ତାରେ ଚାଲୁଛନ୍ତି । ନୂଆ ସରକାର ପୁରୀକୁ ନୂଆ ରୂପରେ ଦେଖିବା ପାଇଁ ମୂଷାନଦୀ ଉନ୍ନତିକରଣକୁ ଯୁଦ୍ଧକାଳୀନ ଭିତିରେ ନଦୀବନ୍ଧ ନିର୍ମାଣ କରିବାକୁ ପୁରୀବାସୀ ମାନେ ଅନୁରୋଧ କରିଛନ୍ତି ।

# ନିର୍ଭୀକ ଅଭିଭାବକ ବି.ସି. ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

କଟକ,୧୬/୫(ନି. ପ୍ର): ୧୯୭୫ ମସିହା, ଧବଳ ନଗର କଟକ ସହର ଚିରାଚରିତ ଭାଇଚାରାର ନିଦର୍ଶନରେ ଦିନ ପରେ ଦିନ ଗଡିଚାଲେ । ନିଜ ରୋଜି ରୋଟି ପାଇଁ ସହର ଭିତରେ କେତେବେଳେ କେମତି କାଁ ଭାଁ ଛୋଟମୋଟ ଗଣ୍ଡଗୋଳ ଘଟୁଥିବା ଦେଖିବାକୁ ମିଳୁଥିଲା । ମାତ୍ର ଚର୍ଚ୍ଚିତ ବିଷୟ, କୌଣସି ଗଣ୍ଡଗୋଳ କାହାରି ପାଇଁ କେବେ ବି ସ୍ମରଣୀୟ ହୋଇନଥାଏ । କାରଣ ତୁଣ୍ଡ ବାଇଦ ସହସ୍ର କୋଷ ନିୟମରେ ଗଣ୍ଡଗୋଳର ଆଭାସ ମିଳିବା ମାତ୍ରେ ଗଣ୍ଡଗୋଳକାରୀଙ୍କ ବଡଭାଇ ମାନେ ତୁରନ୍ତ ଏହାକୁ ସମାଧାନ କରି ଦେଇଥାଆନ୍ତି । ଜୋବ୍ରା, ଶିଖରପୁର, ଗଣ୍ଡରପୁର, ଅଲିସା ବଜାର, ମେରିଆ ବଜାର, ଦରଘା ପାଟଣା, କଦମ ରସୁଲ, ଶେଖ୍ ବଜାର, ମାଛୁଆ ବଜାର, ବେପାରୀ ସାହି, କାଠଗଡା ସାହି, ଡଗର ପଡା ଓ ଶଙ୍କରପୁର ଏରିଆର ଶାନ୍ତିଶୃଙ୍ଖଳା ରକ୍ଷା କରିବାରେ ସେତେବେଳର ମୁରବୀ ମାନଙ୍କ ଶାନ୍ତି କମିଟି ଯାହା ନିଷ୍ପତି ନେଇଥାଏ ତାହା ଆରୋପ ପ୍ରତ୍ୟାରୋପକାରୀ ପକ୍ଷ ସମ୍ପୂର୍ଣ୍ଣ ଭାଇଚାରାରେ ମାନି ନେଇଯାଆନ୍ତି। ଏହାରି ଭିତରେ ତାଳକୁ ତାଳ ଦେଇ ଚାଲିଥାଏ ଦେଶର ସର୍ବାଧିକ ଭାଷାଭାଷୀଙ୍କ ସମାହାର କଟକ ରେଳବାଇ କଲୋନୀ । ଏକ ସୁସ୍ଥ ପରମ୍ପରା ତଥା ବିଭିନ୍ନ ସମସ୍ୟା ସମାଧାନ କରିବାରେ ଅଭିଭାବକ ଦାୟୀତ୍ୱ ତୁଲାଇ ଥାଆନ୍ତି କିଛି ବରିଷ୍ଠ ରେଳବାଇ ଅଧିକାରୀ । କାର୍ଯ୍ୟାଳୟରେ ନିଜ କର୍ତବ୍ୟ ସମ୍ପାଦନ ପରେ ଅବସର ବିନୋଦନ ପାଇଁ ରେଲୱେ ଇନଷ୍ଟିଚ୍ୟୁରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା, ସଭାସମିତି ସହ ଟେବୁଲ୍ ଟେନିସ, ବ୍ୟାଡମିଣ୍ଟନ, କ୍ୟାରମ୍, ଚେସ୍ ଓ ତାସ ଖେଳି ସମୟ ଅତିବାହିତ କରିଥାନ୍ତି । ଏଥିସହ ପାରମ୍ପାରିକ ପର୍ବ ଦଶହରା, କାଳୀପୂଜା, ହୋଲି, ଦୀପାବଳୀ ପାଳନରେ କଲୋନୀରେ ବସବାସ କରୁଥିବା ସବୁ ଧର୍ମ ଓ ଭାଷାଭାଷୀ ରେଳ କର୍ମଚାରୀଙ୍କ ପରିବାର ପାଳନ କରିଥାଆନ୍ତି । ୧୯୮୫ ମସିହା ବେଳକୁ କଟକ ସହରର ବହୁତ କିଛି ପରିବର୍ତନ ହୋଇଥିବା ବେଳେ ଗୋର୍ଖା ଲାଇନ୍ ଠାରୁ ଆରମ୍ଭ କରି ଆରବିସିସି କଲୋନୀ ଓ ଷ୍ଟେସନ ସମ୍ମୁଖ ମୁଖ୍ୟ କଲୋନୀରେ ମଧ ପରିବର୍ତନ ହୋଇ ସାରିଥିଲା । ସେତେବେଳେ କଟକ ରେଲୱେ କଲୋନୀର ମୁରବୀ ଭାବେ ଏସ୍.ଏନ୍. ନାୟକ, ବି.ସି. ମହାନ୍ତି, ପି.କେ ଦାଶ, କେ.ପି. ଦାଶ ଓ ବସନ୍ତ ଶତପଥୀ ବେଶ୍ ପରିଚିତ । ନିଜ ନିଜର ଚାକିରି ସହ ରେଳବାଇ କର୍ମଚାରୀଙ୍କ ବିଭିନ୍ନ ସଂଘର ନେତୃତ୍ୱରେ ରହି କର୍ମଚାରୀଙ୍କ ସମସ୍ୟା ବୁଝିବା ସହ ବାହ୍ୟ ଗଣ୍ଡଗୋଳିଆ ପରିସ୍ଥିତିରୁ ରେଲୱେ କଲୋନୀର ପରିବେଶ ସୁଧାରିବାରେ ବେଶ୍ ସକ୍ରିୟ ଥିଲେ। ଚାକିରିରୁ ଅବସର ନେବାପରେ ସମସ୍ତେ ନିଜ ନିଜର ସ୍ଥାୟୀ ଘରକୁ ଫେରି ବାର୍ଦ୍ଧକ୍ୟ ଓ ପାରିବାରିକ ସୁଖକୁ ଉପଭୋଗ କରିଥିଲେ । ହେଲେ ୨୦୨୫ ମଇ ମାସ ୭ ତାରିଖରେ ବି.ସି. ମହାନ୍ତି ତଥା ଜଗତସିଂହପୁର ଜିଲ୍ଲା ଖମ୍ୱାକୁଳ ନିବାସୀ ବିଜୟ ଚନ୍ଦ୍ର ମହାନ୍ତିଙ୍କ ପରଲୋକ ହୋଇଯାଇଛି । ଚାକିରି କାଳରେ ସେ କଟକ ରେଳ ଷ୍ଟେସନର ଏଏସ୍ଏମ୍, ଏସ୍ଏମ୍ ଓ ଏସ୍ଏସ୍ ପଦବୀ ଠାରୁ ସର୍ବାଧିକ ତାଙ୍କର ପରିଚୟ ଥିଲା ଜଣେ ସ୍ନେହୀ, ଦରଦୀ ବନ୍ଧୁ ଭାବେ ବିଶୃଙ୍ଖଳିତ ପିଲାଙ୍କ ପାଇଁ ଥିଲେ ଜଣେ ରୁକ୍ଷ ଅଭିଭାବକ । କାହା ପୁଅ, କାହା ଝିଅ ସେଥିରେ ଫରକ ନାହିଁ, ରେଲୱେ କଲୋନୀର ମାନେ ସେ ସମସ୍ତଙ୍କୁ ନିଜ ପୁଅଝିଅ ନଜରରେ ସର୍ବଦା ଶୃଙ୍ଖଳିତ ସଂସ୍କାର ଦେଇ ଆସୁଥିଲେ । ସବୁଠାରୁ ବଡ଼ କଥା ପିଲାଙ୍କୁ ଶାସନ ବେଳେ ମାଡ଼ ନୁହେଁ, ଆଖିର ଚାହାଣୀ ଓ ଅତି ସରଳ ଭାଷାରେ ତ୍ରୁଟି ପ୍ରତି ଆକ୍ଷେପ, ବାସ୍ । ଏଭଳି ଅଭିଭାବକତ୍ୱ ପାଇଁ ସଦାସର୍ବଦା ଚିରସ୍ମରଣୀୟ । ଆଜି ଏହି ଅମର ଆତ୍ମାଙ୍କ ସଦଗତି କାମନା ସହ ଅତି ନିବିଡ଼ତାର ସ୍ପର୍ଶରେ ଆସିଥିବା ଆଶିଷ ନାୟକ, ଶୈଳେଶ ମହାନ୍ତି, ସମ୍ବିଦ୍ ମିଶ୍ର, ଶ୍ରୀପତି ସାହୁ, ଗଣପତି ବେହେରା, ଲକ୍ଷ୍ମଣ ସିଂହ, ଜି ସୁଧାକର ଦୋରା, ବିକାସ ସରକାର, ଲଳିତ ମହାନ୍ତି, ରବି ବାରିକ, ତପନ ମଲ୍ଲିକ, ଶାରଦା ପ୍ରସାଦ ମହାନ୍ତି, ପ୍ରଦ୍ୟୁମ୍ନ ଜେନା, ସରୋଜ ପଶାୟତ, ସରୋଜ ନାୟକ, ଡ଼. ଅଶୋକ ନାୟକ, ଶର୍ମିଳା ସାମନ୍ତରାୟ, ଶଶାଙ୍କ ପ୍ରଧାନ, ଅଶୋକ ପଣ୍ଡା, ଅନନ୍ତ ବେବର୍ତା, ଉତ୍କଳ ଭୁଷଣ ରାଉତରାୟ ଓ ସୌଭାଗ୍ୟ ମହାନ୍ତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

ଚମ୍ପୁଆ,୧୬/୫(ନି. ପ୍ର): ଚମ୍ପୁଆ ବ୍ଲକର ବିଭିନ୍ନ ଅଂଚରେ ବାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟ କ୍ଷତି ହେଇଥବାବେଳେ ଚନ୍ଦ୍ରଶେଖରପୁର ପଂଚାୟତ ଅନ୍ତର୍ଗତ ସିଲିପୁଞ୍ଜି ଗ୍ରାମରେ ଗଛ ପଡି ଦୋକାନ ସହିତ ଗାଡି ଭାଙ୍ଗିଥିବା ବେଳେ ବୃଦ୍ଧ ଦମ୍ପତି ଅଳ୍ପକେ ବର୍ତିଯାଇଥିବା ଜଣା ପଡିଛି। ଗତ କାଲି ସନ୍ଧ୍ୟା ପ୍ରାୟ ଛଅଟା ବେଳେ ହଠାତ ବର୍ଷା ସହ ପବନ ବୋହିବା ଆରମ୍ଭ କରିଥିଲା। ବର୍ଷା ଘଡଘଡି ସହ ପ୍ରବଳ ବେଗରେ ପବନ ବୋହିବାରୁ ଗ୍ରାମର କଳାକର ଦାସଙ୍କ ଘର ଉପରେ ଏକ ୟୁକାଲିପଟାସ ଗଛ ପଡିବାରୁ ଘର ଭାଙ୍ଗି ଯାଇଥିବା ବେଳେ ଗଛ ପଡି ଘର ଭିତରେ ଥିବା କଳାକରଙ୍କ ସ୍ତ୍ରୀ ଆହତ ହେଇଛନ୍ତି। ଘରଟି ଅଧାରୁ ଅଧିକ ଭାଙ୍ଗି ଯାଇଛି। ସେହିପରି ଗାଁ ଛକରେ ଦୋକାନ କରିଥିବା ଜଗବନ୍ଧୁ ନାଏକଙ୍କ ଦୋକାନ ଉପରେ ଗଛ ପଡି ଦୋକାନଘର ସଂପୂର୍ଣ ଭାଙ୍ଗି ଯାଇଛି। ଗଛ ପଡିବାରୁ ରାଜେନ୍ଦ୍ର ସାହୁଙ୍କ ବୋଲେରୋଟି ଭାଙ୍ଗି ଯିବା ସହ ଗ୍ରାମରେ ବ୍ୟାପକ କ୍ଷୟ କ୍ଷତି ହେଇଛି। ଏପରିକି ଗଛ ପଡି ବିଦ୍ୟୁତ ତାର ଛିଣ୍ଡିବାରୁ ଅଂଚଳର ଗ୍ରାମ ମାନଙ୍କରେ ବିଦ୍ୟୁତ ସରବରାହ ସଂପୂର୍ଣ ବନ୍ଦ ରହିଛି। ବିରିକୁଆଁ ଗ୍ରାମରେ ଏକ ବିରାଟ କାୟ ତେନ୍ତୁଳି ଗଛ ଉପୁଡି ପଡି ରାସ୍ତା ଉପରେ ପଡି ରହିବା ସହିତ ରତ୍ନାକର ମହାନ୍ତଙ୍କ ଓ ଘାସିନାଥ ମହାନ୍ତଙ୍କ ଘର ଉପରେ ପଡ଼ିରହିଛି। ଗଛ ପଡିବା ଦ୍ୱାରା ଭୂଇଁପୁର ଠାରୁ ସିଲିପୁଞ୍ଜି ଅସନପାଟ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିଛି।

# ହାଇଓ୍ୱା ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ: ଆଇଆଇସିଙ୍କୁ ଭେଟିଲା ଡ୍ରାଇଭର ମହାସଂଘ

ଭଦ୍ରକ,୧୬/୫(ନି. ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ଦୋଳସାହି-ବିଲଣା ରାସ୍ତାର ଲଞ୍ଜାତର ଛକରେ ହାଇଓ୍ୱା ଡ୍ରାଇଭର ଭାଗିରଥି ଦାସଙ୍କୁ ବୁଧବାର ସନ୍ଧ୍ୟାରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ହାଇଓ୍ୱା ମାଲିକ କୁବେରା ଗ୍ରାମର ନରହରି ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୮୦/୨୫ ଏକ ମକଦ୍ଦମା ରୁଜୁ କରି ଆକ୍ରମଣ କାରୀଙ୍କ ମଧ୍ୟରୁ ଲଞ୍ଜାତର ଗ୍ରାମର ଜିତେନ୍ଦ୍ର ମଳିକ ନାମକ ଜଣେ ଯୁବକଙ୍କୁ ଗୁରୁବାର ପୂର୍ବାହ୍ନରେ ଗିରଫ କରି କୋର୍ଟ ଚାଲାଣ କରିଛି । ଅପରପକ୍ଷେ ଓଡ଼ିଶା ଡ୍ରାଇଭର ମହାସଂଘ ତିହିଡ଼ି ଶାଖାର କର୍ମକର୍ତା ଜୀବନ ଜ୍ୟୋତି ଚଣ୍ଡ, ସୁଧାଂଶୁ ବେହେରା,ରଞ୍ଜନ ବାରିକ,ଜଟାଧାରୀ ଦାସ, ଦିଲ୍ଲୀପ ଦାସ,ରମାକାନ୍ତ ବେହେରା ପ୍ରମୁଖ ଗୁରୁବାର ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କୁ ଭେଟି ଏନେଇ ଲିଖିତ ଅଭିଯୋଗ କରିବା ସହ ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି ଜଣାଇଛନ୍ତି । ତେବେ ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ଶ୍ରୀ ଗ୍ରହାଚାର୍ଯ୍ୟ ମହାସଂଘର କର୍ମକର୍ତାଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।ହାଇଓ୍ୱା ମାଲିକ ନରହରି ସାହୁ ଅଭିଯୋଗରେ ଦର୍ଶାଇଛନ୍ତି ଯେ , ଗୁଆମାଳ ଗ୍ରାମର ଭାଗିରଥି ହାଇଓ୍ୱା ନେଇ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ କାର ହାଇଓ୍ୱା ସାମ୍ନାରେ ଅଟକି ରହିଥିଲା । କାରରୁ କିଛି ଲୋକ ଓହ୍ଲେଇ ଆସି ହାଇଓ୍ୱାକୁ ସାଇଡ କରିବାକୁ ଡ୍ରାଇଭର ଭାଗିରଥିଙ୍କୁ କହିଥିଲେ । ସାଇଡ କଲେ ହାଇଓ୍ୱା ଓଲଟି ପଡ଼ିବ ବୋଲି ଭାଗିରଥି କହିଥିଲେ । ଏଥିରେ ସେମାନେ ଉତ୍ୟକ୍ତ ହୋଇ ହାଇଓ୍ୱାର କାଚକୁ ଭାଙ୍ଗି ଡ୍ରାଇଭରଙ୍କୁ ଗାଡ଼ିରୁ ଟାଣିଆଣି ମରଣାନ୍ତକ ଆକ୍ରମଣ କରିଥିଲେ । ପୋଲିସ ଭ୍ୟାନ ହଠାତ ସେଠାରେ ପହଂଚିଯିବାରୁ ଆକ୍ରମଣ କାରୀମାନେ ଫେରାର ହୋଇଯାଇଥିଲେ । ପରେ ଗୁରୁତର ଆହତ ଡ୍ରାଇଭର ଭାଗିରଥିଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ତେବେ ଏହି ଘଟଣା ପରେ ଡ୍ରାଇଭର ମହାସଂଘର କର୍ମକର୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା ।

## ଅଜଣା ଗାଡି ଧକ୍କାରେ ଯୁବକ ମୃତ

ଚମ୍ପୁଆ,୧୬/୫(ନି. ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ମହେଶ୍ୱରପୁର ଛକ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ହେଲେ ମୟୁରଭଂଜ ଜିଲ୍ଲା ଘାଗରବେଡ଼ା ଥାନା ଅନ୍ତର୍ଗତ ରିଘା ଗ୍ରାମର ଜଗମୋହନ ଡାଇସମ୍ (୩୦) । ମିଳିଥିବା ସୂଚନା ଅନୁସାରେ ଗତ ରାତି ପ୍ରାୟ ନଅ ଘଟିକା ସମୟରେ ଜଗମୋହନ ଗ୍ରାମକୁ ଫେରୁଥିବା ବେଳେ ମହେଶ୍ୱରପୁର ଛକ ନିକଟରେ ତାଙ୍କ ବାଇକକୁ ଏକ ଅଜଣା ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଜଗମୋହନ ରାସ୍ତା ଉପରେ ଛିଟିକି ପଡ଼ିଥିଲେ।

# ଅପରେସନ୍ ସିନ୍ଦୂରର ସଫଳତାରେ କେନ୍ଦୁଝରରେ ପରାକ୍ରମ ଶୋଭାଯାତ୍ରା

କେନ୍ଦୁଝର,୧୬/୫(ନି. ପ୍ର):‘ଅପରେସନ୍ ସିନ୍ଦୂର’ର ସଫଳତା ପରେ ଏହାର ବୀର ଗାଥାକୁ ଲୋକଲୋଚନରେ ପ୍ରସାର କରି ଭାରତୀୟ ଯବାନ ମାନଙ୍କୁ ସମ୍ମାନ ଜଣାଇବାକୁ ଆଜି କେନ୍ଦୁଝରଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ତିନି ବାହିନୀର ବୀର ଯବାନଙ୍କୁ କୃତଜ୍ଞତା ଭାବ ପ୍ରକାଶ କରି ଜିଲ୍ଲାସ୍ତରୀୟ ତ୍ରିରଙ୍ଗା ମୋଟରସାଇକେଲ ଶୋଭାଯାତ୍ରା କେନ୍ଦୁଝର ଟାଉନ ପରିକ୍ରମା କରିଥିଲା। ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ପତାକା ପ୍ରଦର୍ଶନ କରି ଏହି ତ୍ରିରଙ୍ଗା ବାଇକ୍ ଯାତ୍ରାର ଶୁଭାରମ୍ଭ କରିଥିଲେ । ବୀର ଯବାନଙ୍କ ସମ୍ମାନାର୍ଥେ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଜନସାଧାରଣଙ୍କ ସହ ବାଇକ ?ରେ ବସି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାଟି ସକାଳ ୮ଟାରେ କାଳୀ ପଡିଆଠାରୁ ବାହାରି ଦୁଃଖିଆ ଛକ, ଶ୍ରୀକ୍ଷେତ୍ର ହୋଟେଲ ଛକ, ଗାନ୍ଧୀ ଛକ, କୋର୍ଟ ଛକ, ଗୋପବନ୍ଧୁ ଛକ ହୋଇ ପୁନର୍ବାର କାଳୀ ପଡିଆଠାରେ ପହଂଚି ଥିଲା। ବିଭିନ୍ନ ପ୍ରଶାସନିକ ଅଧିକାରୀ, ପୁଲିସ ବାହିନୀଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ନାରା ଦେଇ ସହର ପରିକ୍ରମା କରିଥିଲେ। ଏହି ଯାତ୍ରାକୁ ଉଦ୍‌ଘାଟନ ପୂର୍ବକ ଜିଲ୍ଲାପାଳ ବିପତି ସମୟରେ ଆମ ଦେଶ ଦେଶବାସୀଙ୍କ ମର୍ଯ୍ୟାଦା ଓ ସଂକଳ୍ପ ରକ୍ଷା କରିଥିବା ଦେଶର ସ୍ଥଳ, ଜଳ ଓ ଆକାଶ ବାହିନାର ବୀର ଯବାନଙ୍କୁ ପ୍ରଣାମ ଜଣାଇଥିଲେ। ଅନ୍ୟମାନଙ୍କ ମଧରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, କେନ୍ଦୁଝରଗଡ଼ ପୌରାଧକ୍ଷା ଶ୍ରୀମତୀ ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା, ଅଭିଲାଷ ପୁରୋହିତ, ଫିରୋଜ ଖାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ସରୋଜ ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପର୍ଶୁରାମ ବେହେରା କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ, ପାରିଷଦ, ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଶୋଭାଯାତ୍ରା ସମାପ୍ତ ହେବା ପରେ କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶିଷ୍ଟ ସମାଜସେବୀ ଭୈରବାନନ୍ଦ ମିଶ୍ରଙ୍କ ୨ୟ ବାର୍ଷିକ ଶ୍ରାଦ୍ଧୋତ୍ସବ

ଧର୍ମଶାଳା,୧୬/୫(ନି. ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ଦେଉଳି(ବାଲିଗୁଡା) ଗ୍ରାମର ବିଶିଷ୍ଟ ସମାଜସେବୀ ଭୈରବାନନ୍ଦ ମିଶ୍ରଙ୍କର ୨ୟ ବାର୍ଷିକ ଶ୍ରାଦ୍ଧୋତ୍ସବ ପରମାନନ୍ଦ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ଉତ୍ସବରେ ଶିକ୍ଷାବତ୍ ଜଗବନ୍ଧୁ ଶତପଥୀଙ୍କ ତତ୍ୱବଧାନରେ ଅତିଥିଭାବେ ବରିଷ୍ଠ ବିଜେପି ନେତା କାହ୍ନ ଚରଣ ଦାଶ, ଯୁବନେତା ପ୍ରଦିପ ଦାସ, ବାମଦେବ ମିଶ୍ର, ବିଜୟ ଦେବତା, ଦେବିଲାଲ ମିଶ୍ର ଓ ଜିଲା ସ୍ୱଚ୍ଛ ଭାରତ ଅଭିଯାନ ସଂଯୋଜକ ପ୍ରଫୁଲ୍ଲ ଗିରି ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ମିଶ୍ରଙ୍କ କର୍ମମୟ ଜୀବନୀ ସମ୍ପର୍କରେ ଗୁଣଗାନ କରିଥିଲେ । ଏହି ଅବସରରେ ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତିକୁ ଲୋକାର୍ପିତ କରିଥିଲେ । ଅନୁଷ୍ଠାନ ପକ୍ଷରୁ ଅତିଥିମାନେ ଯୁବ ସାମ୍ବାଦିକ ଚିନ୍ମୟ ନାୟକ ଓ ଯୁବ ସମାଜସେବୀ ହିମାଂଶୁ ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନିଲ ରାଉତ,ପ୍ରଫୁଲ୍ଲ ସାହୁ,ବିଦ୍ୟାଧର କରଣ,ଚିତ ରଂଜନ ଗନ୍ତାୟତ,ଅଦିକନ୍ଦ ରାଉତ,ପ୍ରଶାନ୍ତ ମହାରଣା,ଲକ୍ଷ୍ମୀଧର ପତି,ସୁମିତ୍ରା ବେହେରା,ପ୍ରଶାନ୍ତ ବଳ,ମିଥୁନ କୁଣ୍ଡୁ,ମନୋଜ ସାହୁ,ପ୍ରଶାନ୍ତ ଦାସ,ଚିତ ରଂଜନ ଦାସ,ସିପୁନ ଘଡାଇ,ପ୍ରଭାକର ସାହୁ ଓ ଉମେଶ ମିଶ୍ର ପ୍ରମୁଖ ଯୋଗ ଦେଇ ଥିଲେ ।

# ବ୍ଲକ ଅଧ୍ୟକ୍ଷାଙ୍କ ଅନାସ୍ଥା ପ୍ରସ୍ତାବ ଘଟଣା ପରେ ବ୍ଲକ ରାଜନୀତି ସରଗରମ

ସାଲେପୁର ,୧୬/୫(ନି. ପ୍ର): ଗତ କିଛି ଦିନ ପୂର୍ବେ ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ କିଛି ସମିତିସଭ୍ୟ ସଭ୍ୟା ଓ ସରପଂଚମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଗତ ତା.୧୩.୦୫.୨୦୨୫ ରିଖରେ ଆଗତ ଅନାସ୍ଥା ପ୍ରସ୍ତାବ ବିଷୟରେ ଆଲୋଚନା ପାଇଁ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ତାହା ଜିଲ୍ଲା ପ୍ରଶାସନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା । ୫ ଜଣ ସମିତିସଭ୍ୟ ସଭ୍ୟା ଓ ଅନାସ୍ଥା ଦାୟିତ୍ୱରେ ଥିବା ଅତିରିକ୍ତ ଉପଜିଲ୍ଲାପାଳ ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ରହିବାକୁ ନେଇ ଏହି ଅନାସ୍ଥା ବୈଠକକୁ ଅନିର୍ଦ୍ଦିଷ୍ଟ କାଳପାଇଁ ସ୍ଥଗିତ ରଖାଯାଇଥିଲା । ଫଳରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀଙ୍କ ପଦବୀ ବର୍ତମାନ ପାଇଁ କାଏମ ରହିଥିଲା । କାଏମ ରହିବା ପରେ ତା.୧୪.୦୫.୨୦୨୫ ରିଖରେ ଅଧ୍ୟକ୍ଷା ରୋଜି ସେଠୀ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ପହଂଚିଥିଲେ । ସେଠାରେ ତାଙ୍କୁ ବିଜେଡ. କଟକ ସଦର ବିଜେପି ଓ ମାହାଙ୍ଗା ବିଜେପି ପକ୍ଷରୁ ଅଧ୍ୟକ୍ଷାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସେହିଦିନ ସ୍ୱାଧୀନ ପ୍ରାର୍ଥୀଙ୍କ କିଛି ସମର୍ଥକ ଅନୁପସ୍ଥିତ ଥିବା ୫ ଜଣ ସରପଂଚ ସମିତିସଭ୍ୟଙ୍କୁ ଗାଳିଗୁଲଜ କରିଥିଲେ । ଫଳରେ ଏମାନେ ମିଳିତ ଭାବେ ନିଶ୍ଚିନ୍ତକୋଇଲି ଥାନାରେ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ଦାବି କରିଥିଲା ବେଳେ ସାଲେପୁର ଏସ୍‌ଡିପିଓ ଘଟଣା ସଂପର୍କରେ ତଦନ୍ତ କରୁଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ବ୍ଲକ ମାହାଙ୍ଗା ଓ କଟକ ସଦର ନିର୍ବାଚନ ମଣ୍ଡଳୀର ମିଳିତ ବ୍ଲକ ହୋଇଥିବାରୁ ପ୍ରତ୍ୟେକ ସମୟରେ ମାହାଙ୍ଗା ବିଧାୟକମାନଙ୍କର ଦବଦବା ରହିଥାଏ । ଗତ ବିଧାନସଭା ନିର୍ବାଚନରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁତ୍ର ଅଙ୍କିତ ପ୍ରତାପ ଜେନା ବର୍ତମାନର ବିଧାୟକ ଶାରଦା ପ୍ରଧାନଙ୍କଠାରୁ ପରାଜୟ ବରଣ କରିବା ପରେ ତାଙ୍କର କିଛି ସମର୍ଥକ ଶାରଦା ପ୍ରଧାନଙ୍କ ସହ ମିଶିବା ସହ ଉପାଧ୍ୟକ୍ଷ ପଦ ମଧ୍ୟ ହାତେଇଥିଲେ । ପରେ ଅଧ୍ୟକ୍ଷ ପଦ ହାତେଇବା ପାଇଁ ଉଦ୍ୟମ କରିଥିଲେ ହେଁ ବିଧାୟକ ଶାରଦାଙ୍କୁ ସଢ଼ୁଆସି ଆକ୍ରମଣ ସଦୃଶ ମାହାଙ୍ଗା ବିଜେପି, କଟକ ସଦର ବିଜେପି ଓ ମାହାଙ୍ଗା ବିଜେଡି ଏକତ୍ରିତ ହୋଇ ଅଧ୍ୟକ୍ଷା ରୋଜି ସେଠୀଙ୍କ ଅନାସ୍ଥା ପ୍ରସ୍ତାବକୁ କାଏମ ରଖିଥିଲେ । ଫଳରେ ଶାରଦା ପ୍ରଧାନଙ୍କର ଦବଦବା କ୍ଷୁର୍ଣ୍ଣ ହୋଇଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଅପରପକ୍ଷରେ ମିଳିତ ହୋଇଥିବା କଟକ ସଦର ବିଜେପି ଓ ମାହାଙ୍ଗା ବିଜେଡି କେତେ ଦିନ ପର୍ଯ୍ୟନ୍ତ ଏକାଠି ରହିପାରିବେ ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ପଂଚାୟତର ଉନ୍ନୟନ କାମ କେତେ ଦୂର ହୋଇ ପାରିବ ତାହା ଭବିଷ୍ୟତରେ ଜଣାପଡିବ ବୋଲି ଅନୁମାନ କରାଯାଉଛି ।

# ଅପରେସନ୍ ସିନ୍ଦୂର ସଫଳତା ପରେ ସହରରେ ପରାକ୍ରମ ଶୋଭାଯାତ୍ରା

ସମ୍ବଲପୁର,୧୬/୫(ନି. ପ୍ର): ଆତଙ୍କବାଦ ବିରୋଧୀ ଅପରେସନ ‘ସିନ୍ଦୂର’ରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତୀୟ ସେନାର ଏହି ଅଗାଢ଼ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ’ଅପରେସନ୍ ସିନ୍ଦୂର’ର ସଫଳତା ପରେ ଏହାର ବୀର ଗାଥାକୁ ଲୋକଲୋଚନରେ ପ୍ରସାର କରିବା ପାଇଁ ଆଜି ସମ୍ବଲପୁରରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ତିନି ବାହିନୀର ବୀର ଯବାନଙ୍କୁ କୃତଜ୍ଞତା ଭାବ ପ୍ରକାଶ କରି ଜିଲ୍ଲାସ୍ତରରେ ଜିଲ୍ଲା ପ୍ରଶାସନ ତରଫରୁ ତ୍ରିରଙ୍ଗା ମୋଟର ସାଇକେଲ ଶୋଭାଯାତ୍ରା ସମଗ୍ର ସମ୍ବଲପୁର ଟାଉନ ପରିକ୍ରମା କରିଥିଲା । ରାଜସ୍ୱ ବିଭାଗୀୟ ଆୟୁକ୍ତ, ଉତରାଚଂଳ ବିଭାଗ, ସମ୍ବଲପୁର ସଚିନ୍ ରାମଚନ୍ଦ୍ର ଜାଧବ (ଭା.ପ୍ର.ସେ), ଆଇଜି ଶ୍ରୀ ହିମାଂଶୁ ଲାଲ (ଭା.ପୋ.ସେ), ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ (ଭା.ପୋ.ସେ), ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦଭୂଷଣ(ଭା.ପ୍ର.ସେ) ପତାକା ଦେଖାଇ ଉକ୍ତ ମୋଟର ସାଇକେଲ୍ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ମୋଟର ସାଇକେଲ୍ ଶୋଭାଯାତ୍ରା ରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସରକାରୀ କର୍ମଚାରୀ, ଏନ.ସି.ସି. କ୍ୟାଡେଟ, କ୍ରୀଡାବିତ୍, ପୋଲିସ ବାହିନୀ, ଶିକ୍ଷକ, ଶିକ୍ଷୟତ୍ରୀ, ସାଧାରଣ ଲୋକେ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଯୋଗଦାନ କରିଥିଲେ। ବୀର ଯବାନଙ୍କ ସମାନାର୍ଥେ ସମସ୍ତେ ବାଇକରେ ବସି ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାଟି ସକାଳ ୮ଟାରେ ନେଲସନ ମଣ୍ଡେଲା ଛକ ଠାରୁ ବାହାରି ଗୋଲ ବଜାର, ଲକ୍ଷ୍ମୀ ଟକିଜ୍ ଛକ, ମୋଦିପଡ଼ା ଛକ, ଖେତ୍ରରାଜପୁର , ଦେଇ ମା’ ସମଲେଇ ମନ୍ଦିର ନିକଟସ୍ଥ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ପ୍ରାୟ ୬୦୦ ରୁ ଅଧିକ ଲୋକ ଏହି ଶୋଭାଯାତ୍ରାରେ ସାମିଲ ହୋଇ ହାତରେ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରମ୍ ନାରା ଦେଇ ସହର ପରିକ୍ରମା କରିଥିଲେ।

# ମହିଳାଙ୍କ ପାଇଁ ବହୁ ଉପକାରୀ ଏହି ୫ ଯୋଗାସନ: ପିରିୟଡ୍ସ ଯନ୍ତ୍ରଣାରୁ ମୁକ୍ତ ମିଳିବା ସହିତ ଏସବୁ ସମସ୍ୟାରୁ ମିଳିଥାଏ ମୁକ୍ତି

ବାଲାସନ ଏକ ଅତି ସହଜ ଯୋଗାସନ । ଏଥିପାଇଁ ପ୍ରଥମେ ଦୁଇ ଗୋଡ଼କୁ ଆଣ୍ଠୁରୁ ବଙ୍କା କରି ଏବଂ ତଳକୁ ନଇଁ ଏବଂ ମୁଣ୍ଡକୁ ରଖି ବଜ୍ରାସନରେ ବସନ୍ତୁ । ଆପଣଙ୍କ ହାତ ସାମ୍ନାରେ ରଖନ୍ତୁ । ପ୍ରାୟ ୩୦ ସେକେଣ୍ଡ୍ ପାଇଁ ଏହି ପୋଜିସନ୍‌ରେ ରୁହନ୍ତୁ । ଏହି ଆସନ କେବଳ ପିରିୟଡ୍ସ ବା ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ଦିଏ ନାହିଁ ବରଂ ନମନୀୟତା ମଧ୍ୟ ବୃଦ୍ଧି କରେ । ସେହି ସମୟ ମଧ୍ୟରେ ଚାପ ହ୍ରାସ କରି ମନୋଭାବ ପରିବର୍ତ୍ତନକୁ ରୋକିଥାଏ ।





ଋତୁସ୍ରାବ ସମୟରେ ଯନ୍ତ୍ରଣା କମାଇବା ସହିତ ପରିସ୍ରା ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବାରେ ବଜ୍ରାସନ ଲାଭଦାୟକ । ଏହି ଆସନ ଆପଣଙ୍କ ପେଲଭିକ୍ ଫ୍ଲୋର ମାଂସପେଶୀକୁ ମଜବୁତ କରେ ଏବଂ ଚାପ ମଧ୍ୟ ହ୍ରାସ କରେ । ଏହା କରିବା ପାଇଁ, ଆପଣଙ୍କ ଗୋଡ଼କୁ ମୋଡ଼ି ବସନ୍ତୁ ଏବଂ ଆପଣଙ୍କ ପିଠି ସିଧା ରଖନ୍ତୁ । ଏହା ହଜମ ପାଇଁ ମଧ୍ୟ ବହୁତ ଲାଭଦାୟକ ଏବଂ ଖାଇବା ପରେ ମଧ୍ୟ ଏହା କରାଯାଇପାରିବ ।



ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣାରୁ ପାଇବା ପାଇଁ ପ୍ରଜାପତି ଆସନ କରିବା ମଧ୍ୟ ବହୁତ ଲାଭଦାୟକ । ଏହି ଆସନ ପ୍ରଜନନ ଅଙ୍ଗକୁ ମଧ୍ୟ ଶକ୍ତିଶାଳୀ କରିଥାଏ ଏବଂ ଗର୍ଭାବସ୍ଥାରେ ଏହାକୁ ଲାଭଦାୟକ ବୋଲି ବିବେଚନା କରାଯାଏ । ଏହା କରିବା ମଧ୍ୟ ବହୁତ ସହଜ । ଏହି ଆସନ ଆପଣଙ୍କୁ ଚାପରୁ ଦୂରେଇ ରଖିବାରେ ମଧ୍ୟ ସାହାଯ୍ୟ କରେ ।



ମତ୍ସ୍ୟାସନ ମହିଳାମାନଙ୍କ ପାଇଁ ମଧ୍ୟ ବହୁତ ଲାଭଦାୟକ । ଏହି ଆସନଗୁଡ଼ିକ କରିବା ଦ୍ୱାରା ମହିଳାମାନେ ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ପାଆନ୍ତି ଏବଂ ଥାଇରଏଡରୁ ସୁରକ୍ଷିତ ରହନ୍ତି । ଏହି ଆସନ କରିବା ଦ୍ୱାରା ପ୍ରଜନନ ସ୍ୱାସ୍ଥ୍ୟର ଉନ୍ନତି ମଧ୍ୟ ହେବ ।



ଋତୁସ୍ରାବ ସମୟରେ ପ୍ରାୟତଃ ମନୋଭାବ ପରିବର୍ତ୍ତନ ହୁଏ । ଏହାକୁ ଏଡ଼ାଇବା ପାଇଁ, ମହିଳାମାନେ ଅନୁଲୋମ-ବିଲୋମ ଅଭ୍ୟାସ କରିବା ଉଚିତ । ଏହି ଆସନ କରିବା ଦ୍ୱାରା ଶାନ୍ତି ଅନୁଭବ ହୁଏ ଏବଂ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିଥାଏ । ଏହି ପ୍ରାଣାୟମ ଚର୍ମ ପାଇଁ ମଧ୍ୟ ଲାଭଦାୟକ ।




ଋତୁ ଅନୁଯାୟୀ ମିଳୁଥିବା ଫଳ ଖାଇଲେ ଅନେକ ଶାରୀରିକ ସମସ୍ୟାକୁ ଦୂରେଇ ଦେଇହୁଏ । ବିଶେଷ କରି ଖରାଦିନେ ଓ ବର୍ଷାଦିନେ ଟିକେ ଅଧିକ ପରିମାଣରେ ସପୁରୀ ମିଳିଥାଏ । ଏହି ସପୁରୀ ରସ ଆଖି ପାଇଁ ବେଶ ଲାଭଦାୟକ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି ।

♦ସପୁରୀ ରସରରେ ଥିବା ବ୍ରୋମେଲେନ ବିଭିନ୍ନ ପ୍ରକାର ପେଟ ସମସ୍ୟାରୁ ମୁକ୍ତି ଦେଇଥାଏ ।

♦ଏଥିରେ ଥିବା ଏନଜାଇମ ପ୍ରୋଟିନକୁ ହଜମ କରିବାରେ ସହାୟକ ହୋଇଥାଏ । - ସପୁରୀ ରସରେ ଥିବା ଭିଟାମିନ ସି ଓ ପୋଟାସିୟମ ଚର୍ମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ ।

♦ସୁପରୀ ରସ ପିଇଲେ ମୃତ କୋଷିକା ଗୁଡିକ ସହଜରେ ବାହାରି ଯାଆନ୍ତି । ଫଳରେ ଚର୍ମ ଉଜ୍ଜ୍ୱଳ ହୋଇଥାଏ ।

♦ଏହି ରସକୁ ପିଇବା ଫଳରେ ଦାନ୍ତ ବା ମୁଖରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇ ଯାଇଥାଆନ୍ତି ।

# ମଣିଷ ଚିହ୍ନିବାରେ ଭୁଲ କରିଦେଇଥିବାରୁ କରୁଛନ୍ତି କି ପଶ୍ଚାତାପ ? ଜାଣି ରଖନ୍ତୁ...

ଆଚାର୍ଯ୍ୟ ଚାଣକ୍ୟ ନିଜର ନୀତିଶାସ୍ତ୍ରରେ ବ୍ୟକ୍ତିର ସ୍ୱଭାବ ବିଷୟରେ ଅନେକ କିଛି ଉଲ୍ଲେଖ କରିଛନ୍ତି । ଏହାକୁ ଆପଣାଇବା କଷ୍ଟକର ହୋଇଥିଲେ ହେଁ ଯିଏ ତାହା କରିପାରନ୍ତି ତାଙ୍କର ଜୀବନ ସୁଖମୟ ହୋଇଥାଏ । ସେଥିରୁ ଗୋଟିଏ ହେଲା ମଣିଷ ଚିହ୍ନିବା । ଆଜିର ବ୍ୟସ୍ତବହୁଳ ସମୟରେ ମଣିଷ ଚିହ୍ନିବାରେ ଭୁଲ ହୋଇଯାଇଥାଏ । ଏପରି ନ ହେବା ଲାଗି ଚାଣକ୍ୟ ନୀତିର ପଞ୍ଚମ ଅଧ୍ୟାୟର ଦ୍ୱିତୀୟ ଶ୍ଲୋକରେ



**କହିଛନ୍ତି:**

ଘୋରିବା, କାଟିବା , ନିଆଁରେ ତତାଇବା ଏବଂ ପିଟିବା । ଏହି ଚାରି ଜିନିଷ ବ୍ୟବହାର କରି ସୁନାର ଶୁଦ୍ଧତା ପରୀକ୍ଷା କରାଯାଇଥାଏ । ଠିକ ସେଭଳି ବ୍ୟକ୍ତିର ପରିଚୟ ତାର ଆଚରଣ, ଗୁଣ, ତ୍ୟାଗ ଏବଂ କର୍ମ ଭାବନା ଆଦିକୁ ନେଇ ହୋଇଥାଏ ।

- ଚାଣକ୍ୟ କୁହନ୍ତି ଭଲ ଏବଂ ସଚ୍ଚୋଟ ବ୍ୟକ୍ତିମାନଙ୍କ ମନରେ ତ୍ୟାଗର ଭାବନା ଥାଏ । ଯିଏ ଅନ୍ୟର ସୁଖ ପାଇଁ କିଛି କରିପାରେନାହିଁ, ସେ ଭଲ ମଣିଷ ନୁହେଁ । ଅନ୍ୟର ଖୁସି ପାଇଁ ନିଜର ଖୁସିକୁ ତ୍ୟାଗ କରୁଥିବା ବ୍ୟକ୍ତିକୁ ଭଲ ମଣିଷ ଭାବେ ଗଣାଯାଏ ।
- ଚାଣକ୍ୟ କୁହନ୍ତି ବ୍ୟକ୍ତିକୁ ପରଖିବାର ପ୍ରମୁଖ ଗୁଣ ହେଉଛି ଚରିତ୍ର । ଯେଉଁମାନେ କୁକର୍ମ କରନ୍ତି ନାହିଁ ଏବଂ ଅନ୍ୟମାନଙ୍କ ପାଇଁ ନିଜ ମନରେ ଭୁଲ ଭାବନା ରଖନ୍ତି ନାହିଁ ସେମାନେ ହିଁ ଶ୍ରେଷ୍ଠ ।
- ଚାଣକ୍ୟ କୁହନ୍ତି, ଯଦି କୌଣସି ବ୍ୟକ୍ତିର ସ୍ୱଭାବ କିଭଳି ଜାଣିବାକୁ ଚାହାନ୍ତି ତେବେ ତା ମଧ୍ୟରେ କି-କି ଗୁଣ ରହିଛି ତାହା ଦେଖିବା ଉଚିତ । ଯଦି ବ୍ୟକ୍ତି ବେଶି ରାଗୁଥାଏ, କଥା କଥାରେ ମିଛ କହୁଥାଏ, ଅହଙ୍କାର ଭର୍ତ୍ତି ଥାଏ ଏବଂ ଅନ୍ୟର ଅପମାନ କରେ, ତେବେ ଏଭଳି ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ ।
- ଚାଣକ୍ୟ କୁହନ୍ତି, ବ୍ୟକ୍ତି କେଉଁ ପରିବାରରେ ଜନ୍ମ ନେଇଛି, ବ୍ୟକ୍ତିର କର୍ମ କିଭଳି ତାହା ଜାଣିବା ଉଚିତ । କାରଣ ଏହି ଜିନିଷ ଆଧାରରେ ଜଣେ ବ୍ୟକ୍ତିଙ୍କୁ ପରଖା ଯାଇ ପାରିବ ।

# କୋଲେଷ୍ଟରଲ କମ୍ କରାଏ କାଜୁ

**କାଜୁ ଖାଇବା ଲାଗି ସ୍ୱାଦିଷ୍ଟ ହୋଇଥିବା ବେଳେ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହିତକର । ଏଥିରେ ଭିଟାମିନ ଓ ପ୍ରୋଟିନ୍ ?ର ମାତ୍ରା ଅଧିକ ରହିଥାଏ । ଏହାକୁ ଖାଇବା ଲାଭଜନକ ହେବା ସହ ଅନେକ ରୋଗକୁ ମୁକ୍ତି ଦେଇଥାଏ ଜାଣନ୍ତୁ ସେ ସମ୍ପର୍କରେ...**

କାଜୁ ହାଡ଼ ଶକ୍ତ କରିବା ସହ ହାର୍ଟ ରୋଗରୁ ମୁକ୍ତି ଦେଇଥାଏ ।
ଏହା କୋଲେଷ୍ଟରଲ ପରିମାଣ କମ କରିଥାଏ । ଏହା ଶରୀରରେ ଆଇରନ ପରିମାଣ ବଢ଼ାଇଥାଏ ।
ଏହା ଖାଇବା ଫଳରେ ପାଚନତନ୍ତ୍ର ମଜଭୁତ ହୋଇଥାଏ ।
ତ୍ୱଚା ଉଜ୍ଜ୍ୱଳ ଦେଖାଯାଇଥାଏ ।
ମସ୍ତିଷ୍କ ରୋଗରୁ ମୁକ୍ତି ଦେବା ସହ ରକ୍ତଚାପ ନିୟନ୍ତ୍ରଣ କରିଥାଏ ।



# ଡାଇବେଟିସ୍ ରୋଗୀଙ୍କ ପାଇଁ ପଇଡ଼ ପାଣି କେତେ ସୁରକ୍ଷିତ, ଜାଣନ୍ତୁ କ'ଣ କୁହନ୍ତି

**ପଇଡ଼ ପାଣିକୁ ପ୍ରାକୃତିକ ଶକ୍ତି ପାନୀୟ କୁହାଯାଇଥାଏ । ଗ୍ରୀଷ୍ମଋତୁରେ ଏହା ସବୁଠାରୁ ଅଧିକ ପିଆଯାଏ । ପିଲାଙ୍କଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହାକୁ ପିଇବା ପାଇଁ ପସନ୍ଦ କରିଥାନ୍ତି । ଏହା ଶରୀରକୁ ହାଇଡ୍ରେଟ୍ କରେ, ଇଲେକ୍ଟ୍ରୋଲାଇଟ୍ସ ପୂରଣ କରେ ଏବଂ ଥକ୍କାପଣ ଦୂର କରିବାରେ ସାହାଯ୍ୟ କରେ । କିନ୍ତୁ କେବେ ଭାବିଛନ୍ତି କି ପଇଡ଼ ପାଣି ଡାଇବେଟିସ୍ ରୋଗୀଙ୍କ ଉପରେ କ'ଣ ପ୍ରଭାବ ପକାଇଥାଏ ? ତେବେ ଜାଣନ୍ତୁ ଏହି ପାଣି ଡାଇବେଟିସ୍ ରୋଗୀଙ୍କ ପାଇଁ କେତେ ସୁରକ୍ଷିତ ଜାଣନ୍ତୁ ସେ ସମ୍ପର୍କରେ...**

➔ ପଇଡ଼ ପାଣିରେ ଥିବା ମିଠା ପ୍ରାକୃତିକ, ଯାହା ମୁଖ୍ୟତଃ ଗ୍ଲୁକୋଜ ଏବଂ ଫ୍ରୁକ୍ଟୋଜ ଭଳି ସୁଗାର ଉପାଦାନରୁ ଆସିଥାଏ । ଏକ ମଧ୍ୟମ ଆକାରର ପଇଡ଼ରେ ପ୍ରାୟ ୨୦୦-୨୫୦ ମିଲି ପାଣି ଥାଏ, ଯେଉଁଥିରେ ପ୍ରାୟ ୫-୬ ଗ୍ରାମ ପ୍ରାକୃତିକ ସୁଗାର ରହିଥାଏ । ଏହି ପରିମାଣ ବହୁତ ଅଧିକ ନୁହେଁ, କିନ୍ତୁ ଏହା ସମ୍ପୂର୍ଣ୍ଣ ଶୂନ୍ୟ ମଧ୍ୟ ନୁହେଁ । ଏପରି ପରିସ୍ଥିତିରେ ଏହାକୁ ସନ୍ତୁଳିତ ପରିମାଣରେ ପିଇବା ଠିକ୍ ।

➔ ପଇଡ଼ ପାଣିରେ ସୁଗାର ପରିମାଣ କମ୍ ଥାଏ ଏବଂ ଏହା ଏକ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥିବା ପାନୀୟ । ଏହାର ଅର୍ଥ ହେଉଛି ଏହା ବ୍ଲଡ୍ ସୁଗାରକୁ ଧୀରେ ଧୀରେ ବୃଦ୍ଧି କରେ । ଯାହା ରକ୍ତରେ ଶର୍କରାର ହଠାତ୍ ବୃଦ୍ଧି ହେବାର ଆଶଙ୍କାକୁ ହ୍ରାସ କରେ ।

➔ ତଥାପି ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରତ୍ୟେକ ପ୍ରକାରର ମିଠା ଉପରେ ନଜର ରଖିବା ଗୁରୁତ୍ୱପୂର୍ଣ୍ଣ । ଯଦି ଜଣେ ବ୍ୟକ୍ତି ଦିନକୁ ଅନେକ ଥର କିମ୍ବା ଅତ୍ୟଧିକ ପରିମାଣରେ ପଇଡ଼ ପାଣି ପିଅନ୍ତି, ତେବେ ଏହା ତାଙ୍କ ବ୍ଲଡ୍ ସୁଗାରକୁ ପ୍ରଭାବିତ କରିପାରେ, ବିଶେଷକରି ଯଦି ଏହା ପୂର୍ବରୁ ଅନିୟନ୍ତ୍ରିତ ଥାଏ ।

➔ ଏଥିରେ ପୋଟାସିୟମ, ମ୍ୟାଗ୍ନେସିୟମ, କ୍ୟାଲସିୟମ ଭଳି ଉପାଦାନ ରହିଛି, ଯାହା ହାର୍ଟ ଏବଂ ମାଂସପେଶୀକୁ ଭଲ ଭାବରେ କାର୍ଯ୍ୟ କରିବାରେ ସାହାଯ୍ୟ କରେ ।

➔ ପଇଡ଼ ପାଣିରେ କୌଣସି ଚର୍ବି ନାହିଁ ଏବଂ ଏହାର କ୍ୟାଲୋରୀ ମଧ୍ୟ ବହୁତ କମ୍ । ଏହା ମେଦବହୁଳତା ହ୍ରାସ କରିବା ଏବଂ ଓଜନ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ଡାଇବେଟିସ୍ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷଜ୍ଞ କୁହନ୍ତି ।

କିଛି ଅଧ୍ୟୟନରୁ ଜଣାପଡ଼ିଛି, ପଇଡ଼ ପାଣିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଶରୀରର ଇନ୍ସୁଲିନ ବ୍ୟବହାର କରିବାର କ୍ଷମତାକୁ ଉନ୍ନତ କରିପାରେ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବିଜୟର ଶ୍ରେୟ...

ଡୋନାଲ୍ଡ ଟ୍ରମ୍ପଙ୍କ ଗୁଣସୂତ୍ରରେ ସତେ ଯେପରି ରହିଛି ବିଜୟୀ ହେବାର ଘୋଷଣା କରିବା। ୨୦୨୦ରେ ସେ ଯେତେବେଳେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଜୋ ବାଇଡେନ୍‌ଙ୍କଠାରୁ ପରାଜିତ ହେଲେ, ସେତେବେଳେ ସେ ଘୋଷଣା କଲେ ଯେ ବିଜୟକୁ ତାଙ୍କଠାରୁ ଛଡ଼ାଇ ନିଆଯାଇଛି । ତେଣୁ ଟ୍ରମ୍ପଙ୍କ ଭଳି ଗୋଟେ ସମସ୍ୟାର କେମିତି କିଏ ସମାଧାନ କରିବ, ଯିଏ କେବଳ ବିଜୟ ବୋଲି ଗୋଟିଏ ଶବ୍ଦ ହିଁ ଜାଣନ୍ତି- ତାହା ବାସ୍ତବ କ୍ଷେତ୍ରରେ ହେଉ କି କାଳ୍ପନିକ ଭାବରେ ପହଲଗାମ୍ ଆତଙ୍କୀ ଆକ୍ରମଣର ଜବାବ୍ ଦେବାକୁ ଯାଇ ଭାରତ ପାକିସ୍ତାନର ଆତଙ୍କବାଦୀମାନଙ୍କ ଆଡ୍ଡା ଉପରେ ଆକ୍ରମଣ କରି ସେସବୁକୁ ଧ୍ୱସ୍ତ ବିଧ୍ୱସ୍ତ କରିବା ପରେ ପାକ୍ ସେନା ପକ୍ଷରୁ ପୂର୍ଣ୍ଣାଙ୍ଗ ଯୁଦ୍ଧ ଭଳି ପରିବେଶ ସୃଷ୍ଟି କରାଗଲା 'ଆଣବିକ ଅସ୍ତ୍ର ପ୍ରୟୋଗ' କରାଯିବାର ଧମକ ଦିଆଯାଇ। ତାଙ୍କର ଏଭଳି କହିବାର କାରଣ ସମ୍ଭବତଃ ଏହା ତାଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ଲାଭ କରିବା ଦିଗରେ ଆଉ ପାଦେ ଆଗେଇ ନେବ । ପରନ୍ତୁ, ଭାରତରେ ସରକାରରେ ଥିବା ଏକାଧିକ ସ୍ୱର ସୀମାରେ ଶତ୍ରୁତାର ଅବସାନ ଘଟିବା ପରଠାରୁ ଭାରତ- ପାକିସ୍ତାନ ସମ୍ପର୍କରେ ଏକ ନ୍ୟୁ ନର୍ମାଲ ବାବଦରେ ଢେର୍ ଥର କହି ସାରିଲେଣି। ଏହି ନ୍ୟୁ ନର୍ମାଲର ଏକ ପ୍ରମୁଖ ଦିଗ ହେଉଛି, ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ରହିଥିବା ବିବାଦର ଏକମାତ୍ର କାରଣ, ଯାହା ଉପରେ ଭାରତ ପାକିସ୍ତାନ ସହିତ ଆଲୋଚନା କରିବାକୁ ଚାହୁଁଛି, ତାହା ହେଲା ପାକ୍-ଅଧିକୃତ କାଶ୍ମୀର (ପିଓକେ)। ମଙ୍ଗଳବାର ଦିନ ଭାରତର ବର୍ହି ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ)ର ମୁଖପାତ୍ର ଦିଲ୍ଲୀଠାରେ ଏକଥା ଦୋହରାଇଛନ୍ତି, ଯେତେବେଳେ ତାଙ୍କୁ କାଶ୍ମୀର 'ବିବାଦ'କୁ ସମାଧାନ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟସ୍ଥତା କରିବାକୁ ଦେଉଥିବା ପ୍ରସ୍ତାବ ସମ୍ପର୍କରେ ପ୍ରଶ୍ନ କରାଗଲା, ଯାହାକୁ ଟ୍ରମ୍ପ୍ କୌଣସି କାରଣବଶତଃ 'ହଜାରେ ବର୍ଷର ପୁରୁଣା' ପ୍ରସଙ୍ଗ ବୋଲି ଭାବୁଛନ୍ତି। କାଶ୍ମୀର ଉପରେ ଭାରତର ଉଦ୍ଦେଶ୍ୟକୁ ନେଇ ଦୁଇ ଗୋଟି ପ୍ରମୁଖ କଥା ରହିଛି । ଗୋଟିଏ ହେଉଛି, ଜାମ୍ମୁ ଏବଂ କାଶ୍ମୀର ସମ୍ପର୍କରେ କୌଣସି ପ୍ରକାରର ଆଲୋଚନା କରିବା ବେଳେ ଏହା କୌଣସି ପ୍ରକାରର ବାହ୍ୟ ମଧ୍ୟସ୍ଥିଙ୍କ ନିମନ୍ତେ ସୁଯୋଗ ରହିଥିବାର ସମ୍ଭାବନାକୁ ଦେଖୁନାହିଁ । ଦ୍ୱିତୀୟରେ, ଅପରେସନ୍ ସିନ୍ଦୂର ପରେ 'ପିଓକେ ହେଉଛି ଆଲୋଚନା ନିମନ୍ତେ ଏକମାତ୍ର ବଳକା ପ୍ରସଙ୍ଗ'। ୨୦୧୯ରେ ଜାମ୍ମୁ ଓ କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦କୁ ପ୍ରତ୍ୟାହାର କରି ନିଆଯିବା ପରଠାରୁ ଭାରତୀୟ ସଂଘୀୟ ଢା । ଭିତରେ ଜାମ୍ମୁ ଓ କାଶ୍ମୀରର ସାମ୍ବିଧାନିକ ସ୍ଥିତିରେ ପରିବ ର୍ନ ଘଟି ସାରିଛି: ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରତ୍ୟାହାର ହୋଇ ସାରିଛି ଏବଂ ଏହା ଭାରତର ଅନ୍ୟ ଯେ କୌଣସି ରାଜ୍ୟ ଭଳି ଗୋଟିଏ ରାଜ୍ୟରେ ପରିଣତ ହୋଇ ସାରିଛି। ତେଣୁ ଏବେ ଆଉ କାଶ୍ମୀର ଏକ ବଫର ଷ୍ଟେଟ୍ ବା ମଧ୍ୟବ ର୍ୀ ରାଜ୍ୟ ନୁହେଁ, ଯାହା ବାବଦରେ ୱାଶିଂଟନ୍ ନିଶ୍ଚିତ ହୋଇ ନିଜର ବିଜ୍ଞ କାର୍ଯ୍ୟକ ର୍ାମାନଙ୍କ ଜରିଆରେ ପାକିସ୍ତାନୀମାନଙ୍କୁ କାଶ୍ମୀର କଥା ସେମାନଙ୍କ ମନରୁ ପୋଛି ପକାଇବାକୁ ବୁଝାଇ ଦେବା ଉଚିତ । ସଙ୍ଗେ ସଙ୍ଗେ ଏହା ମଧ୍ୟ ପାକିସ୍ତାନୀ କ ୃପକ୍ଷଙ୍କୁ ନିଜର ଆତଙ୍କୀ ପାରିବେଶିକ ବ୍ୟବସ୍ଥାକୁ ଭଙ୍ଗ କରି ଭାରତ ସହିତ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା କରିବାକୁ ପରାମର୍ଶ ଦେବା ଉଚିତ। ସମ୍ପ୍ରତି ଶ୍ରୀଯୁକ୍ତ ଟ୍ରମ୍ପ୍ ଏବଂ ତାଙ୍କ ପ୍ରଶାସନର ମନ୍ତବ୍ୟଗୁଡ଼ିକ ଉପରେ ଭାରତ ଯେପରି ପ୍ରତିକ୍ରିୟା ପ୍ରକାଶ କରିଛି, ତାହା ସୂଚାଇଛି ଯେ ନୂଆଦିଲ୍ଲୀ କାଶ୍ମୀର ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ତା'ର ନୀତିରେ ଅଟଳ ରହିଛି ଏବଂ ଏହା ଅବଶ୍ୟ ଏକ ଉତ୍ସାହପ୍ରଦ କଥା, ଯେହେତୁ କାଶ୍ମୀର ପ୍ରସଙ୍ଗକୁ ନେଇ ଭାରତ ପାକିସ୍ତାନ ଏବଂ ଜାତିସଂଘ ସହିତ ଗୋଟିଏ ଟେବୁଲରେ ମୁହାଁମୁହିଁ ବସି ଆଲୋଚନା କରିବାର ଆଉ କୌଣସି ବାଟ ହିଁ ନାହିଁ । ଏମିତିରେ ଜାତିସଂଘର ବି ଆଗ ଭଳି ଆଉ କୌଣସି ପ୍ରଭାବ ପକାଇବା ଭଳି କ୍ଷମତା ନାହିଁ, ବରଂ ଏହା ବ ର୍ମାନ ଏକ ଧିମା ଗତିରେ ଯାଉଥିବା ମାଲବାହୀ ଟ୍ରେନ୍‌ର ଜଗୁଆଳୀ ଭଳି ଭୂମିକା ତୁଲାଉଛି କହିଲେ ଅତ୍ୟୁକ୍ତି ହେବନାହିଁ, ଯାହା ଏମିତି କିଛି କାମ ବି କରି ପାରିବ । ବାତାବରଣରେ ଶାନ୍ତି ପ୍ରତିଷ୍ଠା କରିବାର ପ୍ରତିଶ୍ରୁତିକୁ ସୁନିଶ୍ଚିତ କରାଇବାକୁ ହେଲେ ସମସ୍ତଙ୍କ ମନରେ ସୌହାର୍ଦ୍ଦ୍ୟର ଫୁଲ ଫୁଟାଇବାର ଆବଶ୍ୟକତା ରହିଛି ; ଅସ୍ତ୍ର ବିରତି ଉପରେ ତର୍କ କରିବାରେ ନୁହେଁ । ଆତଙ୍କବାଦ ପ୍ରତି ଏହାର ଆଭିମୁଖ୍ୟ ସମ୍ପର୍କରେ ସ୍ପଷ୍ଟ ଭାବରେ ପ୍ରକାଶ କରି ସାରିବା ପରେ ଭାରତର ଏବେ କାମ ହେଉଛି ନିଜର ଲୋକମାନଙ୍କ ପାଇଁ ନିରାପ ।କୁ ନିଶ୍ଚିତ କରିବା ଏବଂ ତା' ସହିତ ସୀମାର ଅଖଣ୍ଡତାକୁ ବଜାୟ ରଖିବା ଯାହାର ଜାମ୍ମୁ ଓ କାଶ୍ମୀର ହେଉଛି ଏକ ଅବିଚ୍ଛେଦ୍ୟ ଅଙ୍ଗ। ବାକି ରହିଲା ଟ୍ରମ୍ପଙ୍କ କଥା । ଏବେ ଏବେ ସେ ଚୀନ୍ ସହିତ ଟାରିଫ୍ ଯୁଦ୍ଧରେ ବିରାମ ଲଗାଇଛନ୍ତି। ଟ୍ରମ୍ପ୍ ଶିକ୍ଷା କରୁଛନ୍ତି ଯେ କାହାକୁ ଏକଘରିକିଆ କରିବାର କଥା କହିବା ପ୍ରଚାର ଗାଡ଼ିରେ ହୁଏତ ଭଲ କାମ କରିପାରେ, କିନ୍ତୁ ସାମ୍ପ୍ରତିକ ସମୟର ବାସ୍ତବ ଜଗତରେ ଅତି କଠିନ କାମ ।



# ସୀମାନ୍ତରେ ଗୁଳିମାଡ

## ସୌଭାଗ୍ୟ ରଂଜନ ମହାନ୍ତି

ପହଲଗାଁଓରେ ୨୬ଜଣ ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ହତ୍ୟା ଘଟଣା ଏବଂ ଭାରତର 'ଅପରେସନ ସିନ୍ଦୂର' ପରେ ଦୁଇ ପଡୋଶୀ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବାବେଳେ ଜାମ୍ମୁ-କାଶ୍ମୀରର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଓସି) ସୀମାନ୍ତ ଗ୍ରାମଗୁଡିକ ଉପରେ ପାକିସ୍ତାନୀ ସେନାର ଆଖିବୁଜା ଗୁଳିମାଡ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ୨୦ରୁ ଉର୍ଦ୍ଧ୍ୱ ନିରୀହ ଲୋକଙ୍କ ମୃତ୍ୟୁ ଘଟିବା ସଙ୍ଗେ ସଙ୍ଗେ ୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। କେବଳ ପୁଂଚ ସେକ୍ଟରରେ ୧୩ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ମୋର୍ଟାର ଓ ଗୁଳି ମାଡରେ ବହୁ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ଭାରତର 'ଅପରେସନ ସିନ୍ଦୂର' ସାମରିକ କାର୍ଯ୍ୟାନୁଷ୍ଠାନ ପରେ ପ୍ରତିହିଂସା ପରାୟଣ ହୋଇ ପାକିସ୍ତାନ ୨୦୨୧ର ଅସ୍ତ୍ରବିରତି ରାଜିନାମାକୁ ଉଲଂଘନ କରି ବାରମ୍ବାର ସୀମାନ୍ତ ଗ୍ରାମଗୁଡିକ ଉପରେ ମୋର୍ଟାର ଓ ଗୁଳିମାଡ ଜାରି ରଖିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ୪ଦିନ ମଧ୍ୟରେ ପୁଂଚ, ରାଜୌରୀ, ଜାମ୍ମୁ, ବାରମୂଳା ସେକ୍ଟରରେ ପାକିସ୍ତାନ ପଟୁ ହୋଇଥିବା ଗୁଳି ମାଡରେ ଜଣେ ପ୍ରଶାସନିକ ଅଧିକାରୀଙ୍କ ସମେତ ୨୦ଜଣଙ୍କର ମଅତ୍ତୁ ଘଟିଛି। ଏହା କୁହାଯାଇପାରେ ଯେ, ଗଲା କଛି ଦିନ ଧରି ପାକିସ୍ତାନ କେବଳ ଗ୍ରାମଗୁଡିକୁ ଟାର୍ଗେଟ କରିଆସୁଥିବାବେଳେ ଭାରତୀୟ ଯବାନ କେବଳ ଆତଙ୍କବାଦୀଙ୍କ ଆଡ୍ଡାକୁ ନିଶାଣ କରିଛନ୍ତି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ଜଣେ ହେଲେ ପାକିସ୍ତାନୀର ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇନାହିଁ। କିନ୍ତୁ ପାକିସ୍ତାନର ରକେଟର ମାଡରେ ଉଦ୍ଧମପୁରରେ ଜଣେ ଭାରତୀୟ ଯବାନ ସହିଦ୍ ହୋଇଛନ୍ତି। କେବଳ ଏତିକି ନୁହେଁ, 'ଅପରେସନ ସିନ୍ଦୂର'ରେ ପାକିସ୍ତାନ ଏତେ ଭୟଭିତ, ଆତଙ୍କିତ ହୋଇପଡିଛି ଯେ, ଏବେ ମିଛ ଓ ମନଗଢା ଖବର ପରିବେଶଣର ଆଶ୍ରୟ ନେଇଛି। ସାମାଜିକ ଗଣମାଧ୍ୟମରେ ମିଥ୍ୟା, ବିଭ୍ରାନ୍ତିକର ଏବଂ ମନଗଢା ସମ୍ବାଦ ପରିବେଷଣ କରିବାରେ ଲାଗିଛି। ମିଥ୍ୟା ଖବର ପରିବେଷଣ କରୁଥିବା ୮୦୦୦ରୁ ଉର୍ଦ୍ଧ୍ୱ ଆକାଉଂଟକୁ ବନ୍ଦ କରିଦେବା ପାଇଁ ଭାରତ 'ଏକ୍ସ'କୁ ନିର୍ଦ୍ଦେଶ ଦେଇଥିବାବେଳେ ବଙ୍ଗଳାଦେଶର ୪ଟି ଚ୍ୟାନେଲକୁ ନିଷିଦ୍ଧ ଘୋଷଣା କରିଛି। ଏହା ନିସନ୍ଦେହ ଯେ, ସାମାଜିକ ଗଣମାଧ୍ୟମ ସାମ୍ପ୍ରତିକ ସମୟରେ ବିଶ୍ୱରେ ଏକ ଶକ୍ତିଶାଳୀ ଏବଂ କ୍ଷିପ୍ର ସଂକେତ ପରିବେଶଣରେ ମାଧ୍ୟମ ପାଲଟିଥିବାବେଳେ ଜନମତକୁ ବିଭ୍ରାନ୍ତ ଏବଂ କମ ସମୟରେ ଉତ୍ତେଜନା ସୃଷ୍ଟି କରିବାରେ ମାଧ୍ୟମ ପାଲଟିଛି। ସାମାଜିକ ଗଣମାଧ୍ୟମ ଗୁଜବ ପ୍ରଚାର କରିବାରେ ଏବେ ମାଧ୍ୟମ ପାଲଟିଛି। ଏହାକୁ ପ୍ରତିହତ କରିବା ପାଇଁ ଭାରତ ସରକାର ସବୁ ମତେ ପ୍ରୟାସ ଜାରି ରଖିଥିବାବେଳେ ଯୁଦ୍ଧ ବା ଉତ୍ତେଜନା ସଂକ୍ରାନ୍ତ ସମ୍ବାଦ ପରିବେଷଣ କରିବା କ୍ଷେତ୍ରରେ ସଂଜମତା ରକ୍ଷା କରିବା ପାଇଁ ଗଣମାଧ୍ୟମ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହା ସତ୍ୟ ଯେ, ପାକିସ୍ତାନ ମାଟିରେ ସକ୍ରୀୟ ଥିବା ଆତଙ୍କବାଦୀ ଗୋଷ୍ଠୀଗୁଡିକ ଉପରେ ଭାରତର ସାମାଜିକ କାର୍ଯ୍ୟାନୁଷ୍ଠାନରେ କେବଳ ଆତଙ୍କବାଦୀ ନୁହଁନ୍ତି, ପାକିସ୍ତାନ ମଧ୍ୟ ଥରହର ହୋଇପଡିଛି। ତେଣୁ ପାକିସ୍ତାନ ସମ୍ଭବତଃ ଭାରତ ଓ ଭାରତୀୟ ଯବାନଙ୍କ ମନୋବଳ ଭାଙ୍ଗିବା ପାଇଁ ଏବେ ସାମାଜିକ ଗଣମାଧମର ସାହାରା ନେଇ ମିଥ୍ୟା, ମନଗଢା ଏବଂ ଉଦ୍ଦେଶ୍ୟମୂଳକ ସମ୍ବାଦ ପରିବେଶଣ ସାହାରା ନେଇଥିବା ମନେହୁଏ। କିନ୍ତୁ ଏହା ନିସନ୍ଦେହ ଯେ, 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଥିବା ନେଇ ଏକ ବଳିଷ୍ଠ ସନ୍ଦେଶ ପାକିସ୍ତାନକୁ ଦେଇଛି। ସୀମାନ୍ତ ଅଂଚଳରେ ପାକିସ୍ତାନର ମୋର୍ଟାର ଏବଂ ଗୁଳିମାଡରୁ ପୁଂଚ, ରାଜୌରୀ, ଉରୀ, ବାରମୂଳା, ଜାମୁ ଆଦି ସେକ୍ଟରରେ ଗ୍ରାମବାସୀଙ୍କ ନିରାପତାକୁ ସୁନିଶ୍ଚିତ କରିବା ସାମ୍ପ୍ରତିକ ସମୟରେ ସବୁଠାରୁ ଜରୁରୀ ଆବଶ୍ୟକତା ଏହା ନିସନ୍ଦେହରେ କୁହାଯାଇପାରିବ। କେନ୍ଦ୍ରଶାସିତ ଅଂଚଳର ଆଇନଶୃଙ୍ଖଳା ଓ ଆଭ୍ୟନ୍ତରୀଣ ନିରାପତା କେନ୍ଦ୍ର ସରକାରଙ୍କ ହାତରେ ଥିବାବେଳେ ନିରାପତା ଦୃଷ୍ଟିରୁ ସୀମାନବାସୀଙ୍କୁ ସାମୟିକ ଭାବେ ନିରାପଦ ସ୍ଥାନକୁ ଅଗ୍ରାଧିକାର ଭିତିରେ ସ୍ଥାନାନ୍ତର କରାଯିବା ଜରୁରୀ। ଅବଶ୍ୟ ଜାମ୍ମୁ-କାଶ୍ମୀ ସରକାରଙ୍କ ସହଯୋଗରେ ସୀମାନ୍ତ ଲୋକମାନଙ୍କୁ ସ୍ଥାନାନ୍ତର ଓ ଥଇଥାନ ପ୍ରକ୍ରିୟା ଜାରି ରହିଛି। ଅବଶ୍ୟ ରକ୍ତ ଚାଉଳ ଚୋବାଇବା ଭଳି ପାକିସ୍ତାନ କେବଳ ସୀମାନ୍ତ ଗ୍ରାମ ନୁହେଁ, ଧର୍ମ ପୀଠ, ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନକୁ ନିଶାଣ କରିଛି। ଭାରତୀୟ ଯବାନଙ୍କ ତତ୍ପରତା ଏବଂ ଏୟାର ଡିଫେନ୍ସ ସିଷ୍ଟମ ପାକିସ୍ତାନ ପ୍ରୟାସକୁ ବ୍ୟର୍ଥ କରିଦେଇଛି। 'ଅପରେସନ ସିନ୍ଦୂର' ନେଇ ଦେଶବ୍ୟାପୀ ମହା ଆନନ୍ଦର ଲହରୀ ସୃଷ୍ଟି ହୋଇଥିବା ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, ଦେଶର ସଶସ୍ତ୍ର ବାହିନୀର ଆଖି ଓ କାନ ଭାବେ କାର୍ଯ୍ୟ କରୁଥିବା ହତଭାଗ୍ୟ ସୀମାନ୍ତ ଗ୍ରାମବାସୀଙ୍କ ଜୀବନ ଓ ସମ୍ପତି ସୁରକ୍ଷିତ ରଖିବା ପାଇଁ ସରକାର ଅଗ୍ରାଧିକାର ଦେବା ଜରୁରୀ।


ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩, ଶିଶୁପାଳଗଡ-୭୫୧୦୦୨
ମୋ: ୭୯୭୮୬୬୬୪୦୩




# ଅପରେସନ ସିନ୍ଦୂରର ସଫଳତା

## ପ୍ରଫେସର ଡାକ୍ତର ସମ୍ରାଟ କର

କାଶ୍ମିର ଅନ୍ତର୍ଗତ ପହଲଗାମଠାରେ ୨୨ ଏପ୍ରିଲ ଦିନ ଘଟିଥିବା ସନ୍ତ୍ରାସବାଦୀ ଆକ୍ରମଣରେ ମୃତ ୨୬ଜଣ ନାଗରିକଙ୍କ ହତ୍ୟାର ପ୍ରତିଶୋଧ ପାଇଁ ପାକ୍ ସନ୍ତ୍ରାସବାଦୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉଦ୍ଦେଶ୍ୟରେ ଭାରତ ସରକାର ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ । କିନ୍ତୁ ପାକ୍ ସରକାର ଡ୍ରୋନ ଯୋଗେ ଜାମ୍ମୁର ଶମ୍ଭୁ ମନ୍ଦିର, ପୁ ର ଗୁରୁଦ୍ୱାରା ଏବଂ ଅନ୍ୟାନ୍ୟ ଧର୍ମସ୍ଥଳୀ ଉପରେ ଆକ୍ରମଣ ଜାରି ରଖିଲେ। ତେବେ ଭାରତ ସରକାରଙ୍କ ଏହି ଅଭିଯାନରେ ସନ୍ତ୍ରାସବାଦୀ ଏବଂ ସେମାନଙ୍କ ସମର୍ଥକଙ୍କୁ ଦଣ୍ଡଦେବା, ସୀମାପାର ଶିବିରଗୁଡିକୁ ଧ୍ୱଂସ କରିବା,ଜନବସତିର କ୍ଷତି ନକରି ସନ୍ତ୍ରାସବାଦୀଙ୍କ କ୍ଷତି କରିବା ଲକ୍ଷ୍ୟ ରଖାଯାଇଥିଲା। ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ମଇ ୭ ତାରିଖ ଦିନ ଘୋଷଣା କରିଥିଲେ ଯେ ଏହି ଅଭିଯାନ ପାକ୍ ସେନା ନୁହେଁ ବରଂ ସନ୍ତ୍ରାସବାଦୀଙ୍କ ପାଇଁ ଉଦ୍ଦିଷ୍ଟ । କିନ୍ତୁ ପାକ୍‌ସେନା ଏହାକୁ ଗୁରୁତ୍ୱ ନଦେଇ ଭାରତର ସେନାବାହିନୀ ଉପରେ ଡ୍ରୋନ ଆକ୍ରମଣ ଜାରିରଖିବା ଯୋଗୁ ଭାରତର ସେନାବାହିନୀ ଲାହୋର ଏବଂ ଗୁରୁଜନୱାଲା ନିକଟସ୍ଥ ପାକ୍ ସେନାର ରାଡାର କେନ୍ଦ୍ରକୁ ଧ୍ୱଂସ କରିଥିଲା । ଭାରତର ସେନାବାହିନୀ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଯୋଜନାବଦ୍ଧ ଭାବେ ୯ଟି ସ୍ଥାନରେ କ୍ଷେପଣାସ୍ତ୍ର ମାଡ କରି ସନ୍ତ୍ରାସବାଦୀ ଶିବିରକୁ ନଷ୍ଟ କରିଥିଲା । ସେଗୁଡିକ ହେଲା ବାହାବଲପୁର, ମୁରିଦକେ, ମୁଜାଫରାବାଦ, କୋଟଲୀ। ଏଗୁଡିକ ଜୈସ-ଏ-ମହମ୍ମଦ, ଲସ୍କର-ଇ-ତୈବା ପରି ସନ୍ତ୍ରାସବାଦୀଙ୍କ ମୁଖ୍ୟକେନ୍ଦ୍ର ରହିଥିଲା ।

କିନ୍ତୁ ପାକିସ୍ତାନ ପକ୍ଷରୁ ମଇ ୭,୮ ଓ ୯ ତାରିଖରେ ଭାରତର ସୀମାବ ର୍ୀ ସହର ଏବଂ ପ୍ରତିରକ୍ଷାଘାଟୀଗୁଡିକ ଉପରେ ଡ୍ରୋନ ଏବଂ ଗୁଳିମାଡକରି ଆକ୍ରମଣ କରାଯିବା ପରେ ଭାରତ ପାକ୍‌ର ପ୍ରତିରକ୍ଷା ପ୍ରତିଷ୍ଠାନଗୁଡିକ ଉପରେ ଆକ୍ରମଣ କରି ସେଗୁଡିକୁ ନଷ୍ଟ କରିଥିଲା । ମଇ ୯ ଏବଂ ୧୦ ତାରିଖରେ ପାକ୍ ଉପରେ ଆକ୍ରମଣ କରି ଚୀନ ପ୍ରଦ ଏଚ୍.କ୍ୟୁ-୯ ପ୍ରତିରକ୍ଷା ପ୍ରଣାଳୀକୁ ନଷ୍ଟ କରିବା ସହ ଚୀନର ପିଏଲ୍ -୧୫ ଆକ୍ରମଣକୁ ପ୍ରତିହତ କରିଥିଲା। ଆଣବିକ ଅସ୍ତ୍ରଶସ୍ତ୍ରଥିବା ଭଣ୍ଡାରଗୁଡିକ ଉପରେ ଆକ୍ରମଣ କରି ସେଗୁଡିକୁ କ୍ଷତିଗ୍ରସ୍ତ କରିଥିଲା । ମାତ୍ର ତିନିଘ । ଭିତରେ ନୁର ଖାଁ, ରଫିକି, ମୁରିଦକେ, ସୁକୁର, ସିଆଲକୋଟ, ପସରୁର, ଚୁନିଆନ, ସରଗୋଧା, ସ୍କାର୍ଡୁ, ଭୋଲାରୀ ଏବଂ ଜାକୋବାବାଦ ପରି ୧୧ଟି ସ୍ଥାନରେ ଭାରତୀୟ ବାୟୁସେନା ରକେଟ ମାଡ କରିଥିଲା । ଏଫ୍-୧୬, ଜେଏଫ୍-୧୭ ପରି ଯୁଦ୍ଧବିମାନର କେନ୍ଦ୍ର ସରଗୋଧା ଏବଂ ଭୋଲାରୀର କ୍ଷୟକ୍ଷତି ଥିଲା ଉଲ୍ଲେଖନୀୟ । ଏହି ଆକ୍ରମଣରେ ପାକ୍ ବାୟୁସେନାର ପ୍ରାୟ ୨୦ ପ୍ରତିଶତ ଅ ଳ କ୍ଷତିଗ୍ରସ୍ତ ହୋଇଥିଲା । ଭାରତୀୟ ବାୟୁସେନାର ଆକ୍ରମଣରେ ୫୦ଜଣ ପାକ୍ ଯବାନଙ୍କ ସମେତ ୧୦୦ରୁ ଅଧିକ ସନ୍ତ୍ରାସବାଦୀ ଏବଂ ଉସମାନ ୟୁସୁଫ ନାମକ ଜଣେ ସ୍କ୍ୱାର୍ଡନ ଲିଡର ସମେତ ୪ଜଣ ଏୟାରମେନଙ୍କ ମୃତ୍ୟୁ ହୋଇଥିଲା । ପାକ୍‌ର ଅନେକଗୁଡିଏ ଯୁଦ୍ଧବିମାନ ନଷ୍ଟ ହେବା ସହ ବାୟୁସେନାଘାଟୀଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା । ପାକ୍ ସେନା ପକ୍ଷରୁ ନିୟନ୍ତ୍ରଣ ରେଖା ନିକଟସ୍ଥ ଭାରତୀୟ ଗ୍ରାମଗୁଡିକ ଉପରେ ଆକ୍ରମଣ କରାଯିବାପରେ ଭାରତୀୟ ସେନାପକ୍ଷରୁ ପାକ୍ ସୀମାରେ ଥିବା ଫରୱାର୍ଡ ପୋଷ୍ଟଗୁଡିକୁ ଗୋଳା ଦ୍ୱାରା ଉଡାଇ ଦିଆଯାଇଥିଲା ।

ଏହି ଆକ୍ରମଣ କରାଯିବା ପୂର୍ବରୁ ସିନ୍ଧୁନଦୀ ଜଳବ ନ ଚୁକ୍ତିକୁ ଭାରତ ସରକାର ବାତିଲ କରିଥିଲେ । ଏହି ଜଳଦ୍ୱାରା ୧୬୦ଲକ୍ଷ ହେକ୍ଟର ଚଷଜମି, ୮୦ ପ୍ରତିଶତ ପାକ୍‌ର ଚଷ ଜମିକୁ ଜଳସେଚନ କରାଯାଇଥାଏ । ଏହି ଜଳସେଚନ ପାକ୍‌ର ମୋଟ ଜଳସେଚନର ୯୩ ପ୍ରତିଶତ । ୨୩କୋଟି ୭୦ଲକ୍ଷ ଲୋକ ଏବଂ ପାକ୍‌ର ମୋଟ ଉତ୍ପାଦନର ଏକ ଚତୁର୍ଥାଂଶ ଏହି ଜଳସେଚନରୁ ଆସିଥାଏ । ପାକ୍‌ର ମଙ୍ଗଳା ଏବଂ ତରବେଲା ଡ୍ୟାମର ଜଳଧାରଣ କ୍ଷମତା ମାତ୍ର ୧୦ ପ୍ରତିଶତ ରହିଛି । ଆଗାମୀ ଦିନରେ ଜଳାଭାବ ଯୋଗୁ ପାକ୍‌ରେ ଖାଦ୍ୟଦ୍ରବ୍ୟର ଅଭାବ, ବିଦ୍ୟୁତ ଉତ୍ପାଦନ ହ୍ରାସ, ଶିଳ୍ପ ବନ୍ଦ ପରି ସମସ୍ୟା ଦେଖାଦେବ, ଯାହାକି ପାକ୍‌ର ଅର୍ଥନୀତିକୁ ଢେର କ୍ଷତିଗ୍ରସ୍ତ କରିବ । ୮୦ ବର୍ଷ ପୂର୍ବେ ହୋଇଥିବା ଏହି ଚୁକ୍ତି ଯୋଗୁ ଜାମ୍ମୁ-କାଶ୍ମିରର କୃଷି ଶିଳ୍ପର ବିକାଶ ବାଧାପ୍ରାପ୍ତ ହୋଇଆସିଛି । ଏହି ଚୁକ୍ତି ବାତିଲ ହେବା ପରେ ଝେଲମ୍ ଏବେ ଚେନାବ ପରି ନଦୀର ଜଳ ଉପରେ ଭାରତର ନିୟନ୍ତ୍ରଣ ରହିବ । ତେଣୁ ଜାମ୍ମୁ-କାଶ୍ମିର, ଲଦ୍ଦାଖ, ପଞ୍ଜାବ ଓ ହରିୟାଣାରେ ଅଧିକ ଜଳଭଣ୍ଡାର ନିର୍ମାଣ ହେବ । ବିଦ୍ୟୁତ ଶକ୍ତି ଉତ୍ପାଦନ ଏବଂ ଜଳସେଚନ ବଢିଲେ ଏହିସବୁ ରାଜ୍ୟ ଉପକୃତ ହେବେ । ଏହି ଚୁକ୍ତିକୁ ବାତିଲ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ରକ୍ତ ଓ ନଦୀର ଜଳ ଗୋଟିଏ ସମୟରେ ବହିବ ନାହିଁ ।

ଭାରତ ସରକାର ଅଟ୍ଟାରୀ-ୱାଘା ସୀମାକୁ ସଂପୂର୍ଣ୍ଣ ବନ୍ଦ କରିବା ସହ ସମସ୍ତ ପ୍ରକାର ଦ୍ୱିପାକ୍ଷିକ ବାଣିଜ୍ୟକୁ ବନ୍ଦ ଘୋଷଣା କରିଥିଲେ । ଭାରତରେ ଥିବା ପାକ୍ ନାଗରିକମାନଙ୍କୁ ୧ମଇ ୨୦୨୫ ସୁଦ୍ଧା ନିଜ ଦେଶକୁ ଫେରିଯିବା ଲାଗି ଭାରତ ସରକାର ଘୋଷଣା କରିଥିଲେ। ପାକିସ୍ତାନୀ ନାଗରିକମାନଙ୍କର ଭିସାଗୁଡିକୁ ବାତିଲ କରାଯାଇ ସେମାନଙ୍କୁ ନିଜ ଦେଶକୁ ଫେରିଯିବାଲାଗି ବାଧ କରାଯାଇଥିଲା । ଆବଶ୍ୟକ ସ୍ଥଳେ ପୋଲିସ ବାହିନୀ ମଧ୍ୟ ଅନେକ ସ୍ଥାନରେ ଚଢାଉ କରି ପାକ୍ -ଭିସାଧାରୀମାନଙ୍କୁ ଭାରତର ସୀମାରୁ ବାହାରକରିବାରେ ସକ୍ଷମ ହୋଇଥିଲେ । କେବଳ ଏତିକି ନୁହେଁ ଭାରତରେ ପାକ୍ ସିନେମାର ପ୍ରଦର୍ଶନ ବନ୍ଦ କରାଯିବା ସହ ସଂଗୀତ, ନୃତ୍ୟପରି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା । ଦୁଇଦେଶ ମଧ୍ୟରେ ସାଂସ୍କୃତିକ ଆଦାନ-ପ୍ରଦାନକୁ ସଂପୂର୍ଣ୍ଣ ବନ୍ଦ କରାଯାଇଥିଲା । ଭାରତରେ ଥିବା ହାଇ କମିଶନ କାର୍ଯ୍ୟାଳୟର ୫୫ କର୍ମଚାରୀଙ୍କୁ ୩୦କୁ ହ୍ରାସ କରାଯାଇଥିଲା ।

ଅପରେସନ ସିନ୍ଦୂରର ଅଳ୍ପକାଳୀନ କାର୍ଯ୍ୟାନୁଷ୍ଠାନରୁ ଭାରତର କ'ଣ ଲାଭ ମିଳିଲା ବୋଲି ପ୍ରଶ୍ନ ହୋଇପାରେ । ମାତ୍ର ଦୁଇଦିନର ଯୁଦ୍ଧକୁ ପାକ୍ ସେନାବାହିନୀ ସମ୍ଭାଳିପାରିଲା ନାହିଁ । ଆମେରିକା ପ୍ରଦ ଏଫ୍-୧୬ ଏବଂ ଚୀନ ପ୍ରଦ ଜେଏଫ୍-୧୭ପରି ଯୁଦ୍ଧ ବିମାନ ସହ ଚୀନର ପିଏଲ୍-୧୫ କ୍ଷେପଣାସ୍ତ୍ର ମଧ୍ୟ ବେକାର ସାବ୍ୟସ୍ତ ହେଲା । ଯାହା ଫଳରେ ଗୋଟିଏ ପଟେ ଆମେରିକା ଏବଂ ଅନ୍ୟପଟେ ଚୀନର ଯୁଦ୍ଧାସ୍ତ୍ର କ୍ଷତିଗ୍ରସ୍ତ ହେବା ପରେ ଏହି ଦୁଇ ରାଷ୍ଟ୍ରଙ୍କ ଚିନ୍ତା ବୃଦ୍ଧିପାଇଛି । ନିଜ ପ୍ରତିରକ୍ଷା ବଜାରର ସମ୍ମାନ ଅଧିକ ଦିନ ଯୁଦ୍ଧ ହେଲେ ହ୍ରାସ ପାଇବାର ସଂକଟ ଦେଖି ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ପାକ୍ ପ୍ରଧାନମନ୍ତ୍ରୀଙ୍କ ଉପରେ ଯୁଦ୍ଧ ବନ୍ଦ କରିବାକୁ ଚାପ ପ୍ରୟୋଗ କଲେ । ଯାହା ଫଳରେ ପାକ୍ ସରକାର ଯୁଦ୍ଧ ବିରତି ପାଇଁ ଭାରତ ସରକାରଙ୍କୁ ଅନୁରୋଧ କଲେ । ଫଳରେ ଯୁଦ୍ଧ ବିରତି ଘୋଷଣା ହେଲା । କିନ୍ତୁ ଏହି ଯୁଦ୍ଧବିରତି ପରେ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ଏହାର ଶ୍ରେୟ ନିଜେ ନେବାକୁ ପ୍ରଚାର କଲାବେଳେ ଚୀନ ସରକାର ଚିନ୍ତାରେ ପଡି ଭାରତ ବିରୋଧୀ ପ୍ରଚାରକୁ ଜୋର ଦେବାକୁ ଲାଗିପଡିଲେ । ଯେଉଁଥିପାଇଁ ଭାରତ ସରକାରଙ୍କୁ ଦି ଗ୍ଲୋବାଲ ଟାଇମ୍ସ, ଜିନ୍ ହୁଆ ପରି ଗଣମାଧମକୁ ଭାରତରେ ପ୍ରଦର୍ଶନ ବନ୍ଦ ଘୋଷଣା କରିବାକୁ ହେଲା । ଏହା ପୂର୍ବରୁ ପାକ୍ -ବଙ୍ଗଳାଦେଶର ଅନେକଗୁଡିଏ ସୋସିଆଲ ମିଡିଆ ଆକାଉ କୁ ଭାରତରେ ବନ୍ଦ କରାଯାଇଥିଲା । ସେଗୁଡିକ ମିଥ୍ୟାଖବରର ପ୍ରସାର କରିବାରେ ଏବଂ ଭାରତକୁ ବଦନାମ କରିବାକୁ ଲାଗିପଡିଥିଲେ । ଯୁଦ୍ଧକାଳୀନ ପ୍ରଚାରରେ ପ୍ରଥମଥର ପାଇଁ ଭାରତ ସରକାର ଅନେକ ବିଦେଶୀ ଗଣମାଧମର ମିଛ ଖବରକୁ ବନ୍ଦ କରିବାକୁ ସକ୍ଷମ ହେବା ସହ ଭାରତରେ ସେମାନଙ୍କ ପ୍ରସାରଣ ଉପରେ କଟକଣା ମଧ୍ୟ ଲଗାଇଥିଲେ। ସରକାରୀ ଗଣମାଧମ ଦ୍ୱାରା ଠିକ୍ ଖବରକୁ ପ୍ରସାରିତ କରିବାକୁ ପଦକ୍ଷେପ ନେବାଦ୍ୱାରା ଦେଶର ଲୋକେ ଏବଂ ସାମାଜିକ ଗଣମାଧମରେ ସକ୍ରୀୟ ଥିବା ବର୍ଗ ମଧ ବିଦେଶୀଙ୍କ ପ୍ରଚାର ବିରୁଦ୍ଧରେ ଲାଗିପଡିଲେ । କୂଟନୀତିକ ପ୍ରୟାସ ମାଧମରେ ସହଯୋଗୀ ରାଷ୍ଟ୍ରଗୁଡିକ ନିକଟରେ ସତ ଖବରକୁ ପହ ।ଇବାରେ ସକ୍ଷମ ହେଲେ । ଏହାଦ୍ୱାରା ରୁଷିଆର ସୁଖୋଇ-୩୦, ଏସ୍-୪୦୦ପରି ଆକାଶ ପ୍ରତିରକ୍ଷା ବ୍ୟବସ୍ଥା, ଇସ୍ରାଏଲର କ୍ଷେପଣାସ୍ତ୍ର, ସଫ୍‌ଟୱେର ଆଦି କିପରି ଭାରତର ସହାୟକ ହେଲା ତାହା ମଧ ସମସ୍ତଙ୍କ ଦୃଷ୍ଟିକୁ ଆସିଲା । ଏହାଛଡା ଭାରତୀୟ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ସବୁ ଯୁଦ୍ଧଭୂମିରେ କିପରି ସଫଳତାର ସହ କାର୍ଯ୍ୟକଲା ତାହା ମଧ ବିଶ୍ୱବାସୀ ଦେଖିଲେ ।

କେବଳ ସେତିକି ନୁହେଁ, ଭାରତର ସୁରକ୍ଷାର ରଣକୌଶଳ, ତ୍ରିସ୍ତରୀୟ ସୀମା ସୁରକ୍ଷା ଯୋଜନା, ଦେଶୀ-ବିଦେଶୀ କ୍ଷେପଣାସ୍ତ୍ରର ମିଳିତ କାର୍ଯ୍ୟ, ସ୍ୱଦେଶୀ ଉନ୍ନତ ରାଡାର ବ୍ୟବସ୍ଥା, ତିନିବାହିନୀର ସମନ୍ୱୟରେ ଆକ୍ରମଣ, ସାଟେଲାଇଟ୍ ଫଟୋଦ୍ୱାରା ପ୍ରମାଣ ସଂଗ୍ରହ କରାଯିବା ଦ୍ୱାରା ପ୍ରତିରକ୍ଷା ଦୃଷ୍ଟିରୁ ଭାରତର ବହୁତ କିଛି ଲାଭ ହୋଇଛି । ସୀମାନ୍ତ ଅ ଳରେ ପାକ୍ ଗୋଳାବର୍ଷଣ ଯୋଗୁ କିଛି ଜନତା, ସୀମାରକ୍ଷା ଯବାନ ଓ ଅଧିକାରୀଙ୍କର ମଧ ମୃତ୍ୟୁ ହୋଇଛି । ଏହି କ୍ଷତିକୁ ଛାଡିଦେଲେ ଯୁଦ୍ଧ କ୍ଷେତ୍ରରେ ଭାରତ ନିଜସ୍ୱ ଜ୍ଞାନକୌଶଳରେ ନିର୍ମାଣ କରିଥିବା ଅସ୍ତ୍ରଶସ୍ତ୍ରର ପ୍ରୟୋଗ କରି ସଫଳତା ଲାଭ କରିବା ଯୋଗୁ ଆଗାମୀ ଦିନରେ ସେସବୁର ବିକ୍ରି ବଢିବାର ସମ୍ଭାବନା ରହିଛି । ଆମେରିକା ଓ ଚୀନ ତୁଳନାରେ ଭାରତର ପ୍ରତିରକ୍ଷା ସାମଗ୍ରୀ ଦିନକୁ ଦିନ ଉନ୍ନତ ହେବାରେ ଲାଗିଛି ଏହା ତାର ସ୍ପଷ୍ଟ ପ୍ରମାଣ । ପାକ୍‌ର କିରାନା ହିଲ୍ସ ଏବଂ ଏକ୍ୟୁ ଖାଁ ଆଣବିକ ପରୀକ୍ଷାଗାର ଉପରେ ଭାରତର କ୍ଷେପଣାସ୍ତ୍ର ମାଡ ହେବାଦ୍ୱାରା କିରାନା ହିଲ୍ସ ନିକଟସ୍ଥ ୧୦୦ ବର୍ଗ କିଲୋମିଟର ଅ ଳରୁ ଲୋକମାନଙ୍କୁ ବିକିରଣରୁ ରକ୍ଷା କରିବାକୁ ଖାଲି କରାଯାଇଛି । ଲୋକମାନଙ୍କୁ ମୁଣ୍ଡବ୍ୟଥା, ଚର୍ମରୋଗ, ବାନ୍ତି ପରି ଅସୁସ୍ଥତା ଯୋଗୁ ଡାକ୍ତରଖାନାରେ ଭ ର୍ କରାଯାଇଛି । ୨୩ମିନିଟ୍ ପାଇଁ ଚୀନର ପ୍ରତିରକ୍ଷା ବ୍ୟବସ୍ଥାକୁ ଜାମ୍ କରି ରଖିବାରେ ଭାରତର ଟେକ୍‌ନୋଲୋଜୀ ସଫଳ ହୋଇଥିଲା । ଏପରିକି ପାକ୍ ସେନା ପକ୍ଷରୁ ଛଡାଯାଇଥିବା ଚୀନ ନିର୍ମିତ କ୍ଷେପଣାସ୍ତ୍ର ପିଏଲ୍-୧୫ ଆଦୌ ନଫୁଟି ରାଜସ୍ଥାନର ଏକ ଗ୍ରାମରେ ପଡିଥିଲା । ଫଳରେ ଚୀନା ଅସ୍ତ୍ରଶସ୍ତ୍ରର ଗୁଣବ । ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ପୂର୍ବରୁ ଚୀନା ସେନା ଭାରତର ସେନାଙ୍କଠାରୁ ମାଡ ଖାଇଥିଲେ ଲଦାଖରେ, ଏବେ ମାଡ ଖାଇଲେ ଅସ୍ତ୍ରକୁ ନେଇ । ଫଳରେ ଚୀନର ଅସ୍ତ୍ରଶସ୍ତ୍ର ପ୍ରସ୍ତୁତକାରୀ କମ୍ପାନୀର ସେୟାର ଦର ହ୍ରାସ ପାଇବାରେ ଲାଗିଛି । ସେମିତି ତୁର୍କୀ ମଧ ପାକିସ୍ତାନକୁ ନିଜର ଡ୍ରୋନ ବିକି ଭାରତକୁ କ୍ଷତିଗ୍ରସ୍ତ କରିବାକୁ ଉଦ୍ୟମ ଜାରି ରଖିଥିବା ସ୍ଥଳେ ଭାରତର କ୍ଷେପଣାସ୍ତ୍ର ମାଡରେ ସେହିସବୁ ଡ୍ରୋନ ବିଶେଷ କିଛି କ୍ଷତି କରିପାରି ନଥିଲେ ବରଂ ଏକ ତୁର୍କୀର ବ୍ୟବସାୟକୁ ଭାରତରେ ହ୍ରାସ କରିବାକୁ ଭାରତୀୟ ବ୍ୟବସାୟୀମାନେ ପ୍ରୟାସ କରି ଅନେକ ଅର୍ଡର ରଦ୍ଦ କରିଛନ୍ତି । ବିମାନବନ୍ଦର କାର୍ଯ୍ୟରୁ ତୁର୍କୀ କମ୍ପାନୀକୁ ଏବେ ଅନ୍ତର କରାଯାଇଛି । ଭାରତର ରକେଟମାଡରେ ୟୁସୁଫ ଅଜହର, ଅବଦୁଲ ମାଲିକ ରୌଫ ଏବଂ ମୁଦାସିର ଅହମ୍ମଦ ପରି ପୁରୁଣା ଆତଙ୍କବାଦୀ ନିପାତ ହୋଇଛନ୍ତି। ଏମାନେ ଅତୀତରେ ଆଇସି-୮୧୪ ବିମାନ ଅପହରଣ ଏବଂ ପୁଲୱାମାରେ ସେନାଗାଡି ଉପରେ ଆକ୍ରମଣ ପରି ଘଟଣାରେ ସାମିଲ ଥିଲେ । ମଇ ୭-୮ ରାତିରେ ପାକ୍‌ସେନା ପକ୍ଷରୁ ଭାରତୀୟ ସୀମାର ଅବନ୍ତୀପୁରା, ଶ୍ରୀନଗର, ଜାମ୍ମୁ, ପଠାନକୋଟ, ଅମୃତସର, କପୂରଥଲା, ଭଟିଣ୍ଡା, ଜଲନ୍ଧର, ଲୁଧିଆନା, ଅଦମପୁର, ଚଣ୍ଡିଗଡ, ନାଲ, ଫଲୋଦୀ, ଉ ରଲାୟୀ, ଭୁଜ ଅ ଳକୁ ଟାର୍ଗେଟ କରି ଆକ୍ରମଣ କରିଥିଲେ ମଧ ଭାରତର ମାନବ ବିହୀନ ସୁରକ୍ଷା ବ୍ୟବସ୍ଥା ଗ୍ରୀଡ ତାକୁ ପ୍ରତିହତ କରିବାକୁ ସକ୍ଷମ ହୋଇଥିଲା । ଏହି ଯୁଦ୍ଧରେ ଅଳ୍ପ ଦୂରଗାମୀ ଆକାଶ କ୍ଷେପଣାସ୍ତ୍ର, ପେଚ୍ଛେରା, ଓଏସ୍ଏ-ଏକେ, ଏଲ୍ଏଲଏଡି ପରି ବନ୍ଧୁକ ଆଦି ଭାରତର ବେଶ୍ ସହାୟକ ହୋଇଥିଲା । ସ୍କାଏ ଷ୍ଟ୍ରାଇକର ଡ୍ରୋନ, ଆଇଜି ଡ୍ରୋନ, ପାରସ୍ ପ୍ରତିରକ୍ଷା ଏବଂ ମହାକାଶ ଟେକ୍‌ନୋଲୋଜୀର ସଫ୍‌ଟୱେର ଆଦି ଭାରତର ସେନାବାହିନୀ ପାଇଁ ବେଶ୍ ଲାଭଜନକ ହୋଇଥିଲା । ଯୁଦ୍ଧରେ ଭାରତୀୟ କମ୍ପାନୀମାନଙ୍କ ଦ୍ୱାରା ନିର୍ମିତ ଅସ୍ତ୍ରଶସ୍ତ୍ର ଆଦି ଯୋଗୁ ଭାରତ ୨୦୨୪-୨୫ରେ ୨୪ହଜାର କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରିଥିଲାବେଳେ ୨୦୨୯ ସୁଦ୍ଧା ୫୦ହଜାର କୋଟିର ଯେଉଁ ଲକ୍ଷ୍ୟ ରଖିଥିଲା ତାହା ବହୁପୂର୍ବରୁ ପୂରଣ ହେଲାପରି ବାତାବରଣ ସୃଷ୍ଟି ହୋଇଛି ।

ଅପରେସନ ସିନ୍ଦୂରର ସଫଳତା କ୍ଷେତ୍ରରେ ଭାରତର ନୀତିଗତ ପରିବ ର୍ନ ଉଲ୍ଲେଖନୀୟ । ଏବେ ଏହା ସ୍ଥଗିତ ଥିଲେ ମଧ ବନ୍ଦ ହୋଇନାହିଁ । ଆଗାମୀ ଦିନରେ ଭାରତ ସରକାର କାଶ୍ମିର ନୁହେଁ ପାକ୍ ଅଧିକୃତ କାଶ୍ମିରକୁ ଦଖଲ କରିବାକୁ ଆଲୋଚନା କରିବେ ବୋଲି ସ୍ପଷ୍ଟ କରିଛନ୍ତି । ସେହିପରି ସିନ୍ଧୁନଦୀର ଜଳକୁ ଭାରତ ପୂର୍ଣ୍ଣ ଉପଯୋଗ କରିବ । ସନ୍ତ୍ରାସବାଦୀ ଆକ୍ରମଣକୁ ଯୁଦ୍ଧ ବୋଲି ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟ କରିଛନ୍ତି ।


+ ଭାରତୀୟ ସମ୍ବାଦ ସେବା
(ଭାସ)
ଭୁବନେଶ୍ୱର-୭୫୧୦୦୩





## ସଙ୍ଗଦୋଷ

### ସଦାଶିବ ବିଶ୍ୱାଳ



ପାଣିର ନିଜସ୍ୱ ଗୁଣ ଶୀତଳତା
ଅଗ୍ନି ଜଳାଇ ମାରେ
ଜଳ ଅଗ୍ନି ସଙ୍ଗେ ଜୁଟି
ଶରୀରେ ଫୋଟକା କରେ

ବୁନ୍ଦାଏ ପାଣି ତତଲା ବସ୍ତୁପରେ ପଡି
ବାଷ୍ପ ହୋଇ ଉଡ଼ିଯାଏ
ସେଇ ପାଣି କୋମଳ
ଦୁବ ପରେ ଥାଇ
ରବି କିରଣରେ ଚିକ ଚିକ
ଚମକୁଥାଏ

ସେଇ ଏକା ଜଳ କମଳ
ପୁଷ୍ପପରେ ରହି
ନିଜ ଆଭା ଉକୁଟାଏ
ଶାମୁକା ପେଟରେ ରହି ରହି
ମୁକ୍ତାରେ ବଦଳିଯାଏ

କଥାକୁହା ଶୁଆ ଋଷି ଘରେ ଥାଇ
ରାମ ନାମ ଜପେ
ସେଇ ଶୁଆ ଦୁଷ୍ଟ ସାଥେ ରହି ରହି
ଅସଣ୍ଡ ସଣ୍ଡ ଗପେ

ସ୍ୱାଧୀନତା ଅଛି ଆମ ପାଖେ
ଜୀବନେ ସଙ୍ଗ ବାଛିବା ପାଇଁ
ସତସଙ୍ଗ କରି ସଂସାରୁ ତରିବା
ମୁଖେ ରାମ ହରି ନାମ ନେଇ


+ କଷ୍ଟ ଏଣ୍ଡ ମ୍ୟାନେଜମେ ଆକାଉଟା
ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର
ଅଙ୍ଗାରୁଆ, ଜିଲ୍ଲା - କେଉଁଝର


## ନିଦାଘ ତୁ ଥରେ...

### କୁନା ସେଠୀ

ନିଦାଘ ତୁ ଥରେ କହିବୁ କି ଖୋଲି
ଏତେ ତୁ କ୍ରୋଧି କାହିଁ
ଆସୁଛୁ ଧରାକୁ ନେଇ ତୁ ଖରାକୁ
ଦୟା ମାୟା ତୋର ନାହିଁ
ହେଉଛୁ ତୁ ରାଇଁ ରାଇଁ
ଖରାରେ ସିଝାଇ ମାରୁଛୁ ସଭିଙ୍କୁ
କେଉଁ କାରଣର ପାଇଁ ।

ନିଦାଘ ତୁ ଥରେ କହିବୁ କି ଖୋଲି
କେଉଁ ଦୋଷ କିଏ କଲା
କେଉଁ ସମ୍ପତିବା କିଏ
କେତେବେଳେ
ତୋହ ଠାରୁ ଘେନି ଗଲା
କିଏ ସିଏ ନେଲାବାଲା
କାହା ଦୋଷ ପାଇଁ ସଭିଏଁ ଏଇଠି
କରୁଛନ୍ତି ଠିଆପାଲା ।

ଶୁଖାଇ ଦେଲୁଣି ନଈ ପୋଖରୀର
ଶୀତଳ ସରସୀ ଜଳ
କଇଁଛ,କେରାଣ୍ଡି,ବାଲିଆ ,ମାଗୁର
ପାଇଁ ସେ ହୋଇଲା କାଳ
ଭଲ ନାହିଁ ଆଉ ବେଳ
ଜୀବଜନ୍ତୁ ଯେତେ ପାଣି ପିଇବାକୁ
ହେଉଛନ୍ତି ଦଳଦଳ ।

ନିଦାଘ ତୁ ଥରେ କହିବୁ କି ଖୋଲି
କୃଷକର କେଉଁ ଦୋଷ
ଖଟିଲା ପୁଅସେ ଖଟୁଛି ଖରାରେ
ଉଡାଇ ଦେଲୁ ତା ହୋସ
ଫସଲ କଲୁ ତା ଶେଷ
ଅଂଶୁଘାତ ଦେଇ ଗଡାଇ ମାଟିରେ
ବନ୍ଦ କଲୁ ତା ନିଶ୍ୱାସ ।

ସୁରୁଜକୁ କହି ବଢ଼ାଇ ତେଜ କୁ
ଭାଜି ଦେଉଛୁ ଧରାକୁ
ମଣିଷ ବାପୁଡା ରହି ପାରେ ନାହିଁ
ସହି ପାରେ ନା ଖରାକୁ
କହିବ ସିଏ ବା କାହାକୁ
ଘରେ ସେ ଲଗାଇ ଏସି କୁଲରକୁ
ବାହାର କରେ ତାତିକୁ ।

ନିଦାଘ ତୁ ଥରେ କହିବୁ କି ଖୋଲି
ରାଗ ଏବେ ତୋ କେଉଁଠି
ମଣିଷ ସିନା ସେ ନିଜ ସ୍ୱାର୍ଥ ପାଇଁ
ଗଛ କାଟୁଅଛି ଯେଉଁଠି
ଘର କରୁଅଛି ସେଇଠି
ପରିବେଶ କଥା ଭୁଲି ଯାଇ ସିଏ
ଛଟପଟ ହୁଏ ଏଇଠି ।

ମାନୁଛି ତୋହର ରାଗର କାରଣ
ମଣିଷ ହିଁ ଏକା ଜାଣ
ଛୋଟ ବୁଦ୍ଧିରେ ସେ ବୁଝି ପାରେ ନାହିଁ
କରେ ନିଜ ଅକାରଣ
ଗଛ ନ ଲଗାଇ ପୁଣ
ଘର କରିବାକୁ ପ୍ରତିଯୋଗୀ ହୁଏ
ଉପାଡି ସେ ବୃକ୍ଷ ତୃଣ ।

ନିଦାଘ ତୁ ଥରେ ଶାନ୍ତ ହୋଇ ଯାଇ
କହିଦେ ମେଘକୁ ଯାଇ
ତୋହରି ଲାଗିତ ତାହାରି ଜନମ
ଏକଥା ଜାଣିଛି ସେହି
ଦୁଃଖ ରାତି ଯିବ ପାହି
ଆସିଲେ ବରଷା ହସିବ ଏ ଧରା
ବୃକ୍ଷ ଲତା ଯେତେ ପାଇ ।

ଜୀବ ପାଇଁ ସିନା ତୋହରି ଜନମ
ଜୀବ ବିନା ଗତି କାହିଁ
ଜୀବର ହିତରେ ତୋର ସନମାନ
ଏକଥା କହୁଛି ମୁହିଁ
ତୁହି ଥିଲେ ଟିକେ ଚାହିଁ
ହସିବ ଜଗତ ହସିବ ଏ ସୃଷ୍ଟି
ତୋ ମହିମା ଗାଇ ଗାଇ ।


+ ଭୁତସରସିଙ୍ଗି, ପୁରୁଷୋ ମପୁର,
ଗଞ୍ଜାମ







# ଧ୍ୱନି ପ୍ରତିଧ୍ୱନି

ଆମ କୁନାକୁନିଙ୍କ ଆପଣା ପୃଥିବୀ ୫

ଶନିବାର, ୧୭ ମଇ ୨୦୨୫


## କବିତା

ତୁମ ପାଇଁ

### ରଖିବୁ ମହତ ମାନ

**ପ୍ରଶାନ୍ତ କୁମାର ଦାଶ**

ସୁନ୍ଦର ଏ ଦେଶ ସବୁଜ ତା ବେଶ
ମଧୁର ତା ଫଳ ଜଳ
ତାପାଣି ପବନ ରଖଇ ଜୀବନ
ଦେହକୁ ଦିଅଇ ବଳ ।

ଆମରି ଦେଶର ଫୁଲବଗିଚାରେ
ଫୁଟି ବାସେ କେତେ ଫୁଲ
ଆକାଶରେ ଉଇଁ ଜହ୍ନ ଜୋଛନାରେ
କରିଦିଏ ଝଲମଲ ।

ଆମରି ଦେଶର ଆକାଶୁ ଖସାଏ
ସୂରୁଜ କଅଁଳ ଖରା
ବନ ଉପବନ କେଦାର କାନନେ
ସବୁଜ ସମ୍ପଦ ଭରା ।

ଆମରି ଦେଶର ମାଟିର ଛାତିରେ
ଜନମିଛୁ ସୁନାଶିଶୁ
ଆମେ ହସାଇବୁ ଦୁନିଆ ଆମର
ହେଇ କଳାକାହ୍ନୁ ଯୀଶୁ ।

ଦିନେ ହେବୁ ବଡ ସହି ଝଞ୍ଜା ଝଡ
ଲଢ଼ିବୁ ଅରି ସାଥେ
ହଟାଇବୁ ଦେଶୁ ବିଦେଶୀକୁ ଆମେ
ଗୁଳି ଗୋଳା ଧରି ହାତେ ।

ଯେଉଁଦେଶେ ଗଢା ସୁନାର ସଂସାର
ଭୁଲିବୁନି ତାର ଦାନ
ଢାଳି ଲହୁ ଲୁହ ଦେଇ ଏ ଜୀବନ
ରଖିବୁ ମହତ ମାନ ।

ହେଇ ସାଥୀ ମେଳି ହସି ନାଚି ଖେଳି
ସଭିଏଁ ହୋଇବୁ ଏକ
ଦୁଃଖ କଷଣକୁ ସହି ଲୁହପିଇ
ରଖିବୁ ଦେଶର ଟେକ ।


+କୁଞ୍ଜର, ସଙ୍ଗଲାଇ
ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦


### ଖରାଛୁଟି...

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ଧୁ ଧୁ ଖରା ଦହିଦିଏ ଧରା
ନଭୁ ଖସେ ନିଆଁଝୁଲ
ପରୀକ୍ଷା ପରଠୁ ଇସ୍କୁଲ୍ ବନ୍ଦ
ଖରାଛୁଟି ଚାଟଙ୍କର ।

ତପତ ନିଦାଘେ ହାଇଁପାଇଁ କୁନା
ମାମୁଘର ଯିବାପାଇଁ
ଖରାଛୁଟି ପରା କାଟିବ ସେଇଠି
ସାଙ୍ଗସାଥୀ ମେଳେ ରହି ।

ଆଈକି ଝୁରୁଛି କୁନାଟା ଆମର
ଅଥୟ ହେଉଛି ସିନା
ଭୁଲିପାରୁନି ସେ ଆଈର ସିନିହ
ଖାଲି ହୁଏ ଆନମନା ।

ମାମୁଘରେ ତାକୁ ସାଙ୍ଗରେ ନେଇକି
ମେଳା ଦେଖାଇବେ ଅଜା
କିଣି ଖୁଆଇବେ କୁଲଫି ଆଇସକ୍ରିମ
ଛେନାପୋଡ଼ ମିଠା ଖଜା ।

ବାହାରିବ ବେଗି ପ୍ରାତଃ ଭ୍ରମଣରେ
ଅଜାଙ୍କୁ ସଙ୍ଗରେ ନେଇ
ଦେଖିବ କେତେ ସେ କ୍ଷେତ ତୋଟାମାଳ
ଗୋହିରୀ-ବନାନୀ-ନଈ ।

ଆଈ ଖୁଆଇବେ ଖିରି-ପୁରି-ମିଠା
ରସଗୋଲା-ଛେନା-ଖିରା
ଛାତ ପରେ ଆଈ କୋଳେ ବସି ସେ
ଆକାଶେ ଗଣିବ ତାରା ।

ଆଈର ମୁହଁରୁ ଶୁଣିବ ରେ କୁନା
ମଜାଗପ ରାଜା-ରାଣୀ
ଖରାଛୁଟି ଶେଷେ ଫେରିବ ଘରକୁ
ଖୁସିର ପସରା ଘେନି ।


+ଓସ୍କାର ସିଟି, ଲେନ୍ ନଂ ୯,ପ୍ଲଟ ନଂ ୪୫୬
ଲକ୍ଷ୍ମୀ ସାଗର କେନାଲ ରୋଡ଼,
ଭୁବନେଶ୍ୱର
ମୋ : ୯୪୩୮୩୩୨୧୩୮


### ସଇନ ହେବି ମୁହିଁ

**ସୁଜିତ କୁମାର ମିଶ୍ର**

ପାଠ ପଢିବି ମନ ଦେଇ ମୁଁ
ଚଗଲା ହେବି ନାହିଁ,
ଏ ମାଟି ଯଶ କୀରତି ପାଇଁ
ସଇନ ହେବି ମୁହିଁ ।

ଆତଙ୍କୀ ଓଠେ ଲିଭାଇ ହସ
ବୁଣିବି ଶାନ୍ତି ବୀଜ,
ମାଆ କୋଳକୁ ଦେବି ସୁରକ୍ଷା
ଦେଖାଇ ମୋର ତେଜ ।

କରୁଛି ପଣ ନାରୀକୁ ଦେବି
ସୁରକ୍ଷା ବୀରତ୍ୱରେ,
ସିନ୍ଦୂର ତାର ମହକୁ ଥିବ
ସୁନ୍ଦର କପାଳରେ ।

ଶତ୍ରୁ ଆତଙ୍କ ପଣ୍ଡ କରିବି
ସୀମାରେଖାକୁ ଡେଇଁ,
ବୁଝାଇ ଦେବି ମୋ ପାଇଁ ବଡ
ପୁଣ୍ୟ ଭାରତ ଭୂଇଁ ।

ଦେଶ ହିତରେ ହୋଇ ନାଉରୀ
ଦେବି ମୁଁ ପ୍ରାଣବଳି,
ଦରଦ ମୋର ବିତରୁ ଥିବି
ଦୀପ ପରିକା ଜଳି ।

କେତେ ସଇନ ଲଭି ମରଣ
ହେଲେ ସହୀଦ ପରା,
ତାଙ୍କ ଅଧୁରା ସୁନା ସପନ
କରିବି ମୁହିଁ ପୁରା ।

ଲଢୁଥିବି ମୁଁ ଲହୁ ଝରାଇ
ନକରି ସମର୍ପଣ,
ତ୍ରିରଙ୍ଗା ମୋର ଉଡୁଥିବ ଯେ
ଆନନ୍ଦେ ପ୍ରତିକ୍ଷଣ ।


+ ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
୭୬୮୩୮୬୭୭୪୨


## ସୁଦର୍ଶନ

**ବିଜୟଲକ୍ଷ୍ମୀ ପାଣିଗ୍ରାହି**





ରେ ଅର୍ଜୁନ ! ବିନା ଯୁଦ୍ଧେ ନ ଦେବି ମୁଁ ସୂଚ୍ୟଗ୍ରେ ମେଦିନୀ ଏମିତି ଏକ କଥା ସେଦିନ ମହାଭାରତ ଯୁଦ୍ଧକୁ ଆହ୍ୱାନ ଜଣାଇଥିଲା । ଜେଜେଙ୍କ ଠାରୁ ଏ କଥା ଶୁଣି ଆନିର ଆବେଗ ବଢିଗଲା । ଗଛରେ ପାଣିଦେବା ଠପକରି ରଖିଦେଇ ସେ କହିଲା ଜେଜେ ମହାଭାରତ ଯୁଦ୍ଧ ତ କୌରବ ଆଉ ପାଣ୍ଡବଙ୍କ ମଧ୍ୟରେ ହୋଇଥିଲା । ତା’ ହେଲେ ପାକିସ୍ଥାନୀମାନେ କୌରବ ନା ପାଣ୍ଡବ ? ସାର କହୁଥିଲେ ପାଣ୍ଡବମାନଙ୍କୁ ଶ୍ରୀକୃଷ୍ଣ ଯୁଦ୍ଧରେ ସାହାଯ୍ୟ କରୁଥିଲେ ମାତ୍ର କୌରବମାନଙ୍କୁ ଅନ୍ୟ ସମସ୍ତେ । ସେମାନେ ବେଶି ଛଳନା କରୁଥିଲେ ଏଇ ପାକିସ୍ଥାନୀମାନଙ୍କ ପରି ତେଣୁ କୌରବ କହିଲେ ପାକିସ୍ଥାନୀ ନା ?

ଜେଜେ ହଠାତ ଭାବି ପାରିଲେ ନାହିଁ ଏ ପ୍ରଶ୍ନର ଉତ୍ତର କ’ଣ ଦେବେ । ଗଛରେ ପାଣି ଦେଉଦେଉ ସେ ଆନିର ମୁହଁକୁ ଚାହିଁଲେ । ଦେଖିଲେ ଆନି ବହୁତ କିଛି କହିବାକୁ ଚାହୁଁଛି । ତେଣୁ ସେ ଟିକେ ଚୁପ ରହିବା ଭିତରେ ଉତ୍ତରକୁ ଅପେକ୍ଷା ନ କରି ଆନି ପଚାରି ଚାଲିଥିଲା ଗୋଟେ ପରେ ଗୋଟେ ପ୍ରଶ୍ନ ।

- ଜେଜେ, ତମେ ଜାଣିଛ ? ମହାଭାରତ ଯୁଦ୍ଧରେ ଏକ ଚକ୍ର ଅଦୃଶ୍ୟରେ ରହି ସମସ୍ତଙ୍କୁ ମାରିଦେଉଥିଲା । ଏ କଥା ବେଲାଳସେନ ହିଁ ଜାଣିଥିଲା । କାରଣ ସେ ହିଁ ଉର୍ଦ୍ଧ୍ୱରେ ରହି ଏ ସବୁ ଲକ୍ଷ୍ୟ କରୁଥିଲା । ସେହି ଚକ୍ରର ନାମ ତମେ କହି ପାରିବ ? ତା’ର ନାମ ଥିଲା ସୁଦର୍ଶନ ।

ଜେଜେ କହିଲେ, ହଁ କାହାଣୀରେ ସେମିତି ହିଁ ଶୁଣିଛି । ମାତ୍ର ସୁଦର୍ଶନ ଚକ୍ର ବ୍ୟକ୍ତି ବିଶେଷଙ୍କୁ ମାରୁ ନ ଥିଲା । ସେ ସମସ୍ତ ଅସ୍ତ୍ରକୁ ନଷ୍ଟ କରୁଥିଲା । ଜେଜେଙ୍କ ପାଟିରୁ କଥା ଛଡେଇ ଆନି କହିଲା, ‘ହଁ ଜେଜେ ଠିକ ସେମିତି ଏବେ ସିନ୍ଦୁର ମିଶନକୁ କିଛି ସମୟ ପାଇଁ ଅଟକାଇ ଦିଆଯାଇଥିଲା । ଆଉ ଠିକ ସେହି ସମୟରେ ପାକିସ୍ଥାନ ବିଶ୍ୱାସ ଘାତକତାକରି ଭାରତକୁ ହଜାର ହଜାର ଡ୍ରୋନ ଛାଡିଲା । ହେଲେ ତାଙ୍କର ଚକ୍ରାନ୍ତକୁ ଭାରତ କଡା ମୁକାବିଲା କରିଥିଲା । ହଜାର ହଜାର ଡ୍ରୋନକୁ ଆକାଶ ବକ୍ଷରେ ହିଁ ନଷ୍ଟ କରିଦେଇଛି ଆମ ଭାରତର ସେନା । ଆଉ ଏହା କାହା ଯୋଗୁଁ ସଫଳ ହେଲା ତୁମେ ଜାଣିଛ ଜେଜେ... ? ଏହାର ନାମ ତୁମେ କହିପାରିବ ?ଏହି ଅସ୍ତ୍ରର ନାମ ମଧ୍ୟ ସୁଦର୍ଶନ । ଏକା ନିଃଶ୍ୱାସରେ ଆନିର ଏ ବର୍ଣନା ଶୁଣି ଠୋ ଠୋ କରି ଜେଜେ ହସି ପକାଇଲେ । କହିଲେ, ଆରେ ବାଃ ... ମୋ ନାତୁଣୀ କେତେକଥା ଜାଣିଛି ! ଏଥର ମଧ୍ୟ ସୁଦର୍ଶନ ତା’ର ଧର୍ମ ନିଭାଇଛି । ଆକାଶ ବକ୍ଷରେ ଅର୍ଥାତ ଅଦୃଶ୍ୟରେ ସମସ୍ତ ଡ୍ରୋନର ମୁକାବିଲା କରିଛି । ପାଳନକର୍ତ୍ତା ଶ୍ରୀକୃଷ୍ଣଙ୍କ ଅସ୍ତ୍ର ସଦାକାଳେ ସଂସାରକୁ ରକ୍ଷା କରି ଆସିଛି ଆଉ ଆଜି ମଧ୍ୟ ।


+ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ- ୮୨୪୯୪୫୦୦୫୦


### କରିବା ଜଳଦାନ...

**ରାମଚନ୍ଦ୍ର ବେହେରା**

ସୁରୂଜ ତେଜ ଯାଇଛି ବଢି
ବଢି ସକାଳୁ ଆସୁଛି ମାଡି
ଡରାଏ ଅଂଶୁଘାତ
ବାଟୋଇ ପାଇଁ ସଡକ କଡେ
ଦିଶଇ ଜଳଛତ୍ର ।

ଟାଣ ଖରାରେ ଯଦିବା ଯିବା
ପାଣି ବୋତଲ ସାଥିରେ ନେବା
ଧରିବା ହାତେ ଛତା
ଓଦା ଗାମୁଛା ମୁଣ୍ଡରେ ଢାଂକି
ଚାଲିବା ଆମେ ରାସ୍ତା ।

ଖରାକୁ ଦେଖି ବିହଂଗ ଦଳ
ଖୋଜି ବୁଲନ୍ତି ଶୀତଳ ଜଳ
ବୁଝିବା ତାଂକ ମନ
ଛାତ ଉପରେ ରଖିବା ପାଣି
ମିଳିବ କୋଟି ପୂଣ୍ୟ ।

ଗାଈ ଗୋରୁ ଓ ବୁଲା କୁକୁର
ଘୁରି ବୁଲନ୍ତି ଘର ଦୁଆର
ସାମାନ୍ୟ କଷ୍ଟ କରି
ତୃଷା ତାଂକର ମେଣ୍ଟାଇ ଦେବା
ପାଣି କୁଣ୍ଡକୁ ଭରି ।

ପଶୁ ପକ୍ଷୀଂକ ଯତନ ନେଇ
ଖରାଛୁଟିକୁ ଦେବା ବିତେଇ
କରିବା ଜଳଦାନ
ପରଶି ଦେବେ ଆଶିଷ ପ୍ରଭୁ
ଜୀବନ ହେବ ଧନ୍ୟ ।


+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬


### କେବେ ଭୁଲିବାନି

**ନୀଳମଣି ଚାନ୍ଦ**

କେବେ ଭୁଲିବାନି ପିତାମାତାଙ୍କର
ଆମ ପାଇଁ ଅବଦାନ
ତାଙ୍କ ପାଇଁ ସାରା ଜୀବନ କଲେ ବି
ହେବ ସିନା ସିଏ ସାନ ।

କେବେ ଭୁଲିବାନି ଶିକ୍ଷକମାନଙ୍କୁ
ପଢେଇଥିଲେ ଯେ ପାଠ
ସେହି ପାଠ ପଢ଼ି ଆଜି ତ ସହଜ
ହୋଇଛି ଜୀବନ-ବାଟ ।

କେବେ ଭୁଲିବାନି ବଣ, ନଈ, କ୍ଷେତ
ତାଙ୍କ ଦାନ ଆମ ପାଇଁ
ପରିଣାମ ତା’ର ହେବ ଭୟାବହ
ଯଦି ସେ ରହିବେ ନାହିଁ ।

କେବେ ଭୁଲିବାନି ବନ୍ଦେ ମାତରମ୍
ଜନ- ଗଣ- ମନ ଗୀତ
ମୋ ଦେଶ ମହାନ୍ ଆମେ ଭାରତୀୟ
ଘୋଷିହେଉ ମନ, ଚିତ୍ତ ।

କେବେ ଭୁଲିବାନି ଶାନ୍ତି,ଅହିଂସାଟି
ହେଉ ମୂଳମନ୍ତ୍ର ଆମ
ଭୁଲି ନିଜ କାମ କରିବା ଆଗେରେ
ଦେଶ ପାଇଁ ସିନା କାମ ।


+ ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର
(ମୋ) ୯୫୮୩୨୦୨୩୫୭


### ଯୁଦ୍ଧ

**ପ୍ରଦ୍ୟୁମ୍ନ ପଟ୍ଟନାୟକ**

ଆମ ଏ ଦେଶର ସୀମାନ୍ତରେ ଏବେ
ଲାଗିଥିଲା ଘୋର ଯୁଦ୍ଧ
ଆତଙ୍କୀ ମାନଙ୍କ ଆକ୍ରମଣ ଲାଗି
ନିଆଗଲା ପ୍ରତିଶୋଧ ।

କାଶ୍ମୀର ବୁଲିବା ପାଇଁ ପର୍ଯ୍ୟଟକ
ଯାଇଥିଲେ ହୋଇ ଖୁସି
କିବା ଜାଣି ଥିଲେ ମାରିବାକୁ ତାଙ୍କୁ
ଶତ୍ରୁ ଥିଲେ ସେଠି ବସି ।

ବିନା କାରଣରେ ନିରୀହ ଲୋକଙ୍କ
ପ୍ରାଣ ଯେବେ ଦେଲେ ନାଶି
ଜଳି ଉଠିଥିଲା ପ୍ରତି ହିଁସା ନିଆଁ
କମାଣ ଯେ ଦେଲା ଧ୍ୱଂସି ।

ଚୂର୍ଣ୍ଣ ହୋଇଗଲା ଆଇରିର ଦର୍ପ
ମାଟିରେ ମିଶିଲା ଦୁର୍ଗ
ଆତଙ୍କୀ ଯେଉଁଠି ଲୁଚିଥିଲେ ଭାବି
ନିଜ ସୁରକ୍ଷାର ସ୍ୱର୍ଗ ।

ଲଢ଼ି ଗଲେ ବୀର ଦେଶର ଜବାନ
ମୃତ୍ୟୁକୁ ନକରି ଭୟ
କେଇ ଘଣ୍ଟା ମଧ୍ୟେ ବିନାଶିଲେ ଶତ୍ରୁ
ଦେଶର ହୋଇଲା ଜୟ ।


ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ
ଟାୱାର ଜୟ ଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬ ମୋ:୯୯୬୮୨୮୦୮୯୬


## ମଣିଷପଣିଆ ପାଇଁ ଶ୍ରେଷ୍ଠ ପୁରସ୍କାର

**ରମେଶ ଚନ୍ଦ୍ର ଦାଶ**



ବିଦ୍ୟାଳୟରେ ବାର୍ଷିକ ଉତ୍ସବ ହେବ । କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଦିଆଯିବ । ଏଥିପାଇଁ ଛାତ୍ରଛାତ୍ରୀମାନଙ୍କଠାରୁ ପିଲାମାନଙ୍କ ପର୍ଯ୍ୟନ୍ତ ସବୁରି ମନରେ ଖୁସି । ଦୀର୍ଘଦିନର ପରିଶ୍ରମର ଫଳ ମଂଚ ଉପରେ ଗ୍ରହଣ କରିବେ । ପ୍ରମାଣପତ୍ର ଓ ପୁରସ୍କାର ଶିକ୍ଷକ ଶିକ୍ଷୟିତ୍ରୀମାନେ ସଜାଇ ରଖୁଥାଆନ୍ତି । ଏହି ସମୟରେ ବିଦ୍ୟାଳୟର ନୋଟିସ୍ ଧରି ସନିଆ ବୁଢ଼ା ପହଂଚିଲା । ଏଭଳି ବ୍ୟସ୍ତ ସମୟରେ ପୁଣି କ’ଣ ନୋଟିସ୍ । ଜଣେ ଶିକ୍ଷକ ସନାତନ ପିଅନ ଠାରୁ ନୋଟିସ୍ ଖାତାଟି ନେଇ ପଢ଼ିଲେ । ତାହାର ବିଷୟବସ୍ତୁ ସମସ୍ତଙ୍କୁ ପଢ଼ି ଶୁଣାଇଦେଲେ । ସେହି ନୋଟିସ୍‌ରେ ଏକ ଜରୁରୀ ସଭା ପ୍ରଧାନଶିକ୍ଷକ ଡକାଇଥିବାର ଜାଣିଲେ । ସଭାଟି ଖୁବ୍ ଦରକାରୀ ଥିବାରୁ ପ୍ରଧାନଶିକ୍ଷକ ସମସ୍ତଙ୍କୁ ତତ୍‌କ୍ଷଣାତ୍ ଉପସ୍ଥିତ ହେବା ପାଇଁ ଡକାଇ ପଠାଇଛନ୍ତି ବୋଲି ସମସ୍ତେ ଜାଣିଗଲେ ।

ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକଙ୍କ କକ୍ଷରେ ପହଂଚିଲେ। ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ସଭାର ଉଦ୍ଦେଶ୍ୟ କହିଲେ । ସେ କହିଲେ- ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର/ଛାତ୍ରୀ ଏପର୍ଯ୍ୟନ୍ତ ବଛାଯାଇନାହିଁ । ତାକୁ ସମସ୍ତେ ବସି ବାଛିବା ଜରୁରୀ । ନଚେତ୍ ପରଦିନ ପୁରସ୍କାର ଦିଆଯାଇପାରିବନି ।

ସମସ୍ତଙ୍କ ମୁଣ୍ଡରେ ଚେତା ପଶିଲା । ଏହି କାମଟିକୁ ସମସ୍ତେ ଭୁଲିଯାଇଥିଲେ । ତାପରେ ଆଲୋଚନା ଚାଲିଲା । ସର୍ବପ୍ରଥମେ ଜଣେ ଶିକ୍ଷକ କମଳା ବୋଲି ଝିଅଟିକୁ ଶ୍ରେଷ୍ଠ ପୁରସ୍କାର ଦେବାକୁ ପ୍ରସ୍ତାବ ଦେଲେ । କାରଣ ସେ ବିଦ୍ୟାଳୟରେ ଭଲ ପଢ଼େ । ଅନ୍ୟଜଣେ ଶିକ୍ଷକ ତାର ବିରୋଧ କରି କହିଲେ, “ମନୋଜକୁ ଦିଆଯାଉ । ସେ ନିୟମିତ ବିଦ୍ୟାଳୟକୁ ଆସେ ଓ ପାଠରେ ମଧ୍ୟ ଭଲ ଅଛି ।” ତାକୁ ମଧ୍ୟ କେତେକ ବିରୋଧ କଲେ । ତାପରେ ଅନ୍ୟଜଣେ ଶିକ୍ଷକ ସଜନୀକୁ ଶ୍ରେଷ୍ଠ ପୁରସ୍କାର ଦେବାକୁ କହିଲେ । ସେ କହିଲେ- ସଜନୀ ନିୟମିତ ବିଦ୍ୟାଳୟକୁ ଆସିପାରେ ନାହିଁ । କାରଣ ତାର ବାପାମାଆ ଦୁହେଁ ରୁଗ୍‌ଣ । ସେମାନଙ୍କ ସେବା କରି ସେ ଆସେ । ବିଦ୍ୟାଳୟରେ ଯାହାର ଯାହା ଦରକାର ତାକୁ ସାହାଯ୍ୟ କରେ । କେବେ କାହାରି ସହିତ କଳି କରେ ନାହିଁ କି କେହି ତାକୁ ବି ଗାଳି କରନ୍ତି ନାହିଁ । ତାର ପୋଷାକ ସର୍ବଦା ସଫା । ତାର ଚାଲିଚଳନ ବେଶ୍ ଭଲ ।

ତା’ ସଂପର୍କରେ ଶୁଣିବା ପରେ ସମସ୍ତେ ତାରି ନାମକୁ ସ୍ଥିର କଲେ । ପରଦିନ ଯେତେବେଳେ ତା ନାମ ମଂଚରେ ଘୋଷଣା କରାଗଲା ସେତେବେଳେ ବିଦ୍ୟାଳର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଖୁସିରେ ନାଚି ଉଠିଲେ । ପ୍ରଧାନଶିକ୍ଷକ କହିଲେ- ପାଠପଢ଼ା ସହିତ ମଣିଷପଣିଆ ସମସ୍ତଙ୍କୁ ଆଗକୁ ନେବାରେ ସାହାଯ୍ୟ କରେ । ଏଥିପାଇଁ ସମସ୍ତେ ଯତ୍ନବାନ ହେବା ଜରୁରୀ ।


+ଶିକ୍ଷାଶ୍ରୀ ଲେନ୍,
କୁମ୍ଭାରପଡ଼ା, ପୁରୀ-୨, ପୁରୀ
ମୋ-୯୭୭୬୨୩୮୫୨୨


### କହିଲ ଦେଖି

**ସୁନୀଲ କୁମାର ପ୍ରଧାନ**

୧ .ଦୁଇ ଅକ୍ଷରରେ ନାମଟି ତାର
ଦେହଟି କଳା ଅଟେ ଯାହାର
ଖରା ବରଷାରେ ସେ ଦରକାର
କିଏ କହିବ ନାମଟି ତାର ।
ଉତ୍ତର - ଛତା

୨. ଫଳ ମଧ୍ୟରେ ଗଣାଟି ସେହି
ପାଚିଗଲେ ଅତି ମଧୁର ହୋଇ
ଖରା ଦିନରେ ସେ ଫଳୁ ଥାଇ
ପରବେ ଲୋଡା ହୁଅଇ ସେହି
ଯିଏ କହିବ ଚତୁର ସେଇ ।
ଉତ୍ତର - ଆମ୍ବ

୩. ତିନି ଅକ୍ଷରରେ ନାମଟି ହୋଇ
ଯୁଆଡ଼େ ଗଲେ ସାଥିରେ ଥାଇ
ଖରାରେ ଆମକୁ ରକ୍ଷା କରଇ
ଏହାର ଉତ୍ତର ଦିଅନ୍ତୁ କହି ।
ଉତ୍ତର - ଚପଲ

୪. ଚାରି ଅକ୍ଷରରେ ନାମଟି ତାର
ଦ୍ୱିତୀୟ ତୃତୀୟ କରିଲେ ଯୋଗ
ହାତ ବୋଲି ସବୁ ଜାଣନ୍ତି ଆଗ
ବାହାର ନୀଳ ଭିତରେ ରଙ୍ଗ
କିଏ କରିବ ନାମଟି ଯୋଗ ।
ଉତ୍ତର - ତରଭୂଜ


+ଝାଟିପଦର, ପାଲୁର ,ଗଂଜାମ
ମୋ - ୭୬୦୯୯୩୪୩୬୬


### ଦେଇ ଜାଣିଥିଲେ

**କୀର୍ତ୍ତନ ସାହୁ**

ଦେଇ ଜାଣି ଥିଲେ ଦୁଃଖୀ ରଙ୍କୀ ମୁହେଁ
ଖାଇବାକୁ ମୁଠେ ଦାନା
ସେଇ କାମ ମନେ ସନ୍ତୋଷ ଆଣିବ
ଉଡ଼ିବ ବିଜୟ ବାନା ।

ଚାରାଟେ ଲଗାଇ ଠିକ ବେଳେ ଯଦି
ଦେଇ ଜାଣି ଥିବ ପାଣି
ସେଇ ଚାରା ବଢ଼ି ଦିନେ ପୁଣି ଦେବ
ଫୁଲ ଫଳ ମନ ଜାଣି ।

ଦେଇ ଜାଣି ଥିଲେ ଗୁରୁ ଗୁରୁଜନେ
ଉପଯୁକ୍ତ ବ୍ୟବହାର
ତାଙ୍କରି ଆଶିଷ ବଳେ ତମେ ନିଶ୍ଚେ
ଜିତିବରେ ବାର ବାର ।

ଦେଇ ଜାଣି ଥିଲେ ଭଲ ପାଇବାଟା
ତମେ ତମ ପ୍ରିୟ ଜନେ
ତାଙ୍କ ଠାରୁ ଭଲ ପାଇବା ପାଇକି
ଖୁସି ହେବ ମନେ ମନେ ।

କେତେ କଥା ଅଛି ଏଇ ଦୁନିଆରେ
ତମେ ଦେଇ ଶିଖି ଥିଲେ
ଜୀବନରେ ତମେ ସଫଳ ହୋଇବ
ଏ କଥା ଜାଣିଥ ପିଲେ ।


+ମିଶ୍ର କଲୋନୀ
ଶାଳପଡ଼ା , କେନ୍ଦୁଝର
ମୋ: ୯୪୩୮୪୧୪୭୦୧




# ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟ ପୁନଃ ପ୍ରତିଷ୍ଠା ପାଇଁ ଉଠିଲା ଦାବି

ସାଲେପୁର ,୧୬/୫(ନି. ପ୍ର): ପବିତ୍ର ବୈଶାଖ ପୂର୍ଣ୍ଣିମା ବୁଦ୍ଧଜୟନ୍ତୀ ଅବସରରେ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ଠାରେ ବୌଦ୍ଧକୀର୍ତି ସୁରକ୍ଷା କ୍ରିୟା ଅନୁଷ୍ଠାନ କମିଟି ତରଫରୁ ରତ୍ନଗିରି, ଉଦୟଗିରି ଓ ଲଳିତଗିରି ହୀରକ ତ୍ରିଭୂଜ ମଧ୍ୟରେ ବହୁ ପୁରାତନ କାଳର ବୌଦ୍ଧ କୀର୍ତିରାଜି ତଥା ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟର ପୁନରୁଦ୍ଧାର ଓ ପୁନଃ ପ୍ରତିଷ୍ଠା ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯାଇଛି । ଓଡ଼ିଶାର ଏହି ରତ୍ନଗିରି ଉଦୟଗିର ଓ ଲଳିତଗିରିକୁ ନେଇ କୁହାଯାଉଥିବା ହୀରକ ତ୍ରିଭୂଜ ମଧ୍ୟରେ ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟ ଅବସ୍ଥିତ ଥିଲା, ଯାହାକି ନାଳନ୍ଦା, ତକ୍ଷଶିଳା ଅଥର୍ବା ବିକ୍ରମଶିଳା ଭଳି ବୌଦ୍ଧ ବିଶ୍ୱବିଦ୍ୟାଳୟ ମାନଙ୍କର ସମକକ୍ଷ ବୋଲି ବିଦ୍ୱାନ ଗବେଷକମାନଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଆସିଛି । ଏହା ଆମ ଓଡ଼ିଶାରେ ଥିବା ୨ଶହରୁ ଉର୍ଦ୍ଧ୍ୱ ବୌଦ୍ଧକୀର୍ତି ମଧ୍ୟରୁ ଅନ୍ୟତମ ବୋଲି ଚୀନର ପରିବ୍ରାଜକ ହୁଏନସାଂଙ୍କ ଭ୍ରମଣ କାହାଣୀରେ ଲିପିବଦ୍ଧ ଥିବାର ପ୍ରାମାଣିକ ତଥ୍ୟ ଆଧାରରେ ରାଜ୍ୟସରକାର , କେନ୍ଦ୍ରସରକାର ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ପୁନଃରୁଦ୍ଧାର ପାଇଁ ଯତ୍ନଶୀଳ ହେବା ଦରକାର ବୋଲି ବିଶିଷ୍ଟ ବୁଦ୍ଧିଜୀବିମାନେ ମତପ୍ରକାଶ କରିଛନ୍ତି । ପୂର୍ବରୁ ସ୍ଥାନୀୟ ଜନସାଧାରଣ ତଥା କ୍ରିୟାନୁଷ୍ଠାନ କମିଟିର ଅନୁରୋଧ ସତ୍ତ୍ୱେ ବିଶ୍ୱବିଖ୍ୟାତ ଏହି ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟର ପୁନରୁଦ୍ଧାର ପାଇଁ ସରକାରୀ ଉଦାସିନତା କାରଣରୁ କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନିଆଯାଇ ନଥିବା କ୍ଷୋଭର ବିଷୟ ବୋଲି ବକ୍ତାମାନେ କହିଛନ୍ତି । ଏହି ଉପଲକ୍ଷେ ମାହାଙ୍ଗାର ଲଳିତଗିରି ଠାରେ ଆୟୋଜିତ ବୁଦ୍ଧଜୟନ୍ତୀ ଅବସରରେ ସମାଜସେବୀ ରୁଦ୍ରନାରାୟଣ ସିଂହଙ୍କ ଆବାହକତ୍ୱରେ ବୌଦ୍ଧକୀର୍ତି କ୍ରିୟାନୁଷ୍ଠାନ କମିଟି ଗଠିତ ହୋଇଛି । ବିଶିଷ୍ଟ ସମାଜସେବୀ, ଶରତକର ଓ ଅନିମାକର ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ତଥା ପୂର୍ବତନ ଆୟକର କମିଶନର ଶୋଭନ କରଙ୍କୁ ଏହି କ୍ରିୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି । ଉତ୍କଳ ସାହିତ୍ୟ ସଂସ୍କୃତି ପରିଷଦର ସଂପାଦକ ତଥା ବିଶିଷ୍ଟ ସ୍ତମ୍ଭକାର ଅବନି ଚନ୍ଦ୍ର ଦାସ ସଂପ୍ରତି ଏହି କମିଟିର ସମ୍ପାଦକୀୟ କାର୍ଯ୍ୟ ନିର୍ବାହ କରିବେ ବୋଲି ସଭାରେ ସ୍ଥିର କାରାଯାଇଛି । କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଭାରତୀୟ ରାଜସ୍ୱ ସେବାର ପ୍ରାକ୍ତନ ଅଧିକାରୀ କୁବେର ପ୍ରଧାନ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ, ମହିମାଧର୍ମ ଗବେଷକ ଡଃ ଏକାଦଶୀ ପ୍ରଧାନ, ସମାଜସଂଗଠକ ଦେବର୍ତା ଅଜୟ ବଲ୍ଲଭ ଦାସ, କୃଷକ ନେତା ରାମଚନ୍ଦ୍ର ସ୍ୱାଇଁ, ପୂର୍ବତନ ପ୍ରଧାନଶିକ୍ଷକ ବିଷ୍ଣୁ ଚରଣ ମୁଦୁଲି, ରାମଚନ୍ଦ୍ର ମହାପାତ୍ର, ଶାରଦା ପ୍ରସାଦ ରଥ, ସମାଜସେବୀ ଶ୍ରୀକାନ୍ତ ରାଉତ, ଶୁଭେନ୍ଦୁ କୁମାର ସାମଲ, ବିଜୟ କୁମାର ସିଂହ, ସରୋଜ କୁମାରଦାସ, ଦିଲ୍ଲିପ କୁମାର ମହାନ୍ତି, ଉପେନ୍ଦ୍ର ନାୟକ, ମାନସଚମ୍ପତି ନାୟକ, ପାର୍ଥସାରଥୀ ନାୟକ ପ୍ରମୁଖଙ୍କ ସମେତ ବହୁ ସ୍ଥାନୀୟ ଯୁବଛାତ୍ରଙ୍କୁ ସାମିଲ କରାଯାଇଛି । ପରବର୍ତୀ ସମୟରେ କ୍ରିୟାନୁଷ୍ଠାନ କମିଟି ସଂପ୍ରସାରଣ କରାଯାଇ ସାଂପ୍ରତିକ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପୁନରୁଦ୍ଧାର ଓ ପୁନଃ ପ୍ରତିଷ୍ଠା ଦାବି ବିଧିବଦ୍ଧ ଉପସ୍ଥାପନ ଦିଗରେ ଆବାହକ ରୁଦ୍ରନାରାୟଣ ସିଂହ ବୈଠକ ଡକାଇ କାର୍ଯ୍ୟକ୍ରମ ସ୍ଥିର କରିବାକୁ ନିଷ୍ପତି ନିଆଯାଇଛି ।

# ‘ପରାକ୍ରମ ରାଲି’ ଅପରେସନ ସିନ୍ଦୂରରେ ଭାରତୀୟ ସେନାର ଗୌରବ ଗାଥାକୁ ସମ୍ମାନ

ସୁବର୍ଣ୍ଣପୁର,୧୬/୫ (ନି. ପ୍ର): ଜିଲ୍ଲା ପ୍ରଶାସନ ସୁବର୍ଣ୍ଣପୁର ଓ ପୌର ପରିଷଦ ସୋନପୁର ଦ୍ୱାରା ଆୟୋଜିତ ଜିଲ୍ଲା ସ୍ତରୀୟ ‘ପରାକ୍ରମ ବାଇକ ରାଲି‘ ଭାରତୀୟ ସେନାଙ୍କ ଅଭୂତପୂର୍ବ ତ୍ୟାଗ, ସାହସ ଓ ଦୁଃସାହସିକତା ପ୍ରତି ସମ୍ମାନ ଓ ସ୍ମୃତି ସ୍ୱରୂପ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ଭାରତର ସୁରକ୍ଷା ପାଇଁ ସେନାର ଅଗାଢ ପରିଶ୍ରମକୁ ସମ୍ମାନ ଦେବା ଓ ନାଗରିକଙ୍କ ମଧ୍ୟରେ ଦେଶପ୍ରେମ ଓ ସୁରକ୍ଷା ଜ୍ଞାନ ବୃଦ୍ଧି କରିବା । ଜିଲ୍ଲାପାଳ ଶ୍ରୀମତୀ ଅନନ୍ୟା ଦାସ ପତାକା ପ୍ରଦର୍ଶନ କରି ରାଲିର ଶୁଭାରମ୍ଭ କରିଥିଲେ । ସେ ଅପରେସନ ସିନ୍ଦୂରରେ ଭାରତୀୟ ସେନାଙ୍କ ପରାକ୍ରମ ପ୍ରଶଂସା କରି ସେମାନଙ୍କ ପ୍ରତି ଅଭିନନ୍ଦନ ଜଣାଇଥିଲେ ଓ ସାଧାରଣ ଜନତାଙ୍କୁ ସେନାଙ୍କ ମନୋବଳ ବୃଦ୍ଧି ପାଇଁ ସଚେତନ ଓ ଉତ୍ସାହିତ କରିଥିଲେ । ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଦେଶର ସୁରକ୍ଷା ଓ ପ୍ରଗତି ପାଇଁ ନାଗରିକଙ୍କ ଏକତା ବଢ଼ାଇବା ଉପରେ ଗୁରୁତ୍ୱ ଦେଇଥିଲେ । ଏହି ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା ସୋନପୁର ରୋୟାଲ ପଡିଆରୁ ଆରମ୍ଭ ହୋଇ ବ୍ଲକ ଛକ, ଆମ୍ବେଦକର ଛକ, କଚେରୀ ଛକ, ବିଜୁପଟ୍ଟନାୟକ ଛକ, ନଳିନୀ ଛକ ମାର୍ଗରେ ଗତି କରି ନୂତନ ଟାଉନ ହଲପରିସରରେ ସମାପ୍ତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଉପଜିଲ୍ଲାପାଳ, ପୌରପରିଷଦ ଅଧକ୍ଷା, ସ୍ଥାନୀୟ ଜନ ପ୍ରତିନିଧି, ସମସ୍ତ ସରକାରୀ ପଦାଧିକାରୀ ଓ କର୍ମଚାରୀ, ପୋଲିସ କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ସଂଘ କର୍ମକର୍ତା, ଏନ.ସି.ସି, ଏନ.ଏସ.ଏସ., ରେଡକ୍ରସ, ପୌର ପରିଷଦ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି, ସ୍ୱୟଂ ସହାୟକ କର୍ମକର୍ତା ଓ ଜିଲ୍ଲାର ସମସ୍ତ ବର୍ଗରୁ ବହୁ ସଂଖ୍ୟାରେ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ ।

ଅନୁଷ୍ଠିତ ଶୋଭାଯାତ୍ରା ଏସ. ପି, ଏ.ଡି.ଏମ, ସବ କଲେକ୍ଟର ବୀର ମହାରାଜପୁର, ନିର୍ବାହୀ ଅଧିକାରୀ ପୌରପରିଷଦ ସୋନପୁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବାବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ମନୋରଞ୍ଜନ ତ୍ରିପାଠୀ, ଅବିନାଶ ହୋତା ପ୍ରମୁଖ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

## ଜନଶୁଣାଣି ପୋର୍ଟାଲ ମାଧ୍ୟମରେ ସ୍ଲଟ ପଞ୍ଜୀକରଣ ପାଇଁ ଆହ୍ୱାନ

ସମ୍ବଲପୁର,୧୬/୫(ନି. ପ୍ର): ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରତି ଜିଲ୍ଲାରେ ନିର୍ଦ୍ଧାରିତ ତାରିଖ ଅନୁଯାୟୀ ଜନସାଧାରଣ ଙ୍କ ନିମନ୍ତେ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଉଛି । ଏହି ପରିପ୍ରେକ୍ଷୀରେ ଆସନ୍ତା ମେ ମାସ ୧୯ ତାରିଖ ରେ ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେବାକୁ ଥିବା ମିଳିତ ଜନ ଅଭିଯୋଗ ଶୁଣାଣି ପାଇଁ ଆଗ୍ରହୀ ଜନସାଧାରଣ ଜନ ଶୁଣାଣି ପୋର୍ଟାଲ ମାଧ୍ୟମରେ ତାଙ୍କର ଅଭିଯୋଗ ପାଇଁ ସ୍ଲଟ୍ ପଞ୍ଜୀକରଣ କରିପାରିବେ । ଯାହା ପାଇଁ ଆମ ଜିଲ୍ଲାରେ ୧୦୦ଟି ସ୍ଲଟ୍ ଉପଲବ୍ଧ ରହିଛି । ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଆସନ୍ତା କାଲି ଶୁକ୍ରବାର (୧୬/୦୫/୨୦୨୫) ଦିବା ୧୧ ଘଟିକା ଠାରୁ ଶନିବାର ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନ ଠାରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳଙ୍କୁ ଜଣାଇପାରିବେ ବୋଲି ସମ୍ବଲପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ଗଣମାଧ୍ୟମକୁ ଅବଗତ କରାଇଛନ୍ତି ।

# ଶିକ୍ଷା ସହିତ ଦକ୍ଷତା ବିକାଶର ସମନ୍ୱୟ ହେବା ଆବଶ୍ୟକ: ରାଜ୍ୟପାଳ

ଭୁବନେଶ୍ୱର,୧୬/୫(ନି. ପ୍ର): ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ କର୍ମଶକ୍ତି ସୃଷ୍ଟି କରିବା ପାଇଁ ଶିକ୍ଷା ସହିତ ଦକ୍ଷତା ବିକାଶର ସମନ୍ୱୟ ଏକାନ୍ତ ଆବଶ୍ୟକ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଚଳିତ ଶୁକ୍ରବାର ସ୍କିଲ ଡେଭଲପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟ, ଭୁବନେଶ୍ୱରଠାରେ “ସ୍କିଲ ଅନ୍ ହ୍ୱିଲ୍”ର ଶୁଭାରମ୍ଭ କରିବା ସହିତ ଜାତୀୟ ଦକ୍ଷତା ବିକାଶ ପରିଷଦ ସହଯୋଗରେ ସ୍ଥାପିତ ଇଂଟରନେସ୍‌ନାଲ ସେଂଟରର ଉଦ୍‌ଘାଟନ କରି ରାଜ୍ୟପାଳ ଏହା କହିଛନ୍ତି ।

ଏହି ଉପଲକ୍ଷେ ଏସ.ଡି.ଆଇ. ପ୍ରେକ୍ଷାଳୟଠାରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି – ୨୦୨୦ରେ ଉଚ୍ଚ ଶିକ୍ଷା ସହିତ ଦକ୍ଷତା ବିକାଶକୁ ସମନ୍ୱିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଛି । ଆଜିର ଜଗତୀକରଣ ବିଶ୍ୱରେ ଉତ୍ପାଦକତା ବୃଦ୍ଧି, ଆର୍ଥିକ ଅଭିବୃଦ୍ଧି ଏବଂ ସମାଜକୁ ସଶକ୍ତ କରିବା ପାଇଁ ଦକ୍ଷତା ବିକାଶ ଅତ୍ୟନ୍ତ ଜରୁରୀ । ଦକ୍ଷତା ବିକାଶରେ ଉଦ୍ୟୋମିତା ପାଇଁ ସହଯୋଗ ଓ ସମର୍ଥନ ଅନ୍ତର୍ଭୁକ୍ତ ହେବା ଉଚିତ୍ । ଅନୁଷ୍ଠାନଗୁଡ଼ିକ ମଧ୍ୟ ବୈଷୟିକ ଦକ୍ଷତା ଶିକ୍ଷା ପ୍ରଦାନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ବ୍ୟବସାୟ ଆରମ୍ଭ କରିବା, ପାଣ୍ଠି ଯୋଗାଡ କରିବା ଏବଂ ସୁଯୋଗ ଖୋଜିବା ବିଷୟରେ ମାର୍ଗଦର୍ଶନ କରିବା ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ । ବାଲ୍ୟକାଳରୁ ପିଲାଙ୍କୁ ବୃତିଗତ ଶିକ୍ଷା ପ୍ରଦାନ ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରି କହିଥିଲେ ଯେ, ପିଲାମାନେ ବୟସ୍କଙ୍କ ତୁଳନାରେ ଶୀଘ୍ର ଶିଖନ୍ତି ଏବଂ ପାଠ୍ୟକ୍ରମର ଏକ ଅଂଶ ଭାବେ ସେମାନଙ୍କୁ ବୃତିଗତ ତାଲିମ ସହିତ ପରିଚିତ କରାଇବା ଉଚିତ୍ । ସ୍କିଲ ଇଣ୍ଡିଆ ମିଶନ ସଂପର୍କରେ ରାଜ୍ୟପାଳ ଅବତାରଣା କରି ୨୦୧୫ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଆରମ୍ଭ ହେଇଥିବା ଏହି ପଦକ୍ଷେପକୁ ପ୍ରଶଂସା କରିବା ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏ ଦିଗରେ ଓଡିଶାର ଅବଦାନକୁ ପ୍ରଶଂସା କରିଥିଲେ । ଓଡିଶା ଦକ୍ଷତା ବିକାଶ ଏବଂ ନିଯୁକ୍ତିର ହବ୍ ଭାବେ ଉଭା ହେଉଥିବାରୁ ରାଜ୍ୟପାଳ ଖୁସି ପ୍ରକଟ କରିଥିଲେ । ଇଂଜିନିୟରିଂ, ପଲିଟେକ୍‌ନିକ ଏବଂ ଆଇ.ଟି.ଆଇ ଛାତ୍ରଛାତ୍ରୀଙ୍କ ପାଇଁ ଫିନିସିଂ ସ୍କୁଲ ଭାବରେ ସ୍କିଲ ଡେଭଲପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟର ଭୂମିକାକୁ ପ୍ରଶଂସା କରିଥିଲେ । ଏନ.ଏସ୍?.ଡି.ସି. (ଜାତୀୟ ଦକ୍ଷତା ବିକାଶ ପରିଷଦ) ସହଯୋଗରେ ସ୍ଥାପିତ ଇଂଟରନେସନାଲ୍ ସେଂଟର ଯୁବପିଢ଼ିକୁ ବିଦେଶରେ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଥିଲେ ।

ଏହି କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥିଭାବେ ଯୋଗଦେଇ ଶିକ୍ଷ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସଂପଦ ଚନ୍ଦ୍ର ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରି ଏହି ଅନୁଷ୍ଠାନ ବୈଷୟିକ ଦକ୍ଷତା ପାଇଁ ଶିକ୍ଷା ପ୍ରଦାନ ସହ ଦାୟିତ୍ୱବାନ ଏବଂ ଦକ୍ଷ ଯୁବପିଢ଼ୀ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା “ବିକଶିତ ଓଡିଶା – ବିକଶିତ ଭାରତ” ଗଠନ ପାଇଁ ଅବଦାନ ରଖିବ ବୋଲି କହିବା ସହିତ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସରକାରଙ୍କ ତରଫରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ବକ୍ତବ୍ୟ ପ୍ରଦନା କରି ଯୁବ ବର୍ଗ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାର ଭରପୁର ସୁଯୋଗ ନେବା ସହିତ ବାର୍ତାବହ ହେବାକୁ ଆହ୍ୱାନ ଜଣାଇଥିଲେ । ସ୍କିଲ ଡେଭଲେପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟର ଅଧକ୍ଷା ରଶ୍ମୀ ଗୋଭିଲ ଏହି ସମାରୋହରେ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପୂର୍ବରୁ ସ୍କିଲ ଡେଭଲେପ୍‌ମେଂଟ ଇନ୍‌ଷ୍ଟିଚ୍ୟୁଟର କର୍ମକର୍ତାମାନେ ପ୍ରତିଷ୍ଠାନର କାର୍ଯ୍ୟଧାରା,ପାଠ୍ୟକ୍ରମ, ଛାତ୍ରଛାତ୍ରୀ ଏବଂ ଭବିଷ୍ୟତ ଯୋଜନା ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । କାର୍ଯ୍ୟକ୍ରମ ପରେ ରାଜ୍ୟପାଳ ପ୍ରତିଷ୍ଠାନର ପରିସର ଏବଂ ବିଭିନ୍ନ ବିଭାଗର ଲାବରାଟୋରୀ ପରିଦର୍ଶନ କରିଥିଲେ ।

# ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର,୧୬/୫(ନି. ପ୍ର): ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ପିସି ଏଣ୍ଡ ପିଏନଡିଟି ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା ସ୍ତରରେ ଗର୍ଭବତୀ ମାନେ କରାଉଥିବା ଅଲ୍ଟ୍ରାସାଉଣ୍ଡ ପରୀକ୍ଷା ଏବଂ ଜନ୍ମ ଗତ ଲିଙ୍ଗ ଅନୁପାତ ବିଷୟରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ଜିଲ୍ଲାରେ କନ୍ୟା ଶିଶୁ ଜନ୍ମ ହାର କମି ଯିବା ନେଇ ଉଦବେଗ ପ୍ରକାଶ କରି ଏହା ପାଇଁ ନିୟମିତ ଯାଂଚ କମିଟି ଦ୍ୱାରା ଯଥାପି ଯାଂଚ କରିବା ଓ ତଥ୍ୟ ଉପସ୍ଥାପନ କରିବା ପାଇଁ ଉଭୟ ଉପଖଣ୍ଡ ଉପଜିଲ୍ଲାପାଳ ମାନେ ନିଜ ଅଂଚଳର ଅଲ୍ଟ୍ରାସାଉଣ୍ଡ କ୍ଲିନିକଗୁଡିକର ନିୟମିତ ନିରୀକ୍ଷଣ କରିବା ନିର୍ଦ୍ଦେଶ ଦେଇଛନ୍ତି । ଜନସାଧାରଣ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଏସଏଚଜି ଏବଂ ଜିକେଏସ ସଦସ୍ୟମାନେ ମିଳି କାର୍ଯ୍ୟ କରିବେ । ଏହାସହିତ ସମସ୍ତ ପଞ୍ଜିକୃତ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ରରେ ପ୍ରାଚୀର ବିଜ୍ଞାପନ ଲାଗିବା ସହିତ ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦିଆଯିବ । ବୈଠକରେ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ପ୍ରଦୀପ କୁମାର ଗୁରୁ ସ୍ୱାଗତ ସମ୍ଭାଷଣ କରି ବୈଠକର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ । ଏଲଏଆଇଏସ ଶୋଭନା ଦାଶ ପୂର୍ବବର୍ତୀ ବୈଠକର ନିଷ୍ପତି ସମ୍ପର୍କରେ ଅବଗତ କରାଇଥିଲେ । ଏହି ବୈଠକରେ ଏଡିପିଏଚଓ (ପରିବାର କଲ୍ୟାଣ) ଡ଼. ଦୈତ୍ୟ ନାରାୟଣ ପାଢ଼ୀ, ଡିଏମଓ ଡ଼. ଦୁର୍ଗାଦତ ଦାଶ, ଉପଜିଲ୍ଲାପାଳ ସୋନପୁର ଡ଼ଃ ସୌମ୍ୟା ରୁପା ରଥ, ଅବସର ପ୍ରାପ୍ତ ଡ଼. ଶାନ୍ତି ମଞ୍ଜରୀ ମିଶ୍ର, ଡିଏସଡବ୍ଲୁଓ ଅନୁପମା ପଣ୍ଡା, ଡିପିଏମ ଏନଏଚଏମ ରୂପକ କୁମାର ମହାପାତ୍ର, ମଞ୍ଜୁଳା ମିଶ୍ର, ସମାଜସେବିକା, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡ଼.ପ୍ରକାଶ ଦଣ୍ଡସେନା, ଶିଶୁ ରୋଗ ବିଶେଷଜ୍ଞ ଡ଼. ଡି. କେ. ପୁରୋହିତ, ସାମ୍ବାଦିକ ସ୍ୱାଧୀନ କୁମାର ମେହେର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର

ସମ୍ବଲପୁର,୧୬/୫(ନି. ପ୍ର): ମାରୱାଡ଼ି ଯୁବାମଂଚ କ୍ଷେତରାଜପୁର, ନବଚେତନା ସମ୍ବଲପୁର, ଉଦୟ ଷ୍ଟାର ଶାଖା ଏବଂ ବିଜୁ ମହାବୀର ଫୁଟ୍ ସେଂଟର ପକ୍ଷରୁ କ୍ଷେତରାଜପୁର ଠାରେ ଏକ ନିଃଶୁଳ୍କ କୃତ୍ରିମ ଅଙ୍ଗ ପ୍ରତ୍ୟାରୋପଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ୍ ୭୦ ଜଣ ଦିବ୍ୟାଙ୍ଗ ଉପକୃତ ହୋଇଥିଲେ ।

ହିତାଧିକାରୀମାନେ କୃତ୍ରିମ ଅଙ୍ଗ ହାସଲ କରି ଭବିଷ୍ୟତ ଜୀବନକୁ ଆରାମଦାୟକ କରିଥିବାରୁ ଯୁବାମଂଚକୁ ଅଶେଷ କୃତଜ୍ଞତା ଜଣାଇଥିଲେ । ଯୁବାମଂଚର ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ପରାଗ ଅଗ୍ରୱାଲ ଏହି ଶିବିର ପାଇଁ ସହଯୋଗ ଓ ଆର୍ଥିକ ସହାୟତା ପ୍ରଦାନ କରିଥିବା ବ୍ୟକ୍ତିମାନଙ୍କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ମଧ୍ୟ ସହଯୋଗ ଜାରି ରହିବ ବୋଲି ଆଶା କରିଥିଲେ ।

# ବିବାଦୀୟ ପୋଖରୀକୁ ନେଇ ଦୁଇ ପଂଚାୟତ ମଧ୍ୟରେ ବିବାଦ: ହାଇକୋର୍ଟରେ ମାମଲା

ସାଲେପୁର ,୧୬/୫(ନି. ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ସୁକରପଡା ଓ କଟରପଡା ଦୁଇ ପଂଚାୟତ ମଧ୍ୟରେ ଗୋଟିଏ ପୋଖରୀ ଦିଅଁପୋଖରୀ ରହିଥିବା ବିବାଦର ସମାଧାନ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀ କରିନଥିବା ସଂକ୍ରାନ୍ତ ଅଭିଯୋଗ ହାଇକୋର୍ଟରେ ପହଞ୍ଚିଛି । ଏହି ପୋଖରୀରେ କେଉଁ ପଂଚାୟତର କେତେ ଅଂଶ ରହିଛି ସେ ନେଇ ଶୁଣାଣୀ କରି ନିଷ୍ପତି ଦେବାକୁ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କଟରପଡା ପଂଚାୟତର ଦାବିପତ୍ର ଉପରେ ମଣ୍ଡଳ ଉନ୍ନୟନ ଅଧିକାରୀ ଶୁଣାଣୀ କରିବା ବେଳେ ସୁକରପଡା ସରପଂଚଙ୍କୁ ମଧ୍ୟ ପକ୍ଷ ରଖିବା ପାଇଁ ସୁଯୋଗଦେବେ ଏହାପରେ କଟରପଡା ଓ ସୁକରପଡା ପଂଚାୟତର କେତେଭାଗ ରହିଛି ସେ ନେଇ ମଣ୍ଡଳ ଉନ୍ନୟନ ଅଧିକାରୀ ୪ ସପ୍ତାହ ମଧ୍ୟରେ ନିଷ୍ପତି ଗ୍ରହଣ କରିବେ । ପୋଖରୀ ନିଲାମ ପୂର୍ବରୁ ଦୁଇ ପଂଚାୟତର ଭାଗ କାହାର କେତେ ସେ ନେଇ ମଣ୍ଡଳ ଉନ୍ନୟନ ଅଧିକାରୀ ଚୂଡାନ୍ତ ନିଷ୍ପତି ଗ୍ରହଣ କରିବେ ବୋଲି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥିଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେବା ସହିତ କଟରପଡା ସରପଂଚ ରାକେଶ କୁମାର ସାମଲଙ୍କ ଆବେଦନର ଶୁଣାଣୀରେ ପୂର୍ଣ୍ଣଛେଦ ପକାଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ପଂଚାୟତ ପୁନଃଗଠନ ପରେ ସୁକରପଡା ପଂଚାୟତରୁ କଟରପଡା ପଂଚାୟତ ଗଠନ ହୋଇଥିଲା । ମୂଳ ସୁକରପଡା ପଂଚାୟତ ଦିଅଁ ପୋଖରୀ ରହିଥିଲା । ନୂଆ ପଂଚାୟତ ଗଠନ ପରେ ଉକ୍ତ ପୋଖରୀ କଟରପଡା ଗ୍ରାମ ପଂଚାୟତର ମଧ୍ୟ ଅଂଶ ରହିଛି ବୋଲି କୁହାଯାଇଥିଲା । କଟରପଡା ପଂଚାୟତ ତରଫରୁ ଏହି ପୋଖରୀରେ ପଂଚାୟତର ଭାଗ ଥିବା ଦାବି କରାଯାଇଥିଲା । ଏହି ପ୍ରସଙ୍ଗରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା । ସୁକରପଡା ପଂଚାୟତ ଏହି ପୋଖରୀରୁ ମିଳୁଥିବା ସମସ୍ତ ଅର୍ଥ ନେଉଥିବା ବେଳେ କଟରପଡା ପଂଚାୟତର ଦାବିକୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା । ଏହି ପୋଖରୀ ଦୁଇ ପଂଚାୟତରେ ରହିଥିବାରୁ ଏଥିରୁ ଆଦାୟ ହୋଇଥିବା ଅର୍ଥ ଦୁଇ ପଂଚାୟତକୁ ମିଳିବା କଥା । ପୋଖରୀର ଭାଗ କେଉଁ ପଂଚାୟତରେ କେତେ ତାହା ନିର୍ଦ୍ଧାରଣ କରାଯିବା ପାଇଁ କଟରପଡା ପଂଚାୟତର ବାସିନ୍ଦାମାନେ ନିଶ୍ଚିନ୍ତକୋଇଲି ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଓ ଜିଲ୍ଲା କର୍ତୃପକ୍ଷଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ହାଇକୋର୍ଟର ଦୁଇ ଜଣିଆ ଖଣ୍ଡପୀଠଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ: ବ୍ଲକଗ୍ରାଂଟ କର୍ମଚାରିଙ୍କୁ ବଦଳି କରାଯାଇ ପାରିବ ନାହିଁ

ଭଦ୍ରକ,୧୬/୫(ନି. ପ୍ର): ବେସରକାରୀ ଅନୁଦାନ ପ୍ରାପ୍ତ କଲେଜରେ ବ୍ଲକ ଗ୍ରାଂଟ ପାଉଥିବା କର୍ମଚାରୀ ମାନଙ୍କୁ ଗୋଟେ ଶିକ୍ଷାନୁଷ୍ଠାନରୁ ଅନ୍ୟ ଏକ ଶିକ୍ଷାନୁଷ୍ଠାନକୁ ବଦଳି କରାଯାଇ ପାରିବନାହିଁ । ଜିଆଇ ଏନଂ- ୨୦୦୪/୨୦୦୮/୨୦୦୯/୨୦୧୪ ଅନୁଯାୟୀ କାର୍ଯ୍ୟରତ କର୍ମଚାରୀମାନେ ଯିଏକି ବେସରକାରୀ ଅନୁଦାନପ୍ରାପ୍ତ କଲେଜରୁ ବ୍ଲକ୍ ଗ୍ରାଂଟ ପାଉଥିବେ ସେମାନେ ରାଜ୍ୟ ବ୍ୟାପୀ ସାଧାରଣ କ୍ୟାଡ଼ର ରେ ଅନ୍ତର୍ଭୁକ୍ତ ନୁହଁନ୍ତି । ଯାହାଦ୍ୱାରା ସେମାନଙ୍କୁ ବଦଳି କରାଯାଇପାରିବ ନାହିଁ । ଏପରି ରାୟ ଦେଇଛନ୍ତି ହାଇକୋର୍ଟର ୨ ଜଣିଆ ଖଣ୍ଡପୀଠ । ସୂଚନା ଅନୁସାରେ, ଗତ ମାର୍ଚ୍ଚ ୧୦ ରେ ଧାମନଗର କଲେଜରେ କାର୍ଯ୍ୟରତ କନିଷ୍ଠ କିରାଣି ସୁରେନ୍ଦ୍ର କୁମାର ଜେନାଙ୍କୁ ନାଆମି କଲେଜକୁ ବଦଳି କରାଯାଇଥିଲା । ଏହି ବଦଳି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଶ୍ରୀ ଜେନା ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁଏ ନଂ- ୬୮୫/୨୦୨୫ ରିଟ ଅପିଲ କରିଥିଲେ । ଏପରି ବଦଳି ପ୍ରସଙ୍ଗରେ ବ୍ଲକଗ୍ରାଂଟ କର୍ମଚାରୀଙ୍କ ବଦଳି ହୋଇ ପାରିବ ନାହିଁ । ଉଚ୍ଚଶିକ୍ଷା ବିଭାଗର ତା.୧୬-୪-୨୦୨୨ରେ ଜାରି କରିଥିବା ବିଜ୍ଞପ୍ତି କୁ ହାଇକୋର୍ଟ ପ୍ରଥମେ ଆବେଦକ ଶ୍ରୀ ଜେନା ଉଚ୍ଚଶିକ୍ଷା ବିଚାରକୁ ନେଇ ଆବେଦନକାରୀଙ୍କୁ ଅନ୍ୟତ୍ର ଏକ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିବାକୁ ତା.୧୦-୩-୨୫ରେ ଉଚ୍ଚଶିକ୍ଷା ବିଭାଗ ଦେଇଥ?ବା ନିର୍ଦ୍ଦେଶକୁ ରଦ୍ଦ କହିଛନ୍ତି । ବିଭାଗ ଦ୍ୱାରା ତା. ୧୦-୩-୨୦୨୫ ଜାରି କରିଥିବା ବଦଳି ନିର୍ଦ୍ଦେଶ ବିରୁଦ୍ଧରେ ହାଇକୋର୍ଟରେ ଏକ ଡବ୍ଲୁପିସି ନଂ. ୭୮୩/୨୫ ରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ । ଏହାକୁ ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ବିଚାର କରି ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ ଉପରେ ହସ୍ତକ୍ଷେପ କରିବାକୁ ମନା କରିବା ସହ ତା ୨୦-୩-୨୫ ରେ ମାମଲାକୁ ରଦ୍ଦ କରିଥିଲେ । ହାଇକୋର୍ଟଙ୍କ ଏହି ରାଏ କୁ ଚ୍ୟାଲେଞ୍ଜ କରି ୨ ଜଣିଆ ଖଣ୍ଡପୀଠ ରେ ପୁନର୍ବାର ମାମଲା ଦାୟର କରିବା ସହ ରିଟ ଅପିଲ ୬୮୫/୨୦୨୫ କରିଥିଲେ । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଏମ୍ସ ରମଣ ଙ୍କୁ ନେଇ ଗଠିତ ଖଣ୍ଡପୀଠ ଶ୍ରୀ ଜେନାଙ୍କ ଆବେଦନକୁ ଗ୍ରହଣ କରି ଶୁଣାଣି କରି କହିଥିଲେ ଯେ, ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ସଂଖ୍ୟା- ଏଚଇ- ଏନ୍‌ସିଇଟି- ଆଇ- ପଲିସି -୦୦୨-୨୦୨୧- ୧୫୫୨୧/୧୬-୪-୨୦୨୨ ଅନୁଯାୟୀ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ବ୍ଲକ ଗ୍ରାଂଟ ପାଉଥିବା କର୍ମଚାରୀ ମାନଙ୍କୁ ଗୋଟେ ଶିକ୍ଷାନୁଷ୍ଠାନ ରୁ ଅନ୍ୟ ଏକ ଅନୁଷ୍ଠାନକୁ ବଦଳି କରାଯାଇ ପାରିବ ନାହିଁ । ଏ ନେଇ ଖଣ୍ଡପୀଠ ଗତ ୭ ତାରିଖରେ ରାଏ ରେ ସ୍ପଷ୍ଟ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସମୀର କୁମାର ଦାସ ମାମଲା ପରିଚାଳନା କରିଥିଲେ । ଏହି ରାଏ ପ୍ରକାଶ ପରେ ମୋତେ ଉଚିତି ନ୍ୟାୟ ମିଳିଛି ବୋଲି ଆବେଦନ କାରୀ ଶ୍ରୀ ଜେନା ଗଣମାଧ୍ୟମ କୁ କହିଛନ୍ତି ।

## ବୃଦ୍ଧଙ୍କଠାରୁ ଲୁଟିନେଲେ ୫୦ ହଜାର

ଭଦ୍ରକ,୧୬/୫(ନି. ପ୍ର): ଏହି ଜିଲାର ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନଳଗୋହିରା ପଂଚାୟତ ଜଳଧରପୁର ଗାଁ ର ଦେବେନ୍ଦ୍ର ପଲ୍ଲାଇ ଙ୍କ ଠାରୁ ବୁଧୁବାର ମଧ୍ୟାହ୍ନ ୧୨. ୫୩ ମିନିଟ ସମୟରେ ଚାନ୍ଦବାଲି କାଳୀମନ୍ଦିର ପାଖରେ ନଗଦ ୫୦ ହଜାର ଟଙ୍କା ଲୁଟି ନେଲେ ଅଜଣା ଲୁଟେରା । ସୂଚନା ଦେବେନ୍ଦ୍ର ପଲ୍ଲାଇ ଚାନ୍ଦବାଲି ଥାନାରେ କରିଥିବା ଅଭିଯୋଗ ମୁତାବକ ଦିବା ୧୨ ଟା ସମୟରୁ ଚାନ୍ଦବାଲି କାଳୀମନ୍ଦିର ନିକଟରେ ଥିବା ଷ୍ଟେଟ ବ୍ୟାଙ୍କରୁ ଲାଇନ ଲଗାଇ ନିଜ ଏକାଉଂଟରୁ ୫୦ ହଜାର ଟଙ୍କା ଉଠାଣ କରିଥିଲେ । ତାପରେ ନିଜ ମୋବାଇଲ ରେ ଟାଇମ ଦେଖି ମୋ ବସ ରେ ନିଜ ଘର ଜଳଧରପୁର ଯିବା ପାଇଁ କାଳୀମନ୍ଦିର ପାଖରେ ଥିବା ଚାନ୍ଦବାଲି ଇକୋ ବ୍ୟାଙ୍କ ପାଖରେ ବସକୁ ଅପେକ୍ଷା କରି ରହିଥିଲେ । ଟଙ୍କାକୁ ଘରୁ ଆଣିଥିବା ଏକ ବ୍ୟାଗରେ ରଖିଥିଲେ । ବ୍ୟାଗଟି କୁ ପାଖରେ ରଖି ବସିଥିବା ବେଳେ ସାମାନ୍ୟ ଅନ୍ୟମନସ୍କ ହୋଇଯିବାରୁ ଅଜଣା ଦୁର୍ବୃତ ବ୍ୟାଗ ଚୋରି କରି ନେଇଯାଇଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି ବୃଦ୍ଧ ଜଣଙ୍କ ।ଖବର ଲେଖା ବେଳକୁ ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଆମେ ସିସିଟିଭି ଯାଂଚ କରୁଛୁ ।

# କଳାହାଣ୍ଡି ଜିଲ୍ଲାସ୍ତରୀୟ ପରାକ୍ରମ ଶୋଭାଯାତ୍ରା

ଭବାନୀପାଟଣା,୧୬/୫(ନି. ପ୍ର): ଭାରତର ସୁରକ୍ଷାରେ ପ୍ରତ୍ୟେକ ନାଗରିକ । ଦେଶର ଏକତା, ଅଖଣ୍ଡତା ଓ ଶାନ୍ତି ପ୍ରତିଷ୍ଠାକୁ ବଜାଇ ରଖିବା ପାଇଁ ଭାରତୀୟ ସେନାର ଅକ୍ଲାନ୍ତ ପରିଶ୍ରମ, ତ୍ୟାଗ, ବଳିଦାନ ଓ କର୍ତବ୍ୟ ନିଷ୍ଠା ଅତୁଳନୀୟ । ଭାରତର ସୁରକ୍ଷା ପାଇଁ ଆତଙ୍କବାଦ ବିରୋଧରେ ଲଢ଼େଇ ଅପରେସନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି । ଭାରତର ବୀର ସୈନିକ ମାନଙ୍କ ସଫଳତା ଓ ସାହସିକ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ଆଜି କଳାହାଣ୍ଡି ଜିଲ୍ଲା ପ୍ରଶାସନ,ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଅପରେସନ ସିନ୍ଦୂର ପରାକ୍ରମ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ସାଂସଦ ଲୋକସଭା କଳାହାଣ୍ଡି, ମାଳବିକା ଦେବୀ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରୁ ଶୁଭାରମ୍ଭ କରାଯାଇ ଜିଲ୍ଲା କାରାଗାର ଛକ, ନୂଆ ବସ୍ ଷ୍ଟାଣ୍ଡ, ଘୋଡ଼ଘାଟ ଛକ, ସତ୍ୟମ୍ ସିନେମା ହଲ୍, ଦୟାନିଧି ଛକ, ମାଣିକେଶ୍ୱରୀ ଛକ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ ଦେଇ ପୁରୁଣା ବସଷ୍ଟାଣ୍ଡ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏହି ତ୍ରିରଙ୍ଗା ଶୋଭାଯାତ୍ରା ପରିକ୍ରମା କରିଥିଲା । ଏଥିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତୁରା ଦୀପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆନନ୍ଦ ବର୍ଦ୍ଧନ ଗୁରୁ, ୬୪ ବାଟାଲିୟନ କମାଣ୍ଡେଟ ପଙ୍କଜ ଚୌଧୁରୀ, ଉପ ଜିଲ୍ଲାପାଳ ଧର୍ମଗଡ଼ ଧିମାନ ଚାକମା, ଉପ ଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡା, ୬୪ ବାଟାଲିୟନ ସେକେଣ୍ଡ ଇନ୍ କମାଣ୍ଡେଣ୍ଟ ପି କେ ମିଶ୍ର, ଡେପୁଟି କମାଣ୍ଡେଂଟ ସଚିଦାନଁଦ ପାତ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ବେସରକାରୀ ଅନୁଷ୍ଠାନ, ପ୍ରତିଷ୍ଠାନର କର୍ମକର୍ତା, ସ୍ୱେଚ୍ଛାସେବୀ, ପୋଲିସ ବାହିନୀ, ଏନ୍ ସି ସି ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି, ଜନସାଧାରଣ ପ୍ରମୁଖ ଯୋଗଦେଇ ଭାରତୀୟ ସେନାକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ହାତରେ ତ୍ରିରଙ୍ଗା ଧରି ଭାରତର ସୁରକ୍ଷା ପ୍ରତ୍ୟେକ ନାଗରିକର କର୍ତବ୍ୟ ବୋଲି ଦେଶ ଭକ୍ତି ନାରା ଭାରତ ମାତା କି ଜୟ, ବନ୍ଦେ ମାତରମ୍, ଜୟ ଜବାନ ଜୟ କିଷାନ ସ୍ଲୋଗାନ୍ ରେ ସହର ପ୍ରକମ୍ପିତ ହୋଇଥିଲା । ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାତ ଶହରୁ ଉର୍ଦ୍ଧ ଲୋକ ସାମିଲ ହୋଇଥିଲେ ।

# ନାବାଳିକା ନିଖୋଜର ୨୫ ଦିନ ବିତିଲା: ପୋଲିସ ହାତ ଖାଲି

ଭୁବନ,୧୬/୫(ନି. ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ସ୍ଥିତ ଆଂଚଳିକ ମହାବିଦ୍ୟାଳୟରେ କ୍ଲାସ ସାରି ଫେରୁଥିବା ବେଳେ ଜନୈକା ନାବାଳିକା ଅପହରଣ ହେବାର ୨୫ ଦିନ ବିତିଯାଇଥିବା ବେଳେ ପୋଲିସ ଅଭିଯୁକ୍ତ ଆସାମୀ ର ଟେର ପାଉନି । ହାତ ଖାଲି କରି ବସିଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ଅଭିଯୋଗରୁ ପ୍ରକାଶ ଯେ , ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ଅନ୍ତର୍ଗତ ବାହାବଳପୁର ଗ୍ରାମର ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ କଳା ରେ ଅଧ୍ୟୟନ କରୁଥିବା ଜନୈକା ୧୬ ବର୍ଷର ନାବାଳିକା ଗତ ଅପ୍ରେଲ ମାସ ୨୨ ତାରିଖ ମଙ୍ଗଳବାର ସକାଳ ୭ ଘଟିକା ସମୟରେ ତାଙ୍କ ସାନ ଭଉଣୀ ସହିତ ମୃଦଙ୍ଗା ଆଂଚଳିକ ମହାବିଦ୍ୟାଳୟ କୁ ଅଧ୍ୟୟନ କରିବାକୁ ଆସିଥିଲେ । ତାଙ୍କ ସାନ ଭଉଣୀ ବାହାରେ ଅପେକ୍ଷା କରିଥିଲା । କ୍ଲାସ ଶେଷ ହେବା ପରେ ସବୁ ପିଲା ଆସିଲେ କିନ୍ତୁ ତାଙ୍କ ବଡ ଭଉଣୀ ନଆସିବାରୁ ସେ କାନ୍ଦି କାନ୍ଦି ଯାଇ ଘରେ ଜଣାଇଥିଲେ । ପରିବାର ଲୋକେ ଝିଅ ନିଖୋଜ ସମ୍ପର୍କରେ ଝିଅର ସାଙ୍ଗ ସାଥୀ ଓ ବନ୍ଧୁ ବାନ୍ଧବଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସନ୍ଧାନ ମିଳିନଥିଲା । ତାଙ୍କ ଗ୍ରାମ ନିକଟସ୍ଥ କନ୍ତିରା ଗ୍ରାମ ର ରବି ମଲିକଙ୍କ ପୁଅ ସଂଗ୍ରାମ ମଲିକ ତାଙ୍କ ଝିଅ କୁ ଭଲ ପାଉଥିଲା । ସେ ତାକୁ ଅପହରଣ କରି ନେଇଯାଇଥିବା ସମ୍ପର୍କରେ ଝିଅର ମା ’ ଅପ୍ରେଲ ୨୩ ତାରିଖରେ ଭୁବନ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ବାଲିଆପାଳ ବୃହତ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କେବେ? କଚ୍ଛପ ଗତିରେ ଚାଲିଛି ନିର୍ମାଣ କାର୍ଯ୍ୟ



ବାଲିଆପାଳ, ୧୬/୫ (ନି.ପ୍ର): ବାଲିଆପାଳ ବ୍ଲକ କୁଦମାନସିଂ ଗ୍ରାମରେ ୧୭୨ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ଚାଲିଥିବା ବୃହତ୍ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନେଇ ଅଞ୍ଚଳବାସୀଙ୍କ ସ୍ୱପ୍ନ ବଢି ବଢି ଚାଲିଛି। କେବେ ଲୋକଙ୍କୁ ଏହି ପ୍ରକଳ୍ପରୁ ମିଳିବ ପାନୀୟ ଜଳ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ଷ ବର୍ଷ ଧରି ମନ୍ଥର ଗତିରେ ଚାଲିଛି ଏହି ପ୍ରକଳ୍ପ କାର୍ଯ୍ୟ। କେବେ କାମ ବନ୍ଦ ହେଉଛି ତ ପୁଣି କେବେ କାମ ଚଲିଛି ତାର ହିସାବ କାହା ପାଖରେ ନାହିଁ ।୨୦୨୧ ମସିହା ନଭେମ୍ବର ୨୬ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ଆଭାସି ମାଧ୍ୟମରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାନ କରିଥିଲେ। ଏହି ପ୍ରକଳ୍ପ ବାଲିଆପାଳ ପଞ୍ଚାୟତର କୁଦମାନସିଂ ଗ୍ରାମରେ ସୁବର୍ଣ୍ଣରେଖା ନଦୀ କୂଳରେ ନିର୍ମାଣାଧୀନ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଠିକାଦାର ଭାବରେ ମୁମ୍ବାଇ ର ବ୍ଲୁ ଷ୍ଟାର କମ୍ପାନୀ ସରକାରଙ୍କ ସହ ଚୁକ୍ତି କରିଛି। ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସୁବର୍ଣ୍ଣରେଖା ନଦୀ ପାଣିକୁ ବିଶୋଧନ କରି ଭଲ ପିଇବା ପାଣି ଲୋକଙ୍କୁ ଯୋଗାଯାଇ ପାରିବ। ଏହି ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ବାଲିଆପାଳ ବ୍ଲକର ୨୧ଟି ପଞ୍ଚାୟତର ୧୪୪ଟି ଗ୍ରାମର ଜନସାଧାରଣ ପାନୀୟ ଜଳ ଅତି ସହଜରେ ପାଇବେ । ଖରାଦିନେ ବାଲିଆପାଳ ବ୍ଲକର ୨୮ଟି ପଞ୍ଚାୟତରୁ ୨୧ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ସୁଧୁରିବ। ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ବାଲିଆପାଳ ବ୍ଲକର ବହୁ ଗ୍ରାମରେ ପାନୀୟ ଜଳକଷ୍ଟ ଭୟାବହ ପରିସ୍ଥିତି ସୃଷ୍ଟି ହେବ। ଏହି ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ ହେଲେ ଲୋକଙ୍କ ଆଶା ପୂରଣ ହୋଇ ପାରନ୍ତା । ମାତ୍ର ଠିକାଦାର କମ୍ପାନୀ ବ୍ଲୁ ଷ୍ଟାରରମନମାନି କାର୍ଯ୍ୟ ଯୋଗୁ ବର୍ଷ ବର୍ଷ ଧରି କେବଳ କାର୍ଯ୍ୟ ଚାଲିଛି। ସରିବାର ନାଁ ଗନ୍ଧ ଧରୁନି। ଯେଉଁ ଗ୍ରାମ ଗୁଡ଼ିକୁ ପାଣି ଯୋଗାଯିବ ସେ ସମସ୍ତ ଗ୍ରାମକୁ ଅଦ୍ୟାବଧି ପାଇପ ପଡ଼ିନାହିଁ। ବହୁ ସ୍ଥାନରେ ଅଧାପନ୍ତରିଆ କାର୍ଯ୍ୟ ହୋଇ ପଡିଛି। ଦୀର୍ଘ ଦିନ ଧରି ପାନୀୟ ଜଳ ପାଇବାକୁ ଅପେକ୍ଷା କରି ଲୋକେ ବିରକ୍ତ ହେଲେଣି । ତଥାପି ପ୍ରକଳ୍ପର କାର୍ଯ୍ୟ ସରୁନାହିଁ। କମ୍ପାନୀ କର୍ତ୍ତୃପକ୍ଷ କେବଳ ଶୀଘ୍ର ଶେଷ ହେବ ବୋଲି କହି ଚାଲିଥିବା ବେଳେ ଏ ପର୍ଯ୍ୟନ୍ତ ୩୦ ଭାଗ କାର୍ଯ୍ୟ ହୋଇନାହିଁ । ଏହି ପ୍ରକଳ୍ପର କାର୍ଯ୍ୟ ତୁରନ୍ତ ନସରିଲେ ଝଡ଼େଶ୍ୱର ଗୋବିନ୍ଦ ଦାସ, ପ୍ରଧାନ, ଅନୋଜ ମହାପାତ୍ର, ଅଦ୍ୱୈତ ବାଗ, ଅରୁଣ ପାତ୍ର, ପ୍ରକାଶ ପ୍ରଧାନ, ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି।

## ଛୁରାମାଡ ଘଟଣାରେ ୪ ଅଭିଯୁକ୍ତ ଗିରଫ

ଜୟପୁର, ୧୬/୫ (ନି.ପ୍ର): ଜୟପୁର ଖ୍ରୀଷ୍ଟିଆନପେଟା ଅଂଚଳର ସମୀର ଗୁନିଆକୁ ଛୁରାମାଡ ଘଟଣାରେ ଆଜି ଟାଉନ ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୁକ୍ତ ମାନେ ହେଲେ ବିଜୁ ରାଜ ନଗର ଅଂଚଳର ଆଦିତ୍ୟ ଖୋସ୍ଲା, ଶିବ ନାୟକ, ଖ୍ରୀଷ୍ଟିଆନପେଟା ୪ର୍ଥ ଗଳିର ରିତେଶ ଗୌଡ ଓ ନୂଆସାହି ୫ମ ଗଳିର କବିର ଖରା। ଗତ ୧୧ ତାରିଖ ସନ୍ଧ୍ୟାରେ ସମୀର ଲକ୍ଷ୍ମୀ ଇନ୍ଦିରାପଣ୍ଡା ଛକ ନିକଟରେ ବସିଥିବା ସମୟରେ ୪ଜଣ ଦୁର୍ବୃତ ଛୁରିରେ ଆକ୍ରମଣ କରିଥିଲେ। ସମୀରଙ୍କ ଅଂଟାରେ ଆଘାତ ଲାଗିଥିବା ବେଳେ ତାଙ୍କୁ ତୁରନ୍ତ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଟାଉନଥାନାରେ ୧୮୯/୨୫ ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଅଭିଯୋଗ କୁ ଭିତିକରି ତଦନ୍ତ କରୁଥିବା ବେଳେ ଆଜି ଉକ୍ତ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏହି ମାମଲାକୁ ଏସ ଆଇ ସିଦ୍ଧାର୍ଥ ବେହେରା ତଦନ୍ତ କରୁଛନ୍ତି।

# ସମ୍ବଲପୁର ଚିପିଲିମା କୃଷି ମହାବିଦ୍ୟାଳୟରେ ନୂତନ ଅଡିଟୋରିୟମ ଉଦ୍‌ଘାଟିତ

## ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବ: ଧର୍ମେନ୍ଦ୍ର ପ୍ରଧାନ



ସମ୍ବଲପୁର, ୧୬/୫ (ନି.ପ୍ର): ସମ୍ବଲପୁର ସ୍ଥିତ ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟରେ ଉଦଘାଟିତ ନୂତନ ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଶୁକ୍ରବାର ଉକ୍ତ ଅଡିଟୋରିୟମକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓୟୁଏଟିର ଏହି ଚିପିଲିମା ଓୟୁଏଟି କ୍ୟାମ୍ପସ ହୀରା ସଦୃଶ ନୂଆ ନୂଆ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ତିଆରି କରେ । ଏହି ଚିପିଲିମା କ୍ୟାମ୍ପସର ଭିତ୍ତିଭୂମିକୁ ଆହୁରି ଅଧିକ ମଜଭୂତ୍ କରିବା ପାଇଁ ରାଜ୍ୟ ସରକାର ଅତିରିକ୍ତ ୮୦ କୋଟି ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି । ଏହି ଅର୍ଥ ହଷ୍ଟେଲ, ଏକାଡେମିକ ଏବଂ ପ୍ରଶାସନିକ ବ୍ଲକ ସହ ଛାତ୍ରଛାତ୍ରୀଙ୍କୁ ସୁବିଧା ହେବା ଭଳି ବିଭିନ୍ନ ଭିତ୍ତିଭୂମିର ବିକାଶ ଦିଗରେ ଖର୍ଚ୍ଚ କରାଯିବ। ଏହାବ୍ୟତୀତ ଆଜି ପ୍ରାୟ ୧୦ କୋଟି ୫୦ ଲକ୍ଷ ଟଙ୍କା ନିବେଶରେ ଅଡିଟୋରିୟମର ଲୋକାର୍ପଣ ହୋଇଛି, ଯେଉଁ ସଭାଗୃହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ସମ୍ବଲପୁର ସମେତ ଆଖପାଖ ଜିଲ୍ଲାର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ । ଓୟୁଏଟି, ଚିପିଲିମା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସେତୁବନ୍ଧ ହେବ । ଆଜିର ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ସମ୍ବଲପୁର କୃଷି ହେଉଛି ଆଞ୍ଚଳିକ ଅର୍ଥନୀତିର ମେରୁଦଣ୍ଡ । କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ । ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରାଥମିକତାରେ ରହିଛି । ଆଗାମୀ ଦିନରେ ସମ୍ବଲପୁର କୃଷି ମହାବିଦ୍ୟାଳୟରେ ଚାଷରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ନୂଆ ପାଠ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଯୋଜନା ହେବ । ଚାଷୀମାନଙ୍କୁ ପ୍ରଶିକ୍ଷଣ, ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ସାମଗ୍ରୀ ଉତ୍ପାଦନ ବୃଦ୍ଧି କରିବା, ଫସଲର କ୍ଷୟକ୍ଷତିକୁ ହ୍ରାସ କରିବା ତଥା ସମ୍ବଲପୁର ଜିଲ୍ଲାରେ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ କରିବା ଦିଗରେ ଆମ ସରକାରଙ୍କ ପକ୍ଷରୁ ଯୋଜନା କରାଯିବ । ଏଠାରେ କୃଷିର ବିଭିନ୍ନ କ୍ଷେତ୍ରରେ ନୂଆ ବିଭାଗ ଖୋଲିବା ପାଇଁ ଉଦ୍ୟମ ହେବ । ଡବଲ ଇଞ୍ଜିନ ସରକାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ବାବଦ ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି । ଖରିଫ ଋତୁରେ ପ୍ରାୟ ୭୦ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ରାଜ୍ୟ ସରକାର କ୍ରୟ କରିଛନ୍ତି । ରବି ଋତୁରେ ମଧ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଚାଷୀମାନଙ୍କ ପାଇଁ ଏତେ ଦାୟିତ୍ୱ କେଉଁ ସରକାର ନେଇନଥିଲେ । ଡବଲ ଇଞ୍ଜିନ ସରକାରରେ ଏଠାରେ ଧାନ ମଣ୍ଡିକୁ ସୁବ୍ୟବସ୍ଥା କରାଯିବ । ଭାରତ ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ । ଏଠାରେ ଓମଫେଡରୁ କେବଳ ଖୀର ନୁହେଁ ବରଂ ଖୀର ପାଉଡର ଓ ଚକୋଲେଟ ଭଳି ଅନ୍ୟ ଉତ୍ପାଦିତ ଜିନିଷ ତିଆରି କରାଯିବ । କୁଚିଣ୍ଡାର ଲଙ୍କା, ସମ୍ବଲପୁରର ଧାନ, ଡାଲିଜାତୀୟ ଦ୍ରବ୍ୟ, ପନିପରିବା ଓ ଦୁଗ୍ଧ ଏବଂ ପଶୁପାଳନ ଚାଷର ଯେଉଁ ସମ୍ଭାବନା ଅଛି, ସେହି ସମ୍ଭାବନାକୁ ଉପଯୋଗ କରିବା ପାଇଁ ପ୍ରୟାସ ହେବ । ଆମ ଅଞ୍ଚଳରୁ ସ୍ଥାନୀୟ ଫସଲ ସାମଗ୍ରୀକୁ ବିଶ୍ୱ ବଜାରକୁ ପଠାଇବା ପାଇଁ ଯୋଜନା କରିବା ଦିଗରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସେଲ, ରାଉରକେଲା ଇସ୍ପାତ କାରଖାନରେ ଶୂନ୍ୟ ଡେମୁରେଜ ଉପରେ ପ୍ରଦର୍ଶନ ଉନ୍ନତିକରଣ ଯୋଜନା କର୍ମଶାଳା ଅନୁଷ୍ଠିତ




ରାଉରକେଲା, ୧୬/୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ଲୋଡିଂ ଏବଂ ଅନଲୋଡିଂ ସର୍କିଟରେ ଶୂନ୍ୟ ଡେମୁରେଜ ବା ବିଳମ୍ବ ଜନିତ ଜୋରିମାନା ଲକ୍ଷ୍ୟ ହାସଲ ସନ୍ଦର୍ଭରେ ଏକ ପ୍ରଦର୍ଶନ ଉନ୍ନତିକରଣ ଯୋଜନା କର୍ମଶାଳା ମଇ ୧୬ ତାରିଖ ରେ ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଆରମ୍ଭ ହୋଇଛି । ଏହି ଦେଢ଼ ଦିନିଆ କର୍ମଶାଳାକୁ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ଉଦଘାଟନ କରିଥିଲେ। ଏଥିରେ ଟ୍ରାଫିକ୍ ଏବଂ କଞ୍ଚାମାଲ, କଞ୍ଚାମାଲ ପ୍ରବନ୍ଧନ ବିଭାଗ, କୋକ୍ ଓଭେନ, ଏନଏସପିସିଏଲ , ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ , ପ୍ଲେଟ୍ ମିଲ୍, ନୂତନ ପ୍ଲେଟ୍ ମିଲ୍, ହଟ୍ ଷ୍ଟ୍ରିପ୍ ମିଲ୍-୨, ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ, ଆର ଏଣ୍ଡ ସି ଲ୍ୟାବ, ସି ଏମ ଓ, ବ୍ଲାଷ୍ଟ ଫର୍ଣ୍ଣେସ ଏବଂ ମାର୍କେଟିଂ ସମେତ କାରଖାନା ର ବିଭିନ୍ନ ବିଭାଗର ୩୨ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଛନ୍ତି । ଉଦଘାଟନୀ ଅଧିବେଶନରେ ସେବା ବିଭାଗର ସି ଜି ଏମ ଇନ ଚାର୍ଜ ଶ୍ରୀ ଆତିଶ ଚନ୍ଦ୍ର ସରକାର, ଟି ଏଣ୍ଡ ଆର ଏମ ବିଭାଗ ର ସି ଜି ଏମ, ଶ୍ରୀ କେ. ସୁନ୍ୟାନି, ଜ୍ଞାନାର୍ଜନ ଓ ବିକାଶ ବିଭାଗ ର ସି ଜି ଏମ, ଶ୍ରୀ ପି. କେ. ସାହୁ ଏବଂ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ପଲାଇ ନିଜର ଅଭିଭାଷଣରେ ଶୂନ୍ୟ ଡେମୁରେଜ ଲକ୍ଷ୍ୟକୁ ସାକାର କରିବା ପାଇଁ ସୂକ୍ଷ୍ମ ଯୋଜନା ଏବଂ ନିପୁଣ ଆନ୍ତଃବିଭାଗୀୟ ସମନ୍ୱୟର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ଏବଂ ବଜାର ଅସ୍ଥିରତା ମଧ୍ୟରେ ପ୍ରତିଯୋଗିତାମୂଳକ ପରିବେଶ ରେ ନିଜର ସ୍ଥିତି ବଜାୟ ରଖିବା ପାଇଁ ଡେମୁରେଜ୍ ହ୍ରାସ କରିବା ଅତ୍ୟନ୍ତ ଜରୁରୀ,' ବୋଲି ସେ କହିଥିଲେ ।ଏହି ପରିପ୍ରେକ୍ଷୀରେ ଶ୍ରୀ ସୁନ୍ୟାନି ନିଜର ବକ୍ତବ୍ୟରେ ଏହି କ୍ଷେତ୍ରରେ କାରଖାନାର ସାଂପ୍ରତିକ ପ୍ରଦର୍ଶନ ଉପରେ ଏକ ବିସ୍ତୃତ ସମୀକ୍ଷା କରିବା ସହିତ ସମ୍ପ୍ରତି ଏଥିସମ୍ବନ୍ଧୀୟ ଆହ୍ୱାନ ଗୁଡ଼ିକୁ ମୁକାବିଲା କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କର୍ମଶାଳା ର ଉଦଘାଟନୀ ଅଧିବେଶନରେ, ଟି ଏଣ୍ଡ ଆର ଏମ ବିଭାଗ ର ସିନିୟର ମ୍ୟାନେଜର ଶ୍ରୀ ଧୀରଜ କୁମାର, ଭାରତୀୟ ରେଳବାଇ ନିୟମାବଳୀ, ପ୍ରମୁଖ କାର୍ଯ୍ୟକ୍ଷମ ଆହ୍ୱାନ ଏବଂ ଗ୍ରାହକଙ୍କ ଆକାଂକ୍ଷାକୁ ନେଇ ଏକ ବ୍ୟାପକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ । ଏହି କର୍ମଶାଳାରେ ବିସ୍ତୃତ ସିଣ୍ଡିକେଟ୍ ଆଲୋଚନା ସହ ପରେପରେ କାର୍ଯ୍ୟ ଯୋଜନାରେ ଉପସ୍ଥାପନା ଅନ୍ତର୍ଭୁକ୍ତ ରହିଛି । ମଇ ମାସ ୧୭ ତାରିଖରେ ଏହାର ଉଦଯାପନୀ ଅଧିବେଶନରେ କାର୍ଯ୍ୟ ଯୋଜନାର ବିସ୍ତୃତ ସମୀକ୍ଷା ଏବଂ ଚୂଡ଼ାନ୍ତ କାର୍ଯ୍ୟପନ୍ଥା ସ୍ଥିର କରିବା ଅନ୍ତର୍ଭୁକ୍ତ ରହିଛି । କାର୍ମଶାଳା ପ୍ରାରମ୍ଭରେ ଶ୍ରୀ ପି. କେ. ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଟି ଏଣ୍ଡ ଆର ଏମ ବିଭାଗର ଜିଏମ ଶ୍ରୀ ଏସ୍. କେ. ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କର୍ମଶାଳାକୁ ଏଚଆର ଏଲ ଏଣ୍ଡ ଡି ବିଭାଗର ଜି ଏମ ଶ୍ରୀ ଏଚ୍. ପତି, ସିନିୟର ମ୍ୟାନେଜର ସୁଶ୍ରୀ ଅର୍ଣ୍ଣପୂର୍ଣ୍ଣା ବେହେରା ଏବଂ ଜୁନିୟର ଇଞ୍ଜିନିୟର ଶ୍ରୀ ଏଚ୍. ସି. ପଣ୍ଡା, ପରିଚାଳନା କରୁଛନ୍ତି।

# ଏମ୍‌ସ ଭୁବନେଶ୍ୱରରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଭୁବନେଶ୍ୱର, ୧୬/୫ (ନି.ପ୍ର): ଏମ୍‌ସ ଭୁବନେଶ୍ୱରରେ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ସଚେତନ ହେଲେ ଡେଙ୍ଗୁ ଭଳି ପ୍ରାଣଘାତୀ ଶତ୍ରୁ କବଳରୁ ମୁକ୍ତି ମିଳିପାରିବ। ଏନେଇ ଏମ୍‌ସ ପକ୍ଷରୁ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଜନସାଧାରଣଙ୍କୁ ଉଭୟ ଓଡ଼ିଆ ଓ ଇଂରାଜୀରେ ସଚେତନତାଧର୍ମୀ ପ୍ରଚାରପତ୍ର ବଂଟନ କରାଯାଇଥିଲା। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟର ଜାତୀୟ ଭେକ୍ଟର ବର୍ଣ୍ଣ ରୋଗ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୫ ସୁଦ୍ଧା ସାରା ଦେଶରେ ମୋଟ ୧୨,୦୪୩ ଡେଙ୍ଗୁ ମାମଲା ଏବଂ ୬ ଜଣଙ୍କର ମୃତ୍ୟୁ ରିପୋର୍ଟ ହୋଇଛି, ଯେଉଁଥିରେ ତାମିଲନାଡୁରୁ ସର୍ବାଧିକ ମାମଲା ରହିଛି। ଡେଙ୍ଗୁ ଓ ଭୂତାଣୁବାହୀ ରୋଗ କ୍ଷେତ୍ରରେ ଅନ୍ତର୍ଜାତୀୟ ବିଶେଷଜ୍ଞ ତଥା ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡେଙ୍ଗୁ ମଶା ପ୍ରଜନନକୁ ରୋକିବା ନିମନ୍ତେ ଘର ଓ ପରିବେଶକୁ ପରିଷ୍କାର ରଖିବା ଏବଂ ପାଣି ନଜମିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଡେଙ୍ଗୁ ଲାର୍ଭା ସ୍ଥିର କିମ୍ବା ବିଶୁଦ୍ଧ ପାଣିରେ ଦୀର୍ଘ ସମୟ ଯାଏଁ ବଂଚିରୁହେ। ତେଣୁ ଡେଙ୍ଗୁରୁ ରକ୍ଷା ପାଇବାକୁ ହେଲେ ଘର ଚାରିପାଖରେ ଯେପରି ପାଣି ଜମା ହୋଇ ନରୁହେ ସେନେଇ ଦୃଷ୍ଟି ଦେବାକୁ ହେବ। ସେହିପରି ଆଗକୁ ଆସୁଥିବା ମୌସୁମୀ ସମୟରେ ମଶାରୀ ବ୍ୟବହାର, ପୁରା ହାତ ପୋଷାକ ପିନ୍ଧିବା ଭଳି ନାନା ପ୍ରତିଷେଧକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ। ଏମ୍‌ସ ଭୁବନେଶ୍ୱର ମେଡିସିନ୍(ଭେଷଜ) ବିଭାଗ ପକ୍ଷରୁ ଓପିଡି ପରିସରରେ ଆୟୋଜିତ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଶିଶୁ ବିଭାଗର ଡ. ରଶ୍ମୀ ରଂଜନ ଦାସ, ସିଏମ୍‌ଏଫଏମ୍ ବିଭାଗର ଡ. ବିନୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ୧୫ ବିଶ୍ୱବିଦ୍ୟାଳୟରେ ...

ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କହିବା କଥା, ପୂର୍ବ ସରକାରର ଭୁଲ ପାଇଁ ହୋଇଥିବା ଏଭଳି ସ୍ଥିତିରେ ସୁଧାର ଲାଗି ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ ୨୦୨୪ ଆସିବା ଏବଂ ନ୍ୟାୟିକ ଅସଙ୍ଗତି ଉଠିଯିବା ପରେ ଉଭୟ କୁଳପତି ଓ ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟା ଯେତେ ଶୀଘ୍ର ସମ୍ଭବ ଏକ ସଙ୍ଗେ କରାଯିବ। ବଡ଼ କଥା ହେଉଛି କୁଳପତି ନିଯୁକ୍ତି ନସରିବା ପର୍ଯ୍ୟନ୍ତ ଅଧ୍ୟାପକ ନିଯୁକ୍ତି ସମ୍ଭବ ନୁହେଁ। ତେଣୁ କୁଳପତି ଚୟନର ପ୍ରଥମ ପାହାଚ ସିଣ୍ଡିକେଟ୍ ଗଠନ ଉପରେ ଏବେ ଗୁରୁତ୍ୱ। ୨୦୨୦ ବିଶ୍ୱ ବିଦ୍ୟାଳୟ ସଂଶୋଧନ ବିଲରେ ତତ୍କାଳୀନ ସରକାର ୟୁଜିସିର ନିୟମକୁ ଜଳାଞ୍ଜଳି ଦେଇ ଓପିଏସସି ହାତକୁ ଟେକି ଦେବାରୁ ଯେଉଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ନୂଆ ଅଧିନିୟମରେ ସରକାର ସେଥିରେ ସଂଶୋଧନ କରିଛନ୍ତି। ଏହା ଅନୁଯାୟୀ କୁଳପତି ଚୟନ ପାଇଁ ପ୍ରଥମେ ସିଣ୍ଡିକେଟ୍ ଗଠନ କରାଯିବ, ଯେଉଁଥିରେ ଜଣେ ଶିକ୍ଷାବିତ୍, କୁଳାଧିପତିଙ୍କ ଜଣେ ପ୍ରତିନିଧି ଏବଂ ରାଜ୍ୟ ସରକାରଙ୍କ ଜଣେ ପ୍ରତିନିଧିଙ୍କ ସହ ୩ ଜଣ ସଦସ୍ୟ ରହିବେ। ଏହି କମିଟି କୁଳପତିଙ୍କ ନାଁ ସୁପାରିଶ କରି ରାଜ୍ୟପାଳଙ୍କ ପାଖକୁ ଅନୁମୋଦନ ପାଇଁ ପଠାଇବେ। ଏସବୁ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଖୁବ୍‌ଶୀଘ୍ର କୁଳପତି ନିଯୁକ୍ତି ନେଇ ଆଶା ବଢ଼ିଛି। ଉଚ୍ଚଶିକ୍ଷା ବିଭାଗରେ ଚାରିବର୍ଷ ଧରି ଲାଗିରହିଥିବା ନିଯୁକ୍ତି ପକ୍ରିୟାରେ ଅଚଳାବସ୍ଥା ଦ୍ୱାରା ରାଜ୍ୟରେ ବିଶ୍ୱବିଦ୍ୟାଳୟ ମାନଙ୍କରେ ଶିକ୍ଷା ବ୍ୟବସ୍ଥା ଏକରକମ୍ ଭୁଶୁଡି ପଡିଛି। ଏବେ ଦେଖିବା କଥା କେତେଶୀଘ୍ର କୁଳପତିଙ୍କ ନିଯୁକ୍ତି ପ୍ରକ୍ରିୟା ସରୁଛି, ଏବଂ ପୂରଣ ହେଉଛି ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ।

### ଭୁଜ ଏୟାରବେସରୁ ...

ରହି ଶତ୍ରୁ ଦେଶର ପ୍ରତ୍ୟେକ କୋଣକୁ ଆକ୍ରମଣ କରିପାରିବେ । ସମଗ୍ର ବିଶ୍ୱ ଦେଖିଛି ପାକିସ୍ତାନ ମାଟିରେ ନପଶି କିପରି ନଅଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଛି ଏବଂ ସେମାନଙ୍କର ଅନେକ ବାୟୁସେନା ଘାଟିକୁ କିପରି ଧ୍ୱଂସ କରାଯାଇଛି ।' ରାଜନାଥ ସିଂହ ଉଜଉଙ୍ଗର ପ୍ରଶଂସା କରିଛନ୍ତି । ସେ କହିଥିଲେ, 'ବ୍ରହ୍ମୋସ୍‌ର ଶକ୍ତି କେତେ ତାହା ପାକିସ୍ତାନ ଦେଖିସାରିଛି ଆଉ ଏହା ସ୍ୱୀକାର ବି କରିସାରିଛି । ଆମ ଦେଶରେ ଏକ ପୁରୁଣା କଥା ଅଛି - ଦିନରେ ତାରା ଦେଖାଇବା । ଭାରତ ନିର୍ମିତ ବ୍ରହ୍ମୋସ୍ ମିସାଇଲ୍ ରାତିର ଅନ୍ଧାରରେ ପାକିସ୍ତାନକୁ ଦିନର ଆଲୋକ ଦେଖାଇଛି । ଦିନରେ ତାରା ଦେଖାଇଦେଇଛି । ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ସବୁଠି ପ୍ରଶଂସା କରାଯାଉଛି, ଏବଂ ଉଜଉଙ୍ଗ ଦ୍ୱାରା ନିର୍ମିତ 'ଆକାଶ' ଓ ଅନ୍ୟାନ୍ୟ ରାଡାର ପ୍ରଣାଳୀ ଏହି ଯୁଦ୍ଧରେ ଏକ ବଡ଼ ଭୂମିକା ଗ୍ରହଣ କରିଛି ।'

### ଭିଜିଲାନ୍ସ ଜାଲରେ ଖଣ୍ଡପଡ଼ା ଏନ୍‌ଏସି ...

ସହଯୋଗ କରିବାକୁ ଅନୁରୋଧ ମଧ କରିଥିଲେ। ମାତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ୨୦ ହଜାର ନ ଦେଲେ ବିଲ ହୋଇପାରିବ ନାହିଁ ବୋଲି ସଫା ସଫା ଶୁଣାଇଦେଇଥିଲେ। ଏ ନେଇ ଶ୍ରୀ ମିଶ୍ର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିବା ବେଳେ ବିଭାଗ ଜାଲ ବିଛାଇଥିଲା। ଆଜି ସନ୍ଧ୍ୟାରେ ଉମାଦେବୀ ସାହିରେ ଥିବା କ୍ୱାର୍ଟରରେ ଶ୍ରୀ ଧଳ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ମାଡିବସିଥିବା ନେଇ ସୂଚନା ମିଳିଛି। ଅନ୍ୟପକ୍ଷରେ ଘଟଣାର ଖୋଳତାଡ଼ ନିମନ୍ତେ ଶ୍ରୀ ଧଳଙ୍କୁ କ୍ୱାର୍ଟର ସମେତ ଏନଏସି କାର୍ଯ୍ୟାଳୟ ଭଳି ବିଭିନ୍ନ ସ୍ଥାନକୁ ନେଇ ଭିଜିଲାନ୍ସ ବିଭାଗ ତନାଘନା କରୁଥିବା ଜଣାପଡିଛି।

### ଭାରତ ସହ ଆଲୋଚନା ......

ଅନେକ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଡ୍ରୋନ୍ ଦେଖାଯିବା ସତ୍ତ୍ୱେ ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ବୁଝାମଣା ପ୍ରାୟତଃ ବଳବତ୍ତର ରହିଛି । ନୂଆଦିଲ୍ଲୀ ସ୍ପଷ୍ଟ କରିଛି ପାକିସ୍ତାନ ସହିତ ଆଲୋଚନା କେବଳ ଡିଜିଏମଓ ସ୍ତରରେ ହେବ ଏବଂ ଆଲୋଚନାରେ କାଶ୍ମୀର କିମ୍ବା ବର୍ତ୍ତମାନ ସ୍ଥଗିତ ସିନ୍ଧୁ ଜଳ ଚୁକ୍ତିନାମା ଭଳି ବିବାଦୀୟ ପ୍ରସଙ୍ଗ ସାମିଲ ହେବ ନାହିଁ । ଅର୍ଥାତ ଆଗକୁ ପାକିସ୍ତାନରେ ଜଳ ସଂଙ୍କଟ ସହ କୃଷି କ୍ଷେତ୍ରରେ ପଡିବ ବିରାଟ ପ୍ରଭାବ ।

### ୧୬ ଜଣ ଆଇଏଏସ୍ ...

ସ୍ୱୟଂ ପ୍ରଭା ମହାନ୍ତି, ସୁଦାମ ଚରଣ ମଣ୍ଡଳ ଏବଂ ଗିରିଶ ଚନ୍ଦ୍ର ସିଂହଙ୍କୁ ସରକାରଙ୍କ ଅତିରିକ୍ତ ସଚିବ ଭାବେ ନିଯୁକ୍ତ କରିଛନ୍ତି। ୨୦୨୫ ମସିହା ଅପ୍ରେଲ ୧୦ ତାରିଖରେ, ଓଡ଼ିଶା ସରକାର ଉପରୋକ୍ତ ଅଫିସରମାନଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ଆଇଏଏସ୍ କ୍ୟାଡରକୁ ପଦୋନ୍ନତି ହେବା ପରେ ବିଭିନ୍ନ ବିଭାଗରେ ଯୁଗ୍ମ ସଚିବ ଭାବେ ନିଯୁକ୍ତ କରିଥିଲେ। ଏହି ଅଧିକାରୀମାନେ କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ଖାଲି ପଦ ବିରୁଦ୍ଧରେ ଓଡ଼ିଶା ରାଜ୍ୟ ସିଭିଲ ସର୍ଭିସ (ଏସସିଏସ)ରୁ ଆଇଏଏସ୍ କ୍ୟାଡରକୁ ପଦୋନ୍ନତି ପାଇଥିଲେ।

### ଖୁବଶୀଘ୍ର ପୁଟିନଙ୍କୁ ...

ଆଲୋଚନାରେ ଅଂଶଗ୍ରହଣ କରିବାକୁ ମନା କରିଦେଇଥିଲେ। 'ମୁଁ ଭାବୁଛି ଆମ ପାଇଁ ମୁହାଁମୁହିଁ ବସିବାର ସମୟ ଆସିଛି,' ମଧ୍ୟପ୍ରାଚ୍ୟର ଚାରି ଦିନିଆ ଗସ୍ତରେ ଥିବା ଟ୍ରମ୍ପ ଆବୁଧାବିରେ ସାମ୍ବାଦିକମାନଙ୍କୁ କହିଛନ୍ତି। ଟ୍ରମ୍ପ ସ୍ପଷ୍ଟ କରିଥିଲେ ଯେ ପୁଟିନଙ୍କ ଆଲୋଚନାରୁ ଓହରିଯିବା ତାଙ୍କୁ ଆଶ୍ଚର୍ଯ୍ୟ କରିନାହିଁ। ସେ କହିଲେ, 'ପୁଟିନ୍ ସେଠାକୁ ଯାଉନାହାଁନ୍ତି କାରଣ ମୁଁ ସେଠାରେ ନାହିଁ।' ଟ୍ରମ୍ପ ନିଶ୍ଚିତ କରିଛନ୍ତି ଯେ ସେ ପୁଟିନଙ୍କ ସହ ସିଧାସଳଖ କଥା ହେବେ ଏବଂ ବୈଠକ 'ଯେତେଶୀଘ୍ର ସମୟ ନିର୍ଦ୍ଧାରିତ ହେବ' ବୈଠକ ଅନୁଷ୍ଠିତ ହେବ। ସେ ଏହା ମଧ ପ୍ରକାଶ କରିଛନ୍ତି ଯେ ତାଙ୍କ ଝିଅ ଟିଫାନି ସମ୍ପ୍ରତି ମାଆ ହୋଇଛନ୍ତି ଏବଂ ସେ ତାଙ୍କ ନବଜାତ ନାତିକୁ ଭେଟିବାକୁ ଅପେକ୍ଷା କରିଛନ୍ତି। 'ମୁଁ ମୋର ସୁନ୍ଦର ନାତିକୁ ଦେଖିବାକୁ ଚାହୁଁଛି,' ଟ୍ରମ୍ପ କହିଥିଲେ।

### ପ୍ରେମ ପାଇଁ ମାଆକୁ ...

ଶେଷରେ ଇନଷ୍ଟାଗ୍ରାମ ଚାଟ ଧରାଇଦେଲା ସବୁ ଅପରାଧ। ଏଭଳି ଘଟଣା ଘଟିଛି ପାରଳାଖେମୁଣ୍ଡି ସୁଣ୍ଡି ସାହିରେ। ଅଭିଯୋଗ ଅନୁଯାୟୀ, ସୁଣ୍ଡି ସାହିରେ ଭଡ଼ାରେ ରହୁଥିବା ରାଜଲକ୍ଷ୍ମୀ କରଙ୍କ କୌଣସି ପିଲା ଛୁଆ ନଥିବାରୁ ୧୩ ବର୍ଷ ତଳେ ୩ ଦିନର କନ୍ୟା ସନ୍ତାନକୁ ପୋଷ୍ୟ ଭାବେ ଗ୍ରହଣ କରିଥିଲେ । ଅଭିଯୋଗ ଅନୁଯାୟୀ, ରାଜଲକ୍ଷ୍ମୀଙ୍କ ଝିଅକୁ ପାରଳାଖେମୁଣ୍ଡିର ଗଣେଶ ରଥ ନାମକ ଜଣେ ଯୁବକ ନିଜ ପ୍ରେମ ଜାଲରେ ଛନ୍ଦିଥିଲା । ସଂପୃକ୍ତ ନାବାଳିକା ମାଧ୍ୟମରେ ରାଜଲକ୍ଷ୍ମୀଙ୍କ ସୁନା ଓ ଟଙ୍କା ଲୁଟି ଚାଲିଥିଲା ପ୍ରେମିକ। ଏହା ଜାଣିବା ପରେ ରାଜଲକ୍ଷ୍ମୀ ଝିଅକୁ ଆକଟ କରିଥିଲେ। ଶେଷରେ ପ୍ରେମିକ ସହ ମିଶି ମାଆକୁ ସବୁଦିନ ଲାଗି ହଟାଇବା ଲାଗି ଯୋଜନା କରିଥିଲା ଝିଅ । ଯୋଜନା ମୁତାବକ ଗତ ଏପ୍ରିଲ୍ ୨୯ରେ ନାବାଳିକା ଜଣକ ରାଜଲକ୍ଷ୍ମୀଙ୍କୁ ନିଶା ଔଷଧ ଦେବା ପରେ ସେ ଶୋଇପଡ଼ିଥିଲେ। ପରେ ଗଣେଶ ଏବଂ ତା'ର ସାଙ୍ଗ ଦିନେଶ ଘରେ ପଶି ରାଜଲକ୍ଷ୍ମୀ ମୁହଁକୁ ତକିଆରେ ମାଡି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଲାଳନପାଳନ କରି ପିଲାକୁ ଛୋଟରୁ ବଡ଼ ମଧ କଲେ ମାଆ ରାଜଲକ୍ଷ୍ମୀ। ଝିଅକୁ କୌଣସି ପ୍ରକାର ଉଣା କରିନଥିଲେ ମାଆ ରାଜଲକ୍ଷ୍ମୀ। ଏମିତିକି ଝିଅକୁ ପାରଳାଖେମୁଣ୍ଡିସ୍ଥିତ ଏକ ପ୍ରତିଷ୍ଠିତ ସରକାରୀ ବିଦ୍ୟାଳୟରେ ପାଠ ପଢାଇଲେ ମାଆ। ହେଲେ ପ୍ରେମ ପାଇଁ ମାଆର ସବୁ ଋଣ ଓ ମମତା ଭୁଲିଗଲା ଝିଅ। ଶେଷରେ ପ୍ରେମିକ ସହ ମିଶି ମାଆକୁ ଶ୍ୱାସରୁଦ୍ଧ କରି ଝିଅ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ରାଜଲକ୍ଷ୍ମୀଙ୍କ ଝିଅକୁ ପାରଳାଖେମୁଣ୍ଡିର ଗଣେଶ ରଥ ନାମକ ଜଣେ ଯୁବକ ନିଜ ପ୍ରେମ ଜାଲରେ ଛନ୍ଦିଥିଲା । ସଂପୃକ୍ତ ନାବାଳିକା ମାଧ୍ୟମରେ ରାଜଲକ୍ଷ୍ମୀଙ୍କ ସୁନା ଓ ଟଙ୍କା ଲୁଟି ଚାଲିଥିଲା ପ୍ରେମିକ। ଏହା ଜାଣିବା ପରେ ରାଜଲକ୍ଷ୍ମୀ ଝିଅକୁ ଆକଟ କରିଥିଲେ। ଶେଷରେ ପ୍ରେମିକ ସହ ମିଶି ମାଆକୁ ସବୁଦିନ ଲାଗି ହଟାଇବା ଲାଗି ଯୋଜନା କରିଥିଲା ଝିଅ । ଯୋଜନା ମୁତାବକ ଗତ ଏପ୍ରିଲ୍ ୨୯ରେ ନାବାଳିକା ଜଣକ ରାଜଲକ୍ଷ୍ମୀଙ୍କୁ ନିଶା ଔଷଧ ଦେବା ପରେ ସେ ଶୋଇପଡ଼ିଥିଲେ। ପରେ ଗଣେଶ ଏବଂ ତା'ର ସାଙ୍ଗ ଦିନେଶ ଘରେ ପଶି ରାଜଲକ୍ଷ୍ମୀ ମୁହଁକୁ ତକିଆରେ ମାଡି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ପରେ ରାଜଲକ୍ଷ୍ମୀଙ୍କ ମୃତଦେହ ଧରି ପାରଳାଖେମୁଣ୍ଡି ହସ୍ପିଟାଲକୁ ଯାଇଥିଲେ। ରାଜଲକ୍ଷ୍ମୀଙ୍କର ହୃଦଘାତରେ ହୋଇଥିବା କହିଥିଲା ଝିଅ । ପୂର୍ବରୁ ରାଜଲକ୍ଷ୍ମୀ ହୃଦରୋଗରେ ପିଡିତ ହୋଇ ଔଷଧ ସେବନ କରୁଥିବାରୁ ଡାକ୍ତରଙ୍କ ସନ୍ଦେହ ହୋଇନଥିଲା। ପରେ ପୁରୀ ସ୍ୱର୍ଗଦ୍ୱାରରେ ଶବ ଦାହ କରାଯାଇଥିଲା। ଘଟଣା ପରେ ସଂପୃକ୍ତ ନାବାଳିକା ମାମୁଁ ଘରେ ରହୁଥିଲା। ହେଲେ ନାବାଳିକାର ହାବଭାବ ସନ୍ଦେହ ଜନକ ହେବାରୁ ରାଜଲକ୍ଷ୍ମୀଙ୍କ ଭାଇ ପାରଳାଖେମୁଣ୍ଡି ଥାନାରେ ଗତ ୧୪ ତାରିଖରେ ଅଭିଯୋଗ କରିଥିଲେ। ଶେଷରେ ତଦନ୍ତ ବେଳେ ନାବାଳିକା ଚାଟରୁ ଧରାପଡିଥିଲା ସବୁ ସତ । ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ଜାଣି ନାବାଳିକାକୁ ସୁଧାର ଗୃହକୁ ପଠାଇଥିବା ବେଳେ ଆଉ ଦୁଇ ଅଭିଯୁକ୍ତକୁ ଜେଲ ପଠାଇଛି। ଅଭିଯୁକ୍ତଙ୍କୁ ନେଇ ସିନ ରିକ୍ରିଏସନ୍ କରିଛି ପୋଲିସ। ରାଜଲକ୍ଷ୍ମୀଙ୍କଠାରୁ ଲୁଟ ହୋଇଥିବା ସୁନା ମଧ୍ୟରୁ ୨୬ ଗ୍ରାମ ଜବତ କରିଛି ପୋଲିସ।

### ଆୟବହିର୍ଭୂତ ସଂପତ୍ତି ...

ଏବିଡିଓ ଅସିତ କୁମାର ପାତ୍ରଙ୍କ ଯାଜପୁର ରୋଡର କହ୍ନେଇପୁର ନିକଟରେ ଚୋରଡାରେ ଅବସ୍ଥିତ ଅସିତ କୁମାର ପାତ୍ରଙ୍କ ଚାରି ମହଲା ବିଶିଷ୍ଟ କୋଠା, କଟକର ଚାଉଳିଆଗଞ୍ଜର ମେଟ୍ରୋ ଆଭେନ୍ୟୁ ଆପାର୍ଟମେଣ୍ଟରେ ତାଙ୍କର ଫ୍ଲାଟ୍ ନମ୍ବର ୪୦୪, ଯାଜପୁର ଥାନା ସୁନ୍ଦରୀମୁହାଣ ନିକଟସ୍ଥ ଗରାଦେଶ୍ୱରରେ ତାଙ୍କ ପୈତୃକ ବାସଭବନ, ଭଣ୍ଡାରୀପୋଖରୀର ସାନବାନାସ୍ତା ଗ୍ରାମରେ ଅବସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର, ସରକାରୀ କାର୍ଯ୍ୟାଳୟ ଓ ଆବାସିକ ସରକାରୀ କ୍ୱାର୍ଟରରେ ଚଢ଼ଉ କରାଯାଇଥିଲା। ଏବିଡିଓ ଅସିତ କୁମାର ପାତ୍ରଙ୍କ ଯାଜପୁର ରୋଡର କହ୍ନେଇପୁର ନିକଟରେ ଚୋରଡାରେ ଅବସ୍ଥିତ ଅସିତ କୁମାର ପାତ୍ରଙ୍କ ଚାରି ମହଲା ବିଶିଷ୍ଟ କୋଠା, କଟକର ଚାଉଳିଆଗଞ୍ଜର ମେଟ୍ରୋ ଆଭେନ୍ୟୁ ଆପାର୍ଟମେଣ୍ଟରେ ତାଙ୍କର ଫ୍ଲାଟ୍ ନମ୍ବର ୪୦୪, ଯାଜପୁର ଥାନା ସୁନ୍ଦରୀମୁହାଣ ନିକଟସ୍ଥ ଗରାଦେଶ୍ୱରରେ ତାଙ୍କ ପୈତୃକ ବାସଭବନ, ଭଣ୍ଡାରୀପୋଖରୀର ସାନବାନାସ୍ତା ଗ୍ରାମରେ ଅବସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘର, ସରକାରୀ କାର୍ଯ୍ୟାଳୟ ଓ ଆବାସିକ ସରକାରୀ କ୍ୱାର୍ଟରରେ ଚଢ଼ଉ କରାଯାଇଥିଲା।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ବେଆଇନ ବାଲି ଚାଲାଣ : ଗୋଟିଏ ଗାଡି ଜବତ୍

ବାଲିଆପାଳ/ଲଙ୍ଗଳେଶ୍ୱର , ୧୬/୫ (ନି.ପ୍ର): ସୁବର୍ଣ୍ଣ ରେଖା ନଦୀ କଣ୍ଠାପାଳ ଓ ଚଡ଼ ବଢାପାଳ ଖାଦାନରୁ ପ୍ରତିଦିନ ଟ୍ରକ ଓ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ଚୋରା ବାଲି ଚାଲାଣ ହେଉଥିବା ବେଳେ ଆଜି ଖବର ପାଇ ଜଳେଶ୍ୱର ମାଇନିଙ୍ଗ ଅଫିସର ଜିତେନ୍ଦ୍ର କୁମାର ଦାସ ଓ ବାଲିଆପାଳ କନିଷ୍ଠ ମାଇନିଙ୍ଗ ଅଫିସର ସତ୍ୟ ଚିନ୍ମୟ ଜେନା ଏକ ଟିମ ସହ ଘଟଣା ସ୍ଥଳରେ ପହଁଞ୍ଚି ଥିଲେ। ଏକଥା ଜାଣି ପାରି ଚୋରା ଗାଡି ଗୁଡିକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ମାତ୍ର ଓଁ ନମଃ ଶିବାୟଃ ନାମକ ଏକ ବାଲି ଭର୍ତ୍ତି ଟ୍ରାକ୍ଟରକୁ ଟିମ ଜବଦ କରିଛନ୍ତି। ଗାଡି ମାଲିକ ଚୈତନ୍ୟ କୁମାର ଦାସ ପାଖ ଗାଁ ର ଲୋକ ବୋଲି ଜଣା ପଡିଛି। ଶ୍ରୀ ଦାସଙ୍କଠୁ ଚୋରା ବାଲି ଚାଲାଣ ସମ୍ପର୍କରେ ଅନେକ ତଥ୍ୟ ମିଳିପାରିବ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ସୂଚନା ଥାଉ କି ବାଲି ଖାଦାନ ଦୁଇଟି ଦୀର୍ଘ ଦିନ ବନ୍ଦ ହେବା ସୁଯୋଗରେ ବାଲି ମାଫିଆମାନେ ଦୈନନ୍ଦିନ ଲକ୍ଷ ଲକ୍ଷ ଟଙ୍କାର ବାଲି ଚୋରି କରି ମାଲେ ମାଲ ହେଉଛନ୍ତି। ଏଥି ଯୋଗୁଁ ସରକାରଙ୍କ ରାଜସ୍ୱ ହାନୀ ହେବା ସହିତ ଟଙ୍କାଟିଏ ବି ରାଜସ୍ୱ ବିଭାଗ ତହବିଲକୁ ଯାଉ ନାହିଁ। ଏଥି ଯୋଗୁଁ ନଦୀର ଗତିପଥ ମଧ୍ୟ ବଦଳୁଛି। ସ୍ଥାନୀୟ ଲୋକ ଏନେଇ ପ୍ରଶାସନ ଓ ସରକାରଙ୍କୁ ବରଂବାର ଜଣାଇ ଆସୁଥିବା ବେଳେ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଥିଲେ। ଅନ୍ୟ ପକ୍ଷରେ ବାଲି ମାଫିଆମାନେ ପ୍ରଶାସନକୁ ହାତ କରି ଏପରି କରୁଥିବା କୁହା ଯାଇଛି। ତେବେ ଏନେଇ ଏବେ ଜୋର ସୋର ଚଢ଼ାଉ ହେବ ବୋଲି ଦୁଇ ମାଇନିଙ୍ଗ ଅଫିସର କହିଛନ୍ତି।



# ବାଲିଆପାଳ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ମନ୍ଦିରର ପ୍ରଥମ ସେବକ ଜଗନ୍ନାଥ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ



ବାଲିଆପାଳ , ୧୬/୫ (ନି.ପ୍ର): ବାଲିଆପାଳ ଜଗନ୍ନାଥ ମନ୍ଦିର ପରିସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବାଲିଆପାଳର ଗୌରବ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଜଗନ୍ନାଥ ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମନ୍ଦିରର ମୁଖ୍ୟ ପୂଜକ ବିଷ୍ଣୁପଦ ପାଠୀ,ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବ୍ରଜକିଶୋର ଭୂୟାଁ,ହୃଦୟରଞ୍ଜନ ତ୍ରିପାଠୀ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ମଧୁସୂଦନ ସାହୁ, ପ୍ରଫୁଲ୍ଲ ସାହୁ, ମୁରଲୀ ମୋହନ ସାହୁ, ମଧୁସୂଦନ ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତି ଜଣେ ଧର୍ମ ପରାୟଣ ବ୍ୟକ୍ତିତ୍ୱ ଥିଲେ ଓ ମହାପ୍ରଭୁଙ୍କର ପ୍ରଥମ ସେବକ ହିସାବରେ ସଦାବେଳେ ସେ ନିଷ୍ଠାର ସହିତ ନିଜକୁ ସମର୍ପିତ କରିଥିଲେ ବୋଲି ବକ୍ତବ୍ୟରେ ପ୍ରକାଶ କରିଥିଲେ । ଉପସ୍ଥିତ ବ୍ୟକ୍ତି ମାନେ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇ ଅମରାତ୍ମାର ସଦଗତି କାମନା କରିଥିଲେ।

## ବଜ୍ରପାତରେ ଜଳିଗଲା ନଡିଆଗଛ

ନୀଳଗିରି, ୧୬/୫ (ନି.ପ୍ର): ବଜ୍ରପାତରେ ଜଳିଗଲା ନଡିଆ ଗଛ । ଅଳ୍ପକେ ବର୍ତ୍ତିଗଲେ ପରିବାର ଲୋକେ ।କାଳବୈଶାଖୀ ପ୍ରଭାବରେ ହେଉଥିବା ବର୍ଷା ଓ ବଜ୍ରପାତର ପ୍ରଭାବ ମଧ୍ୟ ନୀଳଗିରିରେ ଦେଖିବାକୁମିଳିଛି । ଶୁକ୍ରବାର ଅପରାହ୍ନରେ ହୋଇଥିବା ବଜ୍ରପାତରେ ବେଗୁନିଆ ପଞ୍ଚାୟତ ଶଂଶାପାଳ ଗ୍ରାମର ଭଗବାନ ଦାସଙ୍କ ନଡିଆ ଗଛ ଜଳିବା ସହିତ ଟିଭି, ଫ୍ରିଜ ଓ ଫ୍ୟାନ ଗୁଡିକ ନଷ୍ଟ ହୋଇଛି। ନୀଳଗିରି ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିପରି ଶ୍ୟାମସୁନ୍ଦରପୁର ଅଞ୍ଚଳରେ ବଜ୍ରପାତ କାରଣରୁ କେତୋଟି ତାଳଗଛରେ ମଧ୍ୟ ନିଆଁ ଲାଗିଥିଲା। ଅଗ୍ନିଶମବିଭାଗ ଦ୍ୱାରା ନିଆଁକୁ କରାଯାଇଛି।

# ନୀଳମଣି କଲେଜରେ ରୋଭର୍ ଓ ରେଞ୍ଜର ତାଲିମ କାର୍ଯ୍ୟକ୍ରମ

ବସ୍ତା , ୧୬/୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ଭାରତ ସ୍କାଉଟ୍ ଓ ଗାଇଡ୍ ପ୍ରଯୋଜିତ ରୋଭର ଓ ରେଞ୍ଜର ସ୍ୱେଚ୍ଛାସେବୀ ମାନଙ୍କ ପାଇଁ ଗ୍ରୀଷ୍ମକାଳୀନ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତପନ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ସ୍ୱେଚ୍ଛାସେବୀ ମାନଙ୍କୁ ସହନଶୀଳ ଓ ପରୋପକାରୀ ହେବାକୁ ପରାମର୍ଶ ପ୍ରଦାନ କରିଥିଲେ । ରୋଭର ଲିଡର ଅଧ୍ୟାପକ ପ୍ରଶାନ୍ତ ସିଂ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା



ବେଳେ ରେଞ୍ଜର ଲିଡର ଅଧ୍ୟାପିକା ରଶ୍ମିତା ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରାଧ୍ୟାପିକା କଳ୍ପନା ମଞ୍ଜରୀ ପାତ୍ର, ପ୍ରାଧ୍ୟାପକ ସରୋଜ କୁମାର ପାଣି, ଅଧ୍ୟାପକ ଶମ୍ଭୁନାଥ ଗିରି ଓ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଭାରତ ସ୍କାଉଟ୍ ଓ ଗାଇଡର ଜନକ ବୋଡ଼େନ ପାଓ୍ୱେଲଙ୍କର ଜୀବନ କାହାଣୀ ଆଲୋଚନା କରିବା ସହ ରୋଭର ଓ ରେଞ୍ଜର ସ୍ୱେଚ୍ଛାସେବୀ ମାନଙ୍କର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । ମାଷ୍ଟର ଟ୍ରେନର ଜସ୍ମିନ ଭୋଇ ସ୍ୱେଚ୍ଛାସେବୀ ମାନଙ୍କୁ ସେମାନଙ୍କର ଦାୟିତ୍ୱବୋଧ ସମ୍ପର୍କରେ ଅବଗତ କରାଇବା ସହ ସ୍କାଉଟ ଓ ଗାଇଡ ନିୟମାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱେଚ୍ଛାସେବୀ ନେହା ରାଉତ, କାଜଲ ସିଂ, ଯଶମୟୀ ନାୟକ, ରିମା ଦାସ, ଗୌରାଙ୍ଗ ସାହୁ, ବିବେକ ପାକଲ, ତାପସ ନାୟକ ଓ ରଣଜିତ୍ ତପସ୍ୱୀ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସଞ୍ଜୟ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ହୃଦଘାତରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ



ନୀଳଗିରି, ୧୬/୫ (ନି.ପ୍ର): ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତ ସିଙ୍ଗିରୀ ଗ୍ରାମର ଚକ୍ରଧର ପଣ୍ଡାଙ୍କ ପୁଅ ମାନସ ରଞ୍ଜନ ପଣ୍ଡା (୪୨)ଙ୍କର ହୃଦଘାତରେ ମୃତ୍ୟୁ ହୋଇଛି। ସୂଚନା ମୁତାବକ ମାନସ ଜଣେ କେବୁଲ ବ୍ୟବସାୟୀ। ଅପରାହ୍ନରେ ହଠାତ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ବାଲେଶ୍ୱର ଓ ପରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ଭାବରେ ବେଶ ପରିଚିତ ଥିଲେ। ମୃତ୍ୟୁ ଖବରପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ,୧୩ ନଂ ଜୋନ ଜିଲ୍ଲା ପରିଷଦ ଗତିକୃଷ୍ଣ ନନ୍ଦ, ବିଜେଡିର ବରିଷ୍ଠ ନେତା ଗଙ୍ଗାଧର ମିଶ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

# ଖାଦ୍ୟ ସୁରକ୍ଷାରୁ ବଂଚିତ ସୁନିତାଙ୍କ ପରିବାର

ଉଦଳା , ୧୬/୫ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଠାକୁରାସାହିର ଦୃଶ୍ୟ । ଉକ୍ତ ସାହିର ବାସିନ୍ଦା ସୁନିତା ସିଂଙ୍କ ପରିବାରର ମୋଟ ସଦସ୍ୟ ସଂଖ୍ୟା ୪ ଜଣ ଅଟନ୍ତି । ସୁନିତାଙ୍କ ସ୍ୱାମୀ ଧ୍ରୁବ ସିଂ



ଦିନମଜୁରିଆ ଭାବରେ କାମ କରି ଯାହା ରୋଜଗାର କରନ୍ତି ସେତିକିରେ ତାଙ୍କର ସଂସାର ରଥ ଗଡ଼େ । ପ୍ରତି ଗରିବ ପରିବାରକୁ ସରକାର ମୁଣ୍ଡପିଛା ମାସିକ ୫ କିଗ୍ରା ଚାଉଳ ଖାଦ୍ୟ ସୁରକ୍ଷା ଯୋଜନାରେ ଯୋଗାଇ ଦେଉଛନ୍ତି । କିନ୍ତୁ ଏଥିରୁ ସୁନିତାଙ୍କ ପରିବାର କାହିଁକି ବାଦ ପଡ଼ିଛନ୍ତି ତାହା ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଡାଲଙ୍ଗ ଗ୍ରାମରୁ ସଶସ୍ତ୍ର ଡକାୟତି: ଧରାପଡିଲେ ୩, ଜବତ ହେଲା ବନ୍ଧୁକ, ଖଣ୍ଡା ଓ ଅଳଙ୍କାର

ଖଇରା, ୧୬/୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଡାଲଙ୍ଗ ଗାଁ ସହ ସେହି ରାତିରେ ଶାଳପଡା କେନାଲ ରାସ୍ତା ଡକାୟତିର ପର୍ଦ୍ଦାଫାଶ ହୋଇଛି । ଜଣେ ସ୍ଥାନୀୟ ଯୁବକ ଙ୍କ ସମେତ ମୋଟ ଡକାୟତି ର୍ୟାକେଟରେ ୯ଜଣଙ୍କ ସଂପୃକ୍ତି ଥିବା ବେଳେ ଖଇରା ପୋଲିସ ୩ଜଣଙ୍କୁ, ସାଲେପୁର ପୋଲିସ ୨ଜଣଙ୍କୁ ଓ ବିରିଡି ପୋଲିସ ଜଣଙ୍କୁ ଗିରଫ କରିଥିବା ନେଇ ନିଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକ ଏବଂ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ସୁଚନା ଦେଇଛନ୍ତି । ଖଇରା ପୋଲିସ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ମାନେ ହେଲେ ସୋର ଥାନା କୁରୁଣିଆ ଗ୍ରାମର ପ୍ରହଲ୍ଲାଦ ଗାହାଣ,ଗଗନଧୁଳି ପଞ୍ଚାୟତ ତେନ୍ତୁଳିଆପଡା ଗ୍ରାମର



ଅଶୋକ କୁମାର ନାଥ ଏବଂ ଡଗରପଡା ଗ୍ରାମର ଧିରେନ୍ଦ୍ର କୁମାର ସାହୁ । ତାଙ୍କୁ ନିକଟରୁ ଏକ ପିସ୍ତଲ, ତେଲେଙ୍ଗା ଖଣ୍ଡା, ରୁପା ଓ ସୁନା ଅଳଙ୍କାର ଜବତ କରାଯାଇଛି । ପୋଲିସ ତଥ୍ୟ ଅନୁଯାୟୀ ୬ତାରିଖ ରାତି ପ୍ରାୟ ୧ଟା ସମୟରେ ଦୁବୃତ୍ତ ମାନେ ୨ଟି ବାଇକରେ ପ୍ରଥମେ ଶାଳପଡା-ଔପଦା କେନାଲ ରାସ୍ତାରେ ରାସ୍ତା କାମ ସାରି ଫେରୁଥିବା ସାରକୋଣା ଗ୍ରାମର ଅଜିତ ମହାପାତ୍ର ଓ ତାଙ୍କ ମେସିନ ଅପରେଟରଙ୍କୁ ମାଡ ମାରି ଆପାଚି ବାଇକ(ଓଡି ୩୪ପି ୬୪୦୫)ଓ ୨ଟି ମୋବାଇଲ ଛଡାଇ ନେଇ ପଳାଇଥିଲେ । ପରେ ରାତି ପ୍ରାୟ ୨ଟା ସମୟରେ ଡାଲଙ୍ଗ ଗ୍ରାମର କ୍ରାନ୍ତି କୁମାର ଦାସଙ୍କ ଘରେ ପଶି ପ୍ରଥମେ ବନ୍ଧୁକ ଓ ତେଲେଙ୍ଗା ଖଣ୍ଡା ଦେଖାଇ ଭୟଭିତ କରି କ୍ରାନ୍ତି କୁମାର,ତାଙ୍କ ମା ଓ ଭଉଣୀକୁ ଦୌଡିରେ ବାନ୍ଧି ନିସ୍ତୁକ ମାଡ ମାରିବା ପରେ ନଗଦ ୧୫ ହଜାର ଟଙ୍କା ଓ ୨ଲକ୍ଷ ମୁଲ୍ୟର ସୁନା ଅଳଙ୍କାର ନେଇ ପଳାଇଥିଲେ । ଚୋରମାନେ ଏକ ବୁଲେଟ ଆଣିଥିବା ସୁରାକ ପାଇବା ପରେ ଖଇରା ପୋଲିସ ପ୍ରଥମେ ବୁଲେଟ ଆରୋହୀ ଡଗରପଡା ର ଧିରେନ୍ଦ୍ରଙ୍କୁ ଗିରଫ କରାଯିବା ପରେ ତାଙ୍କ ନିକଟରୁ ସୁଚନା ପାଇ ଅନ୍ୟମାନଙ୍କୁ କାବୁ କରାଯାଇଥିଲା । ଅନ୍ୟମାନଙ୍କ ଗିରଫ ସମ୍ପର୍କରେ ସେମାନଙ୍କ ଘର ଥିବା ଥାନାଗୁଡିକ ସହ କ୍ରମାଗତ ସମ୍ପର୍କ ରଖାଯାଇଥିବା ପୋଲିସ କହିଛି । ପ୍ରଥମେ କେଶ ନମ୍ବର ୧୪୫/୨୫ ମୁଳେ ଉପରୋକ୍ତ ବ୍ୟକ୍ତିମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି । ପରେ ଶାଳପଡା ରାସ୍ତା ଡକାୟତି(୧୪୪/୨୫) ଓ ଏପ୍ରିଲ ୩ ତାରିଖର ପ୍ରହରାଜପୁର ଗ୍ରାମର ଜୁଏଲାରୀ ମାଲିକ ଙ୍କ ଘରୁ ଡକାୟତି(୧୧୮/୨୫) ସମ୍ପର୍କରେ ତଦନ୍ତ ପାଇଁ ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସଡିପିଓ ପ୍ରକାଶ କରିଛନ୍ତି।

## ଗଠନ ହେଲା ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ

ଭୁବନେଶ୍ୱର, ୧୬/୫ (ନି.ପ୍ର): ରାଜ୍ୟରେ ଗଠନ ହେଲା ତୃତୀୟ ଲିଙ୍ଗୀ କଲ୍ୟାଣ ବୋର୍ଡ । ଏଥିରେ ୧୬ଜଣ ସଦସ୍ୟ ରହିଛନ୍ତି। ଆସନ୍ତା ୩ବର୍ଷ ପାଇଁ ଏହି ବୋର୍ଡ କାର୍ଯ୍ୟ କରିବ ଏହାପରେ ରାଜ୍ୟ ସରକାର ପୁନର୍ବାର ଏହି ବୋର୍ଡ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରିବେ । ପ୍ରତି ୩ମାସରେ ଥରେ ବୋର୍ଡର ବୈଠକ ବସିବ । ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସାମାଜିକ ସୁରକ୍ଷା ମନ୍ତ୍ରୀ ଏହି ବୋର୍ଡର ଅଧ୍ୟକ୍ଷ, ସଚିବ ଉପାଧ୍ୟକ୍ଷ ଓ ନିର୍ଦ୍ଦେଶକ ଏହି ବୋର୍ଡର ସଦସ୍ୟ ସଚିବ ରହିଛନ୍ତି। ଏହାସହ ସ୍ୱାସ୍ଥ୍ୟ, ପଞ୍ଚାୟତିରାଜ, ନଗର ଉନ୍ନୟନ, ବୈଷୟିକ ଶିକ୍ଷା, ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରତିନିଧି, ତୃତୀୟଲିଙ୍ଗୀଙ୍କ ୨ଜଣ ସଦସ୍ୟ, କ୍ରମାନ୍ୱୟରେ ୩ ଜିଲ୍ଲାପାଳ ଓ ତୃତୀୟଲିଙ୍ଗୀଙ୍କ ପାଇଁ କାମ କରୁଥିବା ୨ଏନ୍‌ଜିଓ ପ୍ରତିନିଧି ଏହାର ସଦସ୍ୟଭାବେ ବୋର୍ଡରେ ସ୍ଥାନ ପାଇବେ।

# ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇପାରିବେ ଚାଷୀ

ଭୁବନେଶ୍ୱର, ୧୬/୫ (ନି.ପ୍ର): ଅଦିନିଆ ବର୍ଷା ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହିତ ହେବା ପରେ ପ୍ରତିକ୍ରିୟା ରଖିଲେ ରାଜସ୍ୱ ମନ୍ତ୍ରୀ । ପ୍ରତିକ୍ରିୟା ରଖି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ପୂର୍ବରୁ ଅଦିନିଆ ବର୍ଷାକୁ ରାଜ୍ୟ ସରକାର ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗ୍ରହଣ କରିଥିଲେ । ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି । ଏହାଦ୍ୱାରା ଓଡ଼ିଶାର କୃଷକମାନେ ଅଦିନିଆ ବର୍ଷାରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ସହାୟତା ପାଇ ପାରିବେ। ଏସଡିଆରଏଫର ବାର୍ଷିକ ଆବଣ୍ଟନର ସର୍ବାଧିକ ୧୦ ପ୍ରତିଶତ ଅର୍ଥ ଏଥିପାଇଁ ବିନିଯୋଗ ହୋଇପାରିବ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତି ଦ୍ୱାରା ଅଦିନିଆ ବର୍ଷା ସ୍ଥାୟୀ ଭାବେ ଏକ ରାଜ୍ୟଭିତ୍ତିକ ବିପର୍ଯ୍ୟୟ ଭାବେ ଗୃହୀତ ହୋଇଛି ଏବଂ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ଏଥିପାଇଁ କୃଷକମାନଙ୍କୁ ସହାୟତା ପ୍ରଦାନ କରାଯାଇପାରିବ। କେନ୍ଦ୍ର ସରକାରଙ୍କ ଗାଇଡ୍ ଲାଇନ ଅନୁଯାୟୀ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିଲେ ଚାଷୀଙ୍କୁ ମିଳିବ କ୍ଷତି ପୂରଣ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

# ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମରେ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିରପାଇଁ ପ୍ରସ୍ତୁତି ବୈଠକ

ଜଳେଶ୍ୱର, ୧୬/୫ (ନି.ପ୍ର): ଶୁକ୍ରବାର ସନ୍ଧ୍ୟା ୬ ଘଟିକା ସମୟରେ ଜଳେଶ୍ୱର ନୂଆବଜାର ଜାତୀୟ ରାଜପଥ ପାର୍ଶ୍ୱସ୍ଥ ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମ ପରିସରରେ ଜିଲ୍ଲା ରକ୍ତଦାତା ସଙ୍ଘର ସଭାପତି କମଳ ଚକ୍ରବର୍ତ୍ତୀଙ୍କ ପୌରହିତରେ ଆସନ୍ତା ୨୦ ତାରିଖ ସକାଳ ୯ ଘଟିକା ସମୟରେ ନର୍ସିଂ ହୋମ ପରିସରରେ ଏକ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ସ୍ଥିରିକୃତ ହୋଇଅଛି ।ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଯୋଗୁଁ ଜିଲ୍ଲାର ରକ୍ତ ସଂଗ୍ରହ ହାର ଆଶାନୁରୂପ ହେଉ ନ ଥିବାରୁ ଜିଲ୍ଲାର ସାଢ଼େ ଆଠ ଶହରୁ ଅଧିକ ଥେଲାସେମିଆ ରୋଗୀଙ୍କର ରକ୍ତର



ଚାହିଦା ମେଣ୍ଟାଇବା ପାଇଁ ଜିଲ୍ଲା ରକ୍ତଦାତା ସଙ୍ଘ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ନର୍ସିଂ ହୋମ, ଡିଗ୍ରୀ ମହାବିଦ୍ୟାଳୟ, ବୈଷୟିକ ମହାବିଦ୍ୟାଳୟ, ଶିକ୍ଷ ତାଲିମ କେନ୍ଦ୍ରର କର୍ତ୍ତୃପକ୍ଷଙ୍କୁ ଗ୍ରୀଷ୍ମକାଳୀନ ରକ୍ତଦାନ ଶିବିର ସଙ୍ଗଠିତ କରି ଜିଲ୍ଲାର ରକ୍ତର ଚାହିଦାକୁ ପୂରଣ କରିବା ସହିତ ଥେଲାସେମିଆ ରୋଗୀ ମାନଙ୍କର ଜୀବନ ବଞ୍ଚାଇବା ପାଇଁ ଜିଲ୍ଲା ସଙ୍ଗଠନର ସଭାପତି କମଳ ଚକ୍ରବର୍ତ୍ତୀ ଓ ସାଧାରଣ ସମ୍ପାଦକ ଡଃ ହୃଷୀକେଶ ସାହୁ ନିବେଦନ କରିଛନ୍ତି ।ଏହି ପରିପ୍ରେକ୍ଷିରେ ଜଳେଶ୍ୱର ରାମକୃଷ୍ଣ ମେଟାରନିଟି ନର୍ସିଂ ହୋମରେ ଆସନ୍ତା ୨୦ ତାରିଖ ମଙ୍ଗଳବାର ସକାଳ ୯ ଘଟିକା ସମୟରେ ଏକ ରକ୍ତଦାନ ଶିବିର ସଙ୍ଗଠିତ ହେବ। ଉକ୍ତ ପ୍ରସ୍ତୁତି ବୈଠକରେ ନର୍ସିଂ ହୋମର ପରିଚାଳନା ନିର୍ଦ୍ଦେଶକ ସୁଭେନ୍ଦୁ ରାଉତ, ପରିଚାଳକ ଶିବ ନାରାୟଣ ଗିରି, ଶଙ୍କଦୀପ ଶାହା, ରାଜୁ ବେରା, ସପନ କୁମାର ଗିରି, ସନ୍ତୋଷ କୁମାର ପାତ୍ର, ମନ୍ଦିତା ମହାନ୍ତି, ଦିପ୍ତୀ ଆଚାର୍ଯ୍ୟ, ପ୍ରତିମା ଦାସ, ଉପାସନା ସାହୁ, ସସ୍ମିତା ଦଳାଇ, ଶୁଭଶ୍ରୀ ଦାସ, ସବିତା ଜେନା, ଦେବସ୍ମିତା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଶେଷରେ ସୀତା ମଣ୍ଡଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ନାମ ଲେଖା ଚାଲୁଅଛି
SAI SADHANA
ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର
୧ମ ରୁ ୧୦ମ (ଓଡ଼ିଆ ମାଧ୍ୟମ)
ସାଇ ସାଧନା +2 Sc./Arts (ଉଦଳା)
ନାମଲେଖା ଚାଲୁଅଛି
ସାଇ ସାଧନା +୩ ସାଇନ୍ସ
Hons = Phy., Chem., Math., Comp.Sc., Bot., Zool
ରେସିଡେନସିଆଲ / ଡେ ବୋଡ଼ିଂ
ସାଇ ସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Mob. : 9437294587, 9438317887

# ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର

ଭୁବନେଶ୍ୱର, ୧୬/୫ (ନି.ପ୍ର): ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର। ବର୍ଷକର ସଫଳତା ଧରି ଲୋକଙ୍କ ପାଖକୁ ଯିବେ ସରକାର। ୨୧ ନିର୍ବାଚନ ପ୍ରତିଶୃତି ବର୍ତ୍ତମାନ୍ ସୁଦ୍ଧା ୧୧ ପ୍ରତିଶ୍ରୁତି ପୂରଣ କରାଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, ଆଗାମୀ ଦିନରେ ଅବଶିଷ୍ଟ ପ୍ରତିଶ୍ରୁତି ପାଳନ କରାଯିବ। ୮୦୦ ଟଙ୍କା ଇନପୁଟ ସବସିଡି, ଆୟୁଷ୍ମାନ ଭାରତ ଲାଗୁ, ସୁଭଦ୍ରା ଭଳି ପ୍ରମୁଖ ଯୋଜନା କାର୍ଯକାରୀ କରାଯାଇଛି। ଏହି ସଫଳତା ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ କାର୍ଯ୍ୟକ୍ରମ କରି ସରକାର ଲୋକଙ୍କୁ ବୁଝାଇବେ। ବର୍ଷେପୂର୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ମୁଖ୍ୟମନ୍ତ୍ରୀ ଯୋଗାଯୋଗରେ ଅଛି। କେନ୍ଦ୍ର ଗୃହମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀ ବି ଯୋଗ ଦେଇ ପାରନ୍ତି। ସରକାରକୁ ଜୁନ ୧୨ ରେ ବର୍ଷେ ପୁରୁଥିବା ବେଳେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ଜୁନ ୧୨ ତାରିଖରେ ସରକାରକୁ ବର୍ଷେ ପୂରଣ ହେବାକୁ ଯାଉଥିବା ବେଳେ ଲୋକଙ୍କ ପାଖକୁ ରିପୋର୍ଟ କାର୍ଡ ନେଇ ଯିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର । ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ ଓ ଅନ୍ୟ କେନ୍ଦ୍ର ମନ୍ତ୍ରୀ ମାନଙ୍କୁ ନିମନ୍ତ୍ରଣ କରିବାକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଯୋଗାଯୋଗରେ ରହିଛି । ବର୍ଷ ପୂର୍ତ୍ତିକୁ ଉତ୍ସବ ଭାବେ ନୁହେଁ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ପାଳନ କରାଯିବ । ଲୋକଙ୍କ ପାଖକୁ ପ୍ରଦର୍ଶନ କାର୍ଡ ଧରିକି ଯିବୁ । ରାଜ୍ୟର ୧ କୋଟି ପରିବାର ପାଖରେ ଆମେ ଆମ ରିପୋର୍ଟ କାର୍ଡ ଧରି ପହଁଚିବୁ। ଏହା ସହ ଆଗାମୀ ଦିନ ଲାଗି ଲୋକଙ୍କ ପରାମର୍ଶ ଲୋଡ଼ିବେ ରାଜ୍ୟ ସରକାର । ରାଜ୍ୟ, ଜିଲ୍ଲାଠୁ ନେଇ ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥା ଗୁଡ଼ିକରେ କାର୍ଯ୍ୟକ୍ରମ କରାଯିବ । ଜୁନ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❐ Editor: Sairindhree Sahoo
❐ Managing & Executive Editor : Srustidhar Parida